

ଅକ୍ଷୟଙ୍କ 'ଜଙ୍ଗଲୀ' ଲୁକ୍


▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-317 ♦SATURDAY ♦16 MAY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୧୭ ♦ଶନିବାର ♦୧୬ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



# The Toppers Factory of Odisha... again

CBSE 12th Result 2026



99% SWAYAM SAMBHAV RAJGURU



98% NIKHILESWAR SINGH



97% SASWAT PRIYADARSI KUMURA



97% BABITA PADHAN

■ 150+ Students got 90% & above ■ 90% Students got more than 10th Marks

97% SHREYA SEPHALIKA PATRA
97% TANISHA NAIK
97% SWETA AGRAWAL
96% RUTUPARNA SAHU
96% AKASH MANSINGKA
96% SIDDHI SAMRUDDHI PANDA
96% AAKARSHI BANSAL
96% AARUSHI BANSAL
96% ANNAPURNA TRIPATHY
96% LISA BHOI
95% DUNESH CHAKRADHARI
95% K VEENITH KUMAR DORA
95% PIBYANKA BHOI
95% SANJU SAHU
95% MANISH YADAV
94% GOUTAM KUMAR JAIN
94% MAHESH BHOI
94% RADHIKA AGRAWAL
94% SMRUTI REKHA HOTA
94% TANUSHREE KUANR
94% ARCHIKA NATH
94% MONALISA PRUSETH
94% MOUSUMI SAHU
94% PALAK AGRAWAL
94% VAISHNAVI VARMA
93% SATTWIK SAMANTRAY
93% DIVYA TRIPATHY
93% PRIYANI SAHU
93% SAMRUDDHI JAIPURIA
93% SHRIYANSHEE NAIK
93% OMKAR AYASKANT MEHER
93% PIYUSH PRADHAN
93% PRAGNYA RASHMI SAHU
93% PRIYANSA PARIMITA NAIK

& Many many more...

## Growth over 10th Marks

| Name | 10th% | 12th% | Growth % |
|---|---|---|---|
| HARSH PANDEY | 45 | 82 | 37 |
| MILAN PANDEY | 60 | 90 | 30 |
| RADHIKA AGRAWAL | 65 | 94 | 29 |
| OJAS KALO | 45 | 73 | 28 |
| SATTWIK SAMANTRAY | 66 | 93 | 27 |
| ANSHUMAN PANDA | 56 | 83 | 27 |
| RANJAN SAHU | 60 | 87 | 27 |
| CHIRANJIT MAHANANDA | 55 | 81 | 26 |
| SUBHAM MEHER | 70 | 96 | 26 |
| SWAYAM SAMBHAV RAJGURU | 73 | 99 | 26 |
| TANUSHREE KUANR | 69 | 94 | 25 |
| BENNY OOIJER XESS | 65 | 90 | 25 |
| RUDRA KUMAR SA | 69 | 93 | 24 |
| AKASH BHAINSA | 59 | 83 | 24 |
| ANWESHA SAHU | 62 | 86 | 24 |
| AYUSHI PATTNAIK | 63 | 87 | 24 |
| DOLOP SINGH | 55 | 78 | 23 |
| TANISHA HANUMAN | 54 | 77 | 23 |
| HONEY MAKHIJA | 70 | 93 | 23 |
| SUBHANKAR BEHERA | 60 | 83 | 23 |
| KRISHNA PAREEK | 61 | 83 | 22 |
| AYUSHI MISHRA | 71 | 93 | 22 |
| PRINCE HASDA | 61 | 83 | 22 |
| BASUDEV PATEL | 60 | 82 | 22 |
| SHRIYANSH MEHER | 58 | 80 | 22 |
| MONALISA PRUSETH | 72 | 94 | 22 |

& a long list...

96% AYUSH KUMAR TANTY
96% PALAK GUPTA
96% NAITIK AGRAWAL
96% SHRUTI PRIYA AGRAWAL
96% SAMIP KUMAR DASH
96% SHUBHANKAR BEHERA
96% PRIYADARSHI NAG
96% SUBHAM MEHER
96% SANSHREY SHARAF
96% SHRAVANI MAHAPATRA
95% ARMAAN SA
95% ROSHNI GUPTA
95% P. DIVYANSU ACHARY
95% SUSHREE SAGARIKA PRADHAN
94% AKANKSHYA MISHRA
94% KRISHNA BANSAL
94% ASHIS MEHER
94% N SHUBHASHREE
94% AMIT KARA
94% AYUSHMAN DEBTA
93% ADITYA NAG
93% DIKSHA PATEL
93% KESHAV BANSAL
93% MANYATA PRIYADARSHINI ACHARYA
93% RUDRA KUMAR SA
93% HONEY MAKHIJA
93% MUSKAN BEHERA
93% SAMIKSHYA NAIK
93% YUVRAJ SHARMA
93% AYUSHI MISHRA

**Admissions Open 2026-27**

**Nursery - XI**

Science | Commerce | Humanities

जीवा जयोतिर् अशीमहि

# VEDIC INTERNATIONAL SCHOOL

SAMBALPUR | RAIGARH | BARGARH | RAIPUR

Pabpali, Sason, **Sambalpur.**
M: 8117812340 / 9124612340

Govindpali, **Bargarh.**
M: 9124572708 / 9178712340 / 9124572710

www.vedic.ac.in

# କୁଳଦୀପଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା: ଜାମିନ ରଦ୍ଦ



ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ଉନ୍ନାଓ ନାବାଳିକା ଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ସୁପ୍ରିମକୋର୍ଟଙ୍କଠାରୁ ଏକ ବଡ଼ ଶକ୍ତ ଧକ୍କା ଲାଗିଛି। ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶ ଉପରେ ଲଗାଯାଇଥିବା ରୋକକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ପୀଠ ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ, 'ଜଣେ ବିଧାୟକ ପୋକ୍‌ସୋ ଆଇନ ଅଧୀନରେ ଜଣେ ସାର୍ବଜନୀନ ସେବକ ବା 'ପବ୍ଲିକ୍ ସର୍ଭ୍ୟାଣ୍ଟ' ନୁହନ୍ତି ବୋଲି ହାଇକୋର୍ଟ ଯେଉଁ ଯୁକ୍ତି ଦର୍ଶାଇଥିଲେ, ତାହାକୁ ଆମେ ଗ୍ରହଣ କରୁନାହୁଁ।' ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ଏହି ମାମଲାର ମୁଖ୍ୟ ଆବେଦନ ଉପରେ ଦୁଇ ମାସ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ସେଙ୍ଗରଙ୍କୁ ମିଳିଥିବା ସର୍ତ୍ତମୂଳକ ଜାମିନ ରଦ୍ଦ ହୋଇଛି ଏବଂ ତାଙ୍କୁ ପୁଣି ଜେଲ ଯିବାକୁ ପଡ଼ିବ। ଗତ ମାସରେ ଦିଲ୍ଲୀ ହାଇକୋର୍ଟ ସେଙ୍ଗରଙ୍କ ସଜାକୁ ସ୍ଥଗିତ ରଖି ଜାମିନ ପ୍ରଦାନ କରିଥିଲେ। କୋର୍ଟ କହିଥିଲେ ଯେ ସେଙ୍ଗର ଜଣେ ବିଧାୟକ ହୋଇଥିବାରୁ ତାଙ୍କୁ ତଳ କୋର୍ଟ 'ସାର୍ବଜନୀନ ସେବକ' ଭାବେ ବିଚାର କରିବା ଉଚିତ ନୁହେଁ। ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେଙ୍ଗର ଜେଲରୁ ବାହାରିବା ପରେ ପୀଡ଼ିତା ଏବଂ ତାଙ୍କ ମା'ଙ୍କୁ କେନ୍ଦ୍ରୀୟ ସୁରକ୍ଷା ବଳ ଦ୍ୱାରା ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ଏକ ଚଳନ୍ତା ବସରୁ ପୀଡ଼ିତାଙ୍କ ମା'ଙ୍କୁ ବାହାର କରିଦେବା ଭଳି ଏକ ଚାଞ୍ଚଲ୍ୟକର ଭିଡିଓ ସାମ୍ନାକୁ ଆସିଥିଲା, ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ପୀଡ଼ିତାଙ୍କ ମା' କାନ୍ଦି କାନ୍ଦି କହିଥିଲେ, 'ଆମକୁ ନ୍ୟାୟ ମିଳିଲା ନାହିଁ, ସେମାନେ ଆମକୁ ମାରିଦେବାକୁ ଚାହୁଁଛନ୍ତି।'



# ଭୋଜଶାଳା ଏକ ମନ୍ଦିର: ହାଇକୋର୍ଟ

ଭୋପାଳ, ୧୫।୫(ଏଜେନ୍ସି): ଧାର୍ ଜିଲ୍ଲାର ବିବାଦୀୟ ଭୋଜଶାଳା-କମଲ ମୌଲା ମସଜିଦ୍ ପରିସରକୁ ନେଇ ଶୁକ୍ରବାର ମଧ୍ୟପ୍ରଦେଶ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ଏହି ବିବାଦୀୟ ପୀଠକୁ ମନ୍ଦିର ବୋଲି ରାୟ ଦେବା ସହିତ ଏଏସ୍‌ଆଇ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। କୋର୍ଟ କହିଛନ୍ତି ।।ଯେ ଏହି ସ୍ଥାନର ଧାର୍ମିକ ସ୍ୱରୂପ ହେଉଛି 'ଭୋଜଶାଳା', ଯାହା ମା' ସରସ୍ୱତୀଙ୍କର ଏକ ପ୍ରାଚୀନ ମନ୍ଦିର। ଐତିହାସିକ ତଥ୍ୟ ଏବଂ ସ୍ଥାପତ୍ୟ କଳାକୁ ଆଧାର କରି କୋର୍ଟ କହିଛନ୍ତି ଯେ, ଏହା ପରମାର ବଂଶର ରାଜା ଭୋଜଙ୍କ ଦ୍ୱାରା ନିର୍ମିତ ସଂସ୍କୃତ ଶିକ୍ଷା କେନ୍ଦ୍ର ଓ ମନ୍ଦିର ଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ଏହି ସ୍ଥାନର ସଂରକ୍ଷଣ ଏବଂ ପରିଚାଳନା ଦାୟିତ୍ୱରେ ରହିବ। ପୂର୍ବରୁ ହିନ୍ଦୁମାନଙ୍କ ପୂଜା ଅଧିକାର ଉପରେ ଥିବା କଟକଣାକୁ କୋର୍ଟ ହଟାଇ ଦେଇଛନ୍ତି। ମୁସଲିମ୍ ସମ୍ପ୍ରଦାୟର ପ୍ରାର୍ଥନା ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନଙ୍କୁ ମସଜିଦ୍ ନିର୍ମାଣ ପାଇଁ ଧାର୍ ଜିଲ୍ଲାରେ ଅନ୍ୟ ଏକ ଉପଯୁକ୍ତ ଜମି ଯୋଗାଇ ଦିଆଯାଉ। ବ୍ରିଟେନରୁ ମା' ସରସ୍ୱତୀଙ୍କ ପ୍ରାଚୀନ ମୂର୍ତ୍ତି ଫେରାଇ ଆଣିବା ପାଇଁ ହୋଇଥିବା ଆବେଦନ ଉପରେ କେନ୍ଦ୍ର ସରକାର ବିଚାର କରିବାକୁ କୋର୍ଟ କହିଛନ୍ତି।

## ମଣିପୁରରେ ୩୧ ବନ୍ଧକ ମୁକ୍ତ

### ଏବେ ବି ୭ ଜଣ ଅଜ୍ଞାତ ଗୋଷ୍ଠୀ ହାତରେ

ଇମ୍ଫାଲ, ୧୫।୫(ଏଜେନ୍ସି): ମଣିପୁରର କାଙ୍ଗପୋକପି ଏବଂ ସେନାପତି ଜିଲ୍ଲାରେ ହିଂସା ପରେ ବନ୍ଧକ ଥିବା ୩୮ ଜଣଙ୍କ ମଧ୍ୟରୁ ୩୧ ଜଣଙ୍କୁ ସଶସ୍ତ୍ର ଗୋଷ୍ଠୀ ମୁକ୍ତ କରିଛନ୍ତି। ସରକାର ଏବଂ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସ ପରେ ଏହି ସାଧାରଣ ନାଗରିକମାନେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରେ ନାଗା ସମ୍ପ୍ରଦାୟର ୧୨ ଜଣ ମହିଳା, କୁକି ସମ୍ପ୍ରଦାୟର ୪ ଜଣ ପୁରୁଷ ଓ ୧୦ ଜଣ ମହିଳା ଏବଂ 'ଡନ୍ ବୋସ୍କୋ'ର ଦୁଇଜଣ ସଦସ୍ୟ ଅଛନ୍ତି। ମୁକ୍ତ ହୋଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ସେମାନଙ୍କୁ ଆଖିରେ ପଟି ବାନ୍ଧି ପାହାଡ଼ିଆ ଓ ଜଙ୍ଗଲିଆ ରାସ୍ତାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା। ହାତ ବନ୍ଧା ହୋଇଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି ଶାରୀରିକ ଆକ୍ରମଣ ହୋଇନଥିଲା। ମୋଟ ୩୮ ଜଣଙ୍କ ମଧ୍ୟରୁ ଆହୁରି ୭ ଜଣ ବର୍ତ୍ତମାନ ସୁଦ୍ଧା ସଶସ୍ତ୍ର ଗୋଷ୍ଠୀଙ୍କ କବ୍ଜାରେ ଅଛନ୍ତି। ୟୁନାଇଟେଡ୍ ନାଗା କାଉନସିଲ୍ ଏବଂ କୁକି ଇନପି ମଣିପୁର ପକ୍ଷରୁ ସମସ୍ତ ବନ୍ଧକଙ୍କୁ ଆଜି ସନ୍ଧ୍ୟା ସୁଦ୍ଧା ଛାଡ଼ିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି।

## ବିଧାୟକଙ୍କ ଭାଇଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ପାଟନା, ୧୫।୫(ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଚ୍ୟାଲେଞ୍ଜ କରି ଦୁଇଜଣ ବାଇକ୍ ଆରୋହୀ ଦୁର୍ବୃତ୍ତ ଆରଜେଡି ବିଧାୟକ ରାହୁଲ କୁମାରଙ୍କ ଭାଇ ରୋହିତ କୁମାରଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଛନ୍ତି। ଶୁକ୍ରବାର ଦିନ କଙ୍କଡ଼ବାଗ୍ ଥାନା ଅନ୍ତର୍ଗତ ସାଇ ମନ୍ଦିର ନିକଟରେ ଏହି ଘଟଣା ଘଟିଛି। ରୋହିତ କୁମାର ମନ୍ଦିର ନିକଟ ଦେଇ ଯାଉଥିବା ସମୟରେ ଦୁଇଜଣ ଅଜଣା ଅପରାଧୀ ବାଇକ୍‌ରେ ଆସି ମାତ୍ର କିଛି ସେକେଣ୍ଡ ମଧ୍ୟରେ ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଚମ୍ପଟ ମାରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାଟି ନିକଟରେ ଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯାହାକୁ ଆଧାର କରି ପୁଲିସ ଅପରାଧୀଙ୍କୁ ଖୋଜୁଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କଙ୍କଡ଼ବାଗ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବ୍ରିଟେନ୍‌ରେ ଭଣ୍ଡ ଇମାମକୁ ଆଜୀବନ ଜେଲ୍

### 'ଜିନ୍' ଶକ୍ତିର ଭୟ ଦେଖାଇ କରୁଥିଲେ ଦୁଷ୍କର୍ମ

ଲଣ୍ଡନ, ୧୫।୫(ଏଜେନ୍ସି): ନିଜକୁ ଅଲୌକିକ ଶକ୍ତିର ଅଧିକାରୀ କହି ମହିଳା ଓ ଶିଶୁମାନଙ୍କୁ ଯୌନ ଶୋଷଣ କରୁଥିବା ଜଣେ ପୂର୍ବତନ ଇମାମଙ୍କୁ ବ୍ରିଟେନର ଏକ ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫୪ ବର୍ଷୀୟ ଅବଦୁଲ ହାଲିମ ଖାନଙ୍କୁ ଅତି କମରେ ୨୦ ବର୍ଷ ଜେଲରେ ରହିବାକୁ ପଡ଼ିବ। ଅବଦୁଲ ୨୦୦୪ ରୁ ୨୦୧୫ ମଧ୍ୟରେ ୭ ଜଣ ମହିଳା ଓ ଶିଶୁଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୀଡ଼ିତାଙ୍କ ମଧ୍ୟରେ ୧୨ ବର୍ଷର ନାବାଳିକା ମଧ୍ୟ ସାମିଲ ଅଛନ୍ତି। ସେ ନିଜକୁ ଜଣେ 'ଜିନ୍' (ଅଲୌକିକ ଆତ୍ମା) ରୂପେ ବଦଳାଇ ପାରନ୍ତି ବୋଲି କହି ପୀଡ଼ିତାମାନଙ୍କୁ ବିଶ୍ୱାସ ଜନ୍ମାଉଥିଲେ ଏବଂ 'କଳା ଯାଦୁ'ର ଭୟ ଦେଖାଇ ସେମାନଙ୍କୁ ଚୁପ୍ ରଖୁଥିଲେ। ଜଣେ ଧର୍ମଗୁରୁ ଭାବେ ନିଜର ପ୍ରତିପତ୍ତିକୁ ବ୍ୟବହାର କରି ସେ ଅସହାୟ ମହିଳା ଓ କନ୍ୟାମାନଙ୍କୁ ଶୋଷଣ କରୁଥିଲେ। ବିଚାରପତି ଏହି ଘଟଣାକୁ 'ଭୟଙ୍କର ଏବଂ ବିଶ୍ୱାସଘାତକତାର ଚରମ ସୀମା' ବୋଲି ବର୍ଣ୍ଣନା କରିଛନ୍ତି।

## ଉଦ୍ଧବ ଗୋଷ୍ଠୀକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

### 'ଗଣମାଧ୍ୟମରେ ଦାୟିତ୍ୱହୀନ ବୟାନବାଜି ବନ୍ଦ କର'

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ଶିବସେନା ବିବାଦ ମାମଲାରେ ଶୁକ୍ରବାର ସୁପ୍ରିମକୋର୍ଟ ଉଦ୍ଧବ ଠାକରେ ଗୋଷ୍ଠୀକୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ମାମଲା ବିଚାରଧୀନ ଥିବାବେଳେ କୋର୍ଟଙ୍କ ବିଷୟରେ ଗଣମାଧ୍ୟମରେ ଦାୟିତ୍ୱହୀନ ମନ୍ତବ୍ୟ ଦେବାକୁ ନେଇ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି। 'ସାବଧାନ ରୁହନ୍ତୁ, କୋର୍ଟ ଉପରେ ଚାପ ପକାଇବାକୁ ଚେଷ୍ଟା କରନ୍ତୁ ନାହିଁ, ' ବୋଲି ମୁଖ୍ୟ ବିଚାରପତି କହିଛନ୍ତି। କୋର୍ଟ ନିଷ୍ପତ୍ତି ନେଉନାହାନ୍ତି ବୋଲି ବାହାରେ କୁହାଯିବାକୁ ସେ ନାପସନ୍ଦ କରିଛନ୍ତି। କୋର୍ଟ କହିଛନ୍ତି ଯେ ନ୍ୟାୟିକ ପ୍ରକ୍ରିୟା ବାହ୍ୟ ବୟାନବାଜି ଦ୍ୱାରା ପ୍ରଭାବିତ ହେବ ନାହିଁ ଏବଂ ସମସ୍ତ ପକ୍ଷଙ୍କୁ ଶୁଣାଣି ପାଇଁ ଉପଯୁକ୍ତ ସମୟ ଦିଆଯିବ। ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ଶିବସେନାରେ ବିଭାଜନ ହୋଇଥିଲା। ଏହି ମାମଲା ଦଳର ନାମ, ଚିହ୍ନ ଏବଂ ବିଧାୟକଙ୍କ ଅଯୋଗ୍ୟତାକୁ ନେଇ କୋର୍ଟରେ ଚାଲିଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଜୁଲାଇ ୩୦ ତାରିଖ ଧାର୍ଯ୍ୟ କରାଯାଇଛି।

## ଗର୍ଭବତୀ ପତ୍ନୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

ଗୋରଖପୁର, ୧୫।୫(ଏଜେନ୍ସି): ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାରେ ଜଣେ ବ୍ୟକ୍ତି ନିଜର ଗର୍ଭବତୀ ପତ୍ନୀର ଗଳା ଚିପି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଷାକ ପରିଧାନକୁ ନେଇ ସୃଷ୍ଟି ହୋଇଥିବା ବିବାଦ କରୁଣ ପରିଣତିରେ ଶେଷ ହୋଇଛି। ଗୋରଖପୁର ଜିଲ୍ଲାର ମୁକରିପୁର ଗ୍ରାମର ବାସିନ୍ଦା ଶାଦାବ, ପ୍ରାୟ ୬ ମାସ ପୂର୍ବେ ମୁମ୍ବାଇର ବାସିନ୍ଦା ନିଖତଙ୍କୁ ପ୍ରେମ ବିବାହ କରିଥିଲେ। ମୁମ୍ବାଇର ଆଧୁନିକ ଜୀବନଶୈଳୀରେ ଅଭ୍ୟସ୍ତ ନିଖତ ଗ୍ରାମୀଣ ପରିବେଶ ସହ ଖାପଖୁଆଇ ଚଳିବାରେ ଅଣନିଃଶ୍ୱାସୀ ହୋଇପଡୁଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହେଉଥିଲା। ମୁଖ୍ୟ ବିବାଦ ପତ୍ନୀ ନିଖତଙ୍କ ଟି-ସାର୍ଟ ଏବଂ ଲୋୟର ପିନ୍ଧିବା ନେଇ ହୋଇଥିଲା। ସ୍ୱାମୀ ଶାଦାବ ଏହାକୁ ତୀବ୍ର ବିରୋଧ କରୁଥିଲା। ତେବେ ପୁଲିସ ତଦନ୍ତ ବେଳେ ସେମାନଙ୍କ ହ୍ୱାଟସ୍‌ଆପ୍ ଚାଟ୍‌ରୁ ଜଣାପଡ଼ିଛି ଯେ, ଶାଦାବ ନିଖତଙ୍କୁ ପାରମ୍ପରିକ ପୋଷାକ ପିନ୍ଧିବାକୁ ବାଧ୍ୟ କରୁଥିଲା।

# ଖୋଲୁଛି ନିଟ୍ ଲିକ୍ ଷଡ଼ଯନ୍ତ୍ର ଗୁମର

## ଲିକ୍ ପଛରେ ରାଜସ୍ଥାନର ଗୋଟିଏ ପରିବାର



ଜୟପୁର, ୧୫।୫(ଏଜେନ୍ସି): ଚଳିତ ବର୍ଷର ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରାଜସ୍ଥାନର ବିୱାଲ୍ ପରିବାର ଏହି ମହାଘୋଟାଲାର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ସେମାନେ କେବଳ ଚଳିତ ବର୍ଷ ନୁହେଁ, ବରଂ ଗତ ବର୍ଷ ମଧ୍ୟ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ହାତେଇଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ, ଏହି

- ■ ପରିବାରର ୫ ସନ୍ତାନଙ୍କ ପାଖକୁ ଆସିଥିଲା ପ୍ରଶ୍ନପତ୍ର
- ■ ଦୁଇ ଭାଇ ମୁଖ୍ୟ କାର୍ପଟଦାର

ପରିବାରର ପାଞ୍ଚ ଜଣ ସନ୍ତାନଙ୍କ ନିକଟକୁ ପୂର୍ବରୁ ପ୍ରଶ୍ନପତ୍ର ପହଞ୍ଚିଥିଲା। ତଦନ୍ତକାରୀ ସଂସ୍ଥା ଅନୁସାରେ, ଜୟପୁର ଜିଲ୍ଲା ଜାମୱା ରାମଗଡ଼ର ବାସିନ୍ଦା ମାଙ୍ଗିଲାଲ ବିୱାଲ୍ ଏବଂ ଦିନେଶ ବିୱାଲ୍ ଏହି କାରବାରର ମୁଖ୍ୟ ସୂତ୍ରଧର। ଏହି ଦୁଇ ଭାଇ ପ୍ରଥମେ ନିଜ ପରିବାରର ପିଲାମାନଙ୍କ ପାଇଁ ପ୍ରଶ୍ନପତ୍ର ଯୋଗାଡ଼ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କୋଟି କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ମାଙ୍ଗିଲାଲଙ୍କ ପୁଅ ବିକାଶ ବିୱାଲ୍, ଯିଏ ବର୍ତ୍ତମାନ ଏମ୍‌ବିବିଏସ୍ ପଢୁଛନ୍ତି, ସେ ମଧ୍ୟ ଏହି ପ୍ରଶ୍ନପତ୍ର ବାଣ୍ଟିବାରେ ସାହାଯ୍ୟ କରିଥିବା ଅଭିଯୋଗ ରହିଛି। ଏଥିପାଇଁ ପ୍ରାୟ ୬୫ ଲକ୍ଷ ଟଙ୍କାର କାରବାର ହୋଇଥିବା କୁହାଯାଉଛି। ଏହି ଘଟଣାରେ ମହାରାଷ୍ଟ୍ର ଏବଂ ହରିୟାଣାର ସମ୍ପୃକ୍ତି ମଧ୍ୟ ମିଳିଛି। ଶୁଭମ୍ ଖୈରନାର ନାମକ ଜଣେ ଛାତ୍ର ଏହି ପ୍ରଶ୍ନପତ୍ରର ମୁଖ୍ୟ ଉତ୍ସ ବୋଲି ଜଣାପଡ଼ିଛି। ସେ ଏହି ପ୍ରଶ୍ନପତ୍ରକୁ ଗୁରୁଗ୍ରାମରେ ଯଶ ଯାଦବଙ୍କୁ ଦେଇଥିଲେ, ଯେଉଁଠାରୁ ଏହା ରାଜସ୍ଥାନର ବିୱାଲ୍ ପରିବାର ପାଖକୁ ଆସିଥିଲା। ଏହି ନେଟୱର୍କରେ ଅନେକ ଡାକ୍ତର ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ଥିବା ଜଣାପଡ଼ିଛି। ରାଜସ୍ଥାନର ସିକରଠାରେ ଥିବା କିଛି କୋଚିଂ ସଂସ୍ଥା ମଧ୍ୟ ଏହି ଘଟଣାରେ ସନ୍ଦେହ ଘେରରେ ଅଛନ୍ତି। ଏହି ବଡ଼ ଧରଣର ଅନିୟମିତତା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଦୋଷ ସ୍ୱୀକାର କରିବା ସହ ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ଏହିପରି ଭାବେ ପ୍ରଶ୍ନପତ୍ର ଲିକ୍ ହେଉଥିବା ବେଳେ ଏହା ସାମ୍ନାକୁ ଆସିପାରୁ ନଥିଲା। ମାତ୍ର ଚଳିତ ବର୍ଷ କୋଚିଂ ସଂସ୍ଥାଗୁଡ଼ିକ ମଧ୍ୟରେ ଥିବା ପ୍ରତିଯୋଗିତା ଯୋଗୁଁ ଏହି ବଡ଼ ର୍‍ୟାକେଟ୍ ପର୍ଦ୍ଦାଫାଶ ହୋଇଛି। ସରକାର ଏବେ ପରୀକ୍ଷାର ନୂତନ ତାରିଖ ଘୋଷଣା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସିକର ଅଞ୍ଚଳର କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ଚାଲିଥିବା ବ୍ୟବସାୟିକ ଶତ୍ରୁତା ଯୋଗୁଁ ଏହି ବଡ଼ ଧରଣର ସ୍କାମ ଲୋକଲୋଚନକୁ ଆସିଛି। ଏହି ର୍‍ୟାକେଟ୍ ବହୁ ବର୍ଷ ଧରି ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହାର ତଦନ୍ତ ଭାର ସିବିଆଇ'କୁ ହସ୍ତାନ୍ତର କରିଛନ୍ତି। ଏହି ଘଟଣା ସାରା ଦେଶରେ ପରୀକ୍ଷା ପରିଚାଳନା ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ନୂଆ ପରୀକ୍ଷା ତାରିଖ ଘୋଷଣା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ପିଭି କୁଲକର୍ଣ୍ଣି ଗିରଫ

ପୁଣେ, ୧୫।୫(ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପୁଣେର ଜଣେ ରସାୟନ ବିଜ୍ଞାନ ଅଧ୍ୟାପକ ପିଭି. କୁଲକର୍ଣ୍ଣିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇ ଗିରଫ କରିଛି। ଅଭିଯୁକ୍ତ କୁଲକର୍ଣ୍ଣି ଏକ ବିଶେଷ ଟ୍ୟୁସନ ସେସନ ମାଧ୍ୟମରେ ଅନେକ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଲିକ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ କୁଲକର୍ଣ୍ଣି ଜଣେ ଅବସରପ୍ରାପ୍ତ କଲେଜ ପ୍ରଫେସର ଏବଂ ସେ ବହୁ ବର୍ଷ ଧରି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ନିଟ୍) ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲର ସଦସ୍ୟ ଥିଲେ। ତେଣୁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ହାତେଇବା ତାଙ୍କ ପକ୍ଷରେ ସମ୍ଭବପର ଥିଲା। ସିବିଆଇର ସୂଚନା ଅନୁଯାୟୀ, ଏପ୍ରିଲ ଶେଷ ସପ୍ତାହରେ କୁଲକର୍ଣ୍ଣି ପୁଣେସ୍ଥିତ ନିଜ ବାସଭବନରେ ଏକ ସ୍ୱତନ୍ତ୍ର କୋଚିଂ କ୍ଲାସ ଆୟୋଜନ କରିଥିଲେ। ସେଠାରେ ସେ ନିଟ୍-ୟୁଜି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନ, ବିକଳ୍ପ ଉତ୍ତର ଏବଂ ସଠିକ୍ ଉତ୍ତରଗୁଡ଼ିକ ଲେଖାଇଥିଲେ।

## ହର୍ମୁଜ ପ୍ରଣାଳୀକୁ ବାଇପାସ୍ କରିବ ୟୁଏଇ




ନୂଆ ତୈଳ ପାଇପ୍‌ଲାଇନ ନିର୍ମାଣ କାର୍ଯ୍ୟକୁ କଲା ତ୍ୱରାନ୍ୱିତ

ଆବୁଧାବି, ୧୫।୫(ଏଜେନ୍ସି): ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ଏବଂ ସାମୁଦ୍ରିକ ପରିବହନରେ ବାଧା ଉପୁଜିବା ପରେ ୟୁଏଇ ଏକ ବଡ଼ ପଦକ୍ଷେପ ନେଇଛି। ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା କମାଇବା ପାଇଁ ୟୁଏଇ ନିଜର ନୂତନ 'ପଶ୍ଚିମ-ପୂର୍ବ ପାଇପଲାଇନ' ପ୍ରକଳ୍ପକୁ ୨୦୨୭ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ହେଉଥିବା ତୈଳ ପରିବହନ ଏକ ପ୍ରକାର ବନ୍ଦ ହୋଇଯାଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ବାଟ ଦେଇ ହୋଇଥାଏ। ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ତୈଳ କମ୍ପାନୀ 'ଆଡନକ' କୁ ଏହି ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ କହିଛନ୍ତି। ଏହାଦ୍ୱାରା ଫୁଜୈରା ବନ୍ଦର ଦେଇ ତୈଳ ରପ୍ତାନି କ୍ଷମତା ଦ୍ୱିଗୁଣିତ ହେବ। ବର୍ତ୍ତମାନ ୟୁଏଇର 'ହବ୍‌ସାନ-ଫୁଜୈରା' ପାଇପଲାଇନ ଦୈନିକ ୧.୮ ମିଲିୟନ ବ୍ୟାରେଲ ତୈଳ ପରିବହନ କରିବାର କ୍ଷମତା ରଖିଛି। ନୂଆ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୟୁଏଇ ଯୁଦ୍ଧଗ୍ରସ୍ତ ଅଞ୍ଚଳକୁ ଏଡ଼ାଇ ସିଧାସଳଖ ଓମାନ ସାଗର ଦେଇ ରପ୍ତାନି କରିପାରିବ। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଫଳରେ କୁଏତ, ଇରାକ, କତାର ଏବଂ ବାହାରିନ ଭଳି ଦେଶମାନେ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି, କାରଣ ସେମାନେ ରପ୍ତାନି ପାଇଁ ସମ୍ପୂର୍ଣ୍ଣ ଭାବେ ଏହି ଜଳପଥ ଉପରେ ନିର୍ଭର କରନ୍ତି। କେବଳ ୟୁଏଇ ଏବଂ ସୌଦି ଆରବ ପାଖରେ ଏପରି ପାଇପଲାଇନ ଅଛି ଯାହା ଏହି ପ୍ରଣାଳୀକୁ ବାଇପାସ୍ କରିପାରିବ। ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି ଏବଂ ଯୋଗାଣରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ୟୁଏଇର ଏହି ରଣନୈତିକ ପଦକ୍ଷେପ ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହା ଭାରତ ଭଳି ଆମଦାନୀକାରୀ ଦେଶମାନଙ୍କ ପାଇଁ ମଧ୍ୟ ଭବିଷ୍ୟତରେ ଆଶ୍ୱସ୍ତିକର ଖବର ହୋଇପାରେ।

## ଆବୁଧାବିରେ ପ୍ରଧାନମନ୍ତ୍ରୀ ମୋଦୀ



ଆବୁଧାବି, ୧୫।୫(ଏଜେନ୍ସି): ବିଶ୍ୱ ଶକ୍ତି ସଙ୍କଟ ଏବଂ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ୟୁଏଇ ଗସ୍ତ କରିଛନ୍ତି। ଆବୁଧାବିରେ ପହଞ୍ଚିବା ପରେ ତାଙ୍କୁ ସେଠାକାର ସରକାରଙ୍କ ପକ୍ଷରୁ ଏକ ଭବ୍ୟ ଏବଂ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ବିମାନ 'ଏୟାର ଇଣ୍ଡିଆ ୱାନ୍' ଯେତେବେଳେ ୟୁଏଇ ଆକାଶ ମାର୍ଗରେ ପ୍ରବେଶ କଲା, ସେତେବେଳେ ୟୁଏଇ ବାୟୁସେନାର ଏଫ୍-୧୬ ବ୍ଲକ-୬୦ 'ଡେଜର୍ଟ ଫାଲକନ୍' ଯୁଦ୍ଧ ବିମାନଗୁଡ଼ିକ ତାଙ୍କୁ ଏସ୍କର୍ଟ କରି ବିମାନବନ୍ଦର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ସ୍ୱତନ୍ତ୍ର ସମ୍ମାନ ପାଇଁ ପିଏମ ମୋଦୀ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହିୟାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତରେ ତୈଳ ଦର ବୃଦ୍ଧି ପାଉଥିବା ସମୟରେ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଏଲ୍‌ପିଜି ଏବଂ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତର ଶକ୍ତି ସୁରକ୍ଷାକୁ ମଜବୁତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ୟୁଏଇ ବର୍ତ୍ତମାନ ଭାରତର ତୃତୀୟ ବୃହତ୍ତମ ବାଣିଜ୍ୟିକ ଅଂଶୀଦାର ଏବଂ ନିବେଶ କ୍ଷେତ୍ରରେ ଏକ ପ୍ରମୁଖ ଦେଶ। ୟୁଏଇରେ ନିଜର ଏକଦିବସୀୟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ୟୁଏଇର ଏହି ରାଜକୀୟ ସ୍ୱାଗତ କେବଳ ଭାରତ-ୟୁଏଇ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ ଦର୍ଶାଉନାହିଁ, ବରଂ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ପ୍ରତିପାଦିତ କରୁଛି। ଏହି ଚୁକ୍ତିନାମାଗୁଡ଼ିକ ଆଗାମୀ ଦିନରେ ଭାରତର ଇନ୍ଧନ ସଙ୍କଟ ଦୂର କରିବାରେ ସହାୟକ ହେବ।

# ୩ ବରିଷ୍ଠ ଆଇପିଏସ ଅଫିସର ନିଲମ୍ବିତ

**ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲା**



କୋଲକାତା, ୧୫।୫(ଏଜେନ୍ସି): ପଶ୍ଚିମବଙ୍ଗର ଆର୍‌ଜି କର ମେଡିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ମାମଲାରେ କାର୍ଯ୍ୟରେ ଅବହେଳା ଏବଂ ତଦନ୍ତରେ ବିଭ୍ରାଟ ଅଭିଯୋଗରେ ରାଜ୍ୟ ସରକାର ଶୁକ୍ରବାର ତିନିଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସଚିବାଳୟରେ ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। କୋଲକାତାର ପୂର୍ବତନ ପୁଲିସ କମିଶନର ବିନିତ ଗୋୟଲ, ପୂର୍ବତନ ଡେପୁଟି କମିଶନର ଇନ୍ଦିରା ମୁଖାର୍ଜୀ ଏବଂ ଅଭିଷେକ ଗୁପ୍ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଅଫିସରମାନଙ୍କ ବିରୋଧରେ ତଦନ୍ତରେ ଅବହେଳା କରିବା, ପୀଡ଼ିତାଙ୍କ ପରିବାରକୁ ଲାଞ୍ଚ ଯାଚିବା ଏବଂ ବିନା ଅନୁମତିରେ ସାମ୍ବାଦିକ ସମ୍ମିଳନୀ କରିବା ଭଳି ଗୁରୁତର ଅଭିଯୋଗ ରହିଛି। ରାଜ୍ୟ ଗୃହ ସଚିବଙ୍କ ନେତୃତ୍ୱରେ ଏହି ଅଫିସରମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ବିଭାଗୀୟ ତଦନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ମୂଳ ଅପରାଧର ତଦନ୍ତ ସିବିଆଇ କରୁଥିବାବେଳେ ରାଜ୍ୟ ସରକାର କେବଳ ଅଫିସରମାନଙ୍କ ଦାୟିତ୍ୱହୀନତା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ୨୦୨୪ ଅଗଷ୍ଟ ମାସରେ ଘଟିଥିବା ଏହି ଘୃଣ୍ୟ ହତ୍ୟାକାଣ୍ଡ ପରେ ପୁଲିସର ଭୂମିକାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବର୍ତ୍ତମାନ ଏହି କାର୍ଯ୍ୟାନୁଷ୍ଠାନ ଦ୍ୱାରା ପ୍ରଶାସନ ପକ୍ଷରୁ ଏକ କଡ଼ା ଆଭିମୁଖ୍ୟ ନେଇ ବାର୍ତ୍ତା ପ୍ରଦାନ କରାଯାଇଛି।

## ସ୍ୱାମୀ, ଭାଇ ସହ ମିଶି ପ୍ରେମିକକୁ ମାରି ଡ୍ରମ୍‌ରେ ଭର୍ତ୍ତି କଲା ପ୍ରେମିକା

ମୁମ୍ବାଇ, ୧୫।୫(ଏଜେନ୍ସି): ମୁମ୍ବାଇରୁ ଏକ ହୃଦୟବିଦାରକ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ମହିଳା ନିଜ ସ୍ୱାମୀ ଓ ଭାଇ ସହ ମିଶି ନିଜ ପ୍ରେମିକକୁ ହତ୍ୟା କରିବା ପରେ ଶବକୁ ଏକ ପ୍ଲାଷ୍ଟିକ ଡ୍ରମ୍‌ରେ ଭର୍ତ୍ତି କରି ନାଳରେ ଫିଙ୍ଗି ଦେଇଛନ୍ତି। ମୃତକ ହେଉଛନ୍ତି ମୁମ୍ବାଇର ଅରବାଜ ମକସୁଦ ଅଲ୍ଲୀ ଖାନ। ସେ ଗତ ଏପ୍ରିଲ ୩ ତାରିଖରୁ ନିଖୋଜ ଥିଲେ। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ମହିଳା ମେହଜବିନ ଏବଂ ତାଙ୍କ ପରିବାର ଲୋକେ ଅରବାଜଙ୍କୁ ଅପହରଣ କରି ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ। ଟଙ୍କା ନମିଳିବାରୁ ସେମାନେ ତାଙ୍କୁ ପ୍ଲାଷ୍ଟିକ ପାଇପ୍‌ରେ ପିଟି ପିଟି ହତ୍ୟା କରିଥିଲେ। ପୁଲିସ ମେହଜବିନ ଏବଂ ତାଙ୍କ ଭାଇ ତାରିଖ ଶେଖଙ୍କୁ ଗିରଫ କରିଛି। ତେବେ ମହିଳାଙ୍କ ସ୍ୱାମୀ ହସନ ଏବଂ ଅନ୍ୟ ଜଣେ ସହଯୋଗୀ ବର୍ତ୍ତମାନ ଫେରାର ଅଛନ୍ତି। ସିସିଟିଭି ଏବଂ ମୋବାଇଲ ଲୋକେସନ ଆଧାରରେ ପୁଲିସ ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛି। ଏହି ଘଟଣାଟି ମିରଟର ପ୍ରସିଦ୍ଧ 'ବ୍ଲୁ ଡ୍ରମ୍' ହତ୍ୟାକାଣ୍ଡର ସ୍ମୃତିକୁ ତାଜା କରିଦେଇଛି, ଯେଉଁଠାରେ ଜଣେ ମହିଳା ନିଜ ସ୍ୱାମୀଙ୍କୁ ହତ୍ୟା କରି ଶବକୁ ୧୫ ଖଣ୍ଡ କରି ଡ୍ରମ୍‌ରେ ପୂରାଇଥିଲେ। ବର୍ତ୍ତମାନ ପୁଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।



# ତେଲ ଦର ବୃଦ୍ଧି: ଏବେ ରୋଷେଇ ଘରେ ଲାଗିବ ନିଆଁ

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ପ୍ରାୟ ଚାରି ବର୍ଷର ବ୍ୟବଧାନ ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ହୋଇଥିବା ବୃଦ୍ଧି କେବଳ ଗାଡ଼ି ଚାଳକଙ୍କୁ ନୁହେଁ, ବରଂ ସାଧାରଣ ଖାଉଟିଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ଶୁକ୍ରବାର ଠାରୁ ଲିଟର ପିଛା ୩ ଟଙ୍କା ବଢ଼ିବା ପରେ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଏହାର ପ୍ରଭାବ ଖୁବଶୀଘ୍ର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପଡ଼ିବାକୁ ଯାଉଛି। ଡିଜେଲ ଦର ବଢ଼ିବା ଯୋଗୁଁ ବସ୍, ଟ୍ରକ୍ ଏବଂ ଅଟୋ ଭଡ଼ା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମାଲ୍ ପରିବହନ ଖର୍ଚ୍ଚ ବଢ଼ିଲେ ବଜାରରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ। ପରିବା, ଫଳ, କ୍ଷୀର ଏବଂ ଶସ୍ୟ ଆଦି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଅମୁଲ୍ ଏବଂ ମଦର ଡାଏରୀ ପରି ସଂସ୍ଥାଗୁଡ଼ିକ ପୂର୍ବରୁ ଲିଟର ପିଛା ୨ ଟଙ୍କା ବଢ଼ାଇ ସାରିଛନ୍ତି। ଡେଲିଭରି ଆପ୍ ଏବଂ ଇ-କମର୍ସ ସଂସ୍ଥାଗୁଡ଼ିକ ସେମାନଙ୍କର ସେବା ଶୁଳ୍କ ବଢ଼ାଇ ପାରନ୍ତି କିମ୍ବା ରିହାତି କମାଇ ଦେଇପାରନ୍ତି। ଗ୍ରାମାଞ୍ଚଳରେ ଚାଷୀମାନେ ଟ୍ରାକ୍ଟର ଏବଂ ପମ୍ପ ସେଟ୍ ପାଇଁ ଡିଜେଲ ବ୍ୟବହାର କରନ୍ତି। ତେଲ ଦର ବଢ଼ିଲେ ଚାଷ ଖର୍ଚ୍ଚ ବଢ଼ିବ, ଯାହା ଶେଷରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବଢ଼ାଇବ। ଅର୍ଥନୀତି ବିଶେଷଜ୍ଞ ରାହୁଲ ଆହଲୁୱାଲିଆଙ୍କ କହିବା ଅନୁସାରେ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଯୋଗାଣ ଅନିଶ୍ଚିତ ହୋଇପଡ଼ିଥିବାରୁ ଏହି ଦର ବୃଦ୍ଧି ଆବଶ୍ୟକ ଥିଲା। ଯଦି ବଜାର ଦର ଅନୁସାରେ ତେଲ ମୂଲ୍ୟ ସ୍ଥିର ନହୁଏ, ତେବେ ଭବିଷ୍ୟତରେ ଏହା ଆହୁରି ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରିପାରେ। ଭାରତରେ ପରିବହନ ଖର୍ଚ୍ଚ ପ୍ରତ୍ୟେକ କ୍ଷେତ୍ର ସହିତ ଜଡ଼ିତ। ତେଣୁ ତେଲ ଦର ବୃଦ୍ଧି ହେଲେ ଦୁର୍ବଳ ଶ୍ରେଣୀର ପରିବାର ଓ ଗ୍ରାମୀଣ ଅର୍ଥନୀତି ସବୁଠାରୁ ଅଧିକ ପ୍ରଭାବିତ ହୋଇଥାଏ। ଆଗାମୀ ଦିନରେ ଯଦି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କମେ ନାହିଁ, ତେବେ ମହଙ୍ଗା ମାଡ଼ରୁ ରକ୍ଷା ପାଇବା ଜନସାଧାରଣଙ୍କ ପାଇଁ କଷ୍ଟକର ହେବ।



“ସମ୍ମାନ ମିଳିଲେ ଖେଳିବି”

▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI





# ତେଲ ଯନ୍ତ୍ରଣା

## ଦର ବଢ଼ିଲା ୩.୧୧ ଟଙ୍କା

### ସିଏନଜି ମଧ୍ୟ ହେଲା ମହଙ୍ଗା

■ ନୂଆଦିଲ୍ଲୀ, ୧୫ ।୫ (ଏଜେନ୍ସି): ହର୍ମୁଜ ସଙ୍କଟ ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ନେଇ ଚିନ୍ତିତ କେନ୍ଦ୍ର ସରକାର ଆଜି ପେଟ୍ରୋଲ ଓ ଡିଜେଲ ଦାମରେ ଲିଟର ପିଛା ତିନି ଟଙ୍କା ବୃଦ୍ଧି କରିଛନ୍ତି । ଏହା ସହିତ ସିଏନଜି ଦରରେ ମଧ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇଛି । ୪ ବର୍ଷର ବ୍ୟବଧାନ ପରେ ସରକାର ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି କରିଥିବାରୁ ଦେଶରେ ମହଙ୍ଗା ପରିସ୍ଥିତି ଗୁରୁତର ଆକାର ଧାରଣ କରିବ । ବିରୋଧୀ ଦଳମାନେ ସରକାରଙ୍କୁ ଦରବୃଦ୍ଧି ନିଷ୍ପତ୍ତିର ସମାଲୋଚନା କରିଥିବା ବେଳେ ତେଲ ଆହୁରି ବୃଦ୍ଧି ପାଇବ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ତୈଳ ସଙ୍କଟ ନେଇ କେନ୍ଦ୍ର ସରକାର ସତର୍କ କରାଇବା ସହିତ ଅନେକ ସରକାରୀ କଟକଣା ଜାରି କରିଥିଲେ । ଏଥିରେ ଆତଙ୍କିତ ହୋଇ ଗତ ତିନି ଦିନ ହେଲା ସାରା ଦେଶରେ ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ଼ ଦେଖିବାକୁ ▶ପୃଷ୍ଠା-୭

## ସବୁ ପେଟ୍ରୋଲ୍ ଟାଙ୍କିରେ ଲମ୍ବା ଧାଡ଼ି

### ସାରା ରାଜ୍ୟରେ ଅଟକିଲା ୪୦ ହଜାର ଟ୍ରକ୍

### ତେଲ କମ୍ପାନୀଙ୍କ ସହ ସରକାରଙ୍କ ବୈଠକ

### ଅଧିକାଂଶ ତେଲ ଟାଙ୍କିରେ ପୁଲିସ ମୁତୟନ

### ପୁଲିସ ତଦାରଖରେ ମୋ' ବସ୍‌ରେ ପଡିଲା ତେଲ

### ସାରା ରାଜ୍ୟରେ ଅଘୋଷିତ ଜରୁରୀ ସ୍ଥିତି:ବିରୋଧୀ



■ ଭୁବନେଶ୍ୱର, ୧୫।୫ (ସମିସ): ସାରା ରାଜ୍ୟରେ ତେଲ ପାଇଁ ହାହାକାର। ପେଟ୍ରୋଲ ପମ୍ପରେ ଲାଗିଛି ଲମ୍ବାଧାଡ଼ି । ଗତକାଲିଠାରୁ ଆଜି ପରିସ୍ଥିତି ଆହୁରି ଅସମ୍ଭାଳ ହୋଇଛି । ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଅପେକ୍ଷା କରିବାକୁ ପଡିଛି। ଲୋକେ ସବୁ କାମ ଧନ୍ଦା ଛାଡି ପେଟ୍ରୋଲ ପମ୍ପରେ ତେଲ ପାଇଁ ଧାଡ଼ି ଲଗାଇଛନ୍ତି। ଅନେକ ପେଟ୍ରୋଲ ପମ୍ପରେ ଭିଡ ନିୟନ୍ତ୍ରଣ କରିବାକୁ ପୁଲିସ ନିୟୋଜିତ କରାଯାଇଛି । ଅଧା ତେଲ ଟାଙ୍କି ଖାଲି, ଆଉ ଅଧା ତେଲ ଟାଙ୍କିରେ ମାଇଲ୍ ମାଇଲ୍ ପର୍ଯ୍ୟନ୍ତ ବାଇକ୍ ଓ କାର୍ ଧାଡ଼ି ଲାଗିଛି। ଆବଶ୍ୟକ ପରିମାଣର ତେଲ ଅଭାବରୁ ରାଜ୍ୟରେ ପ୍ରାୟ ୪୦ ହଜାର ଟ୍ରକ ରାସ୍ତାରେ ଠିଆ ହୋଇଛି । ତେଲ କମ୍ପାନୀଙ୍କ ପାଇଁ ଏଭଳି ସ୍ଥିତି ଉପୁଜିଥିବା ଟ୍ରକ ମାଲିକ ସଂଘ ଅଭିଯୋଗ କରିଛି । ପରିସ୍ଥିତି ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ତେଲ କମ୍ପାନୀ ସହ ଜରୁରୀ ବୈଠକ କରିଛନ୍ତି । ଏହା ପରେ ବି ରାଜ୍ୟ ସରକାର ତେଲର ଅଭାବ ନାହିଁ ବୋଲି କହୁଛନ୍ତି ଓ ▶ପୃଷ୍ଠା-୭

## ବଢ଼ିଲା ବସ୍‌ଭଡ଼ା

■ କଟକ, ୧୫ ।୫ (ସମିସ): ତୈଳ ସଂକଟ ନେଇ ଗୋଟିଏପଟେ ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆଜି ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ପାଇଛି । ଏଥିପାଇଁ ସରକାରଙ୍କ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଟିକ୍ ମେକାନିଜିମ୍) ଅନୁସାରେ ଯାତ୍ରୀବାହୀ ବସ୍ ଭଡ଼ା ବୃଦ୍ଧି ପାଇଛି । ଏ ସଂକ୍ରାନ୍ତରେ ଆଜି ପରିବହନ ପ୍ରାଧିକରଣ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି । ଧାର୍ଯ୍ୟ ଭଡ଼ା ଅନୁସାରେ, ସାଧାରଣ ବସ୍ କିଲୋମିଟର ପ୍ରତି ୮୮ ପଇସାରୁ ୨ ପଇସା ବଢ଼ି ୯୦ ପଇସା ହୋଇଛି । ସେହିଭଳି, ଏକ୍ସପ୍ରେସ୍ ବା ଦ୍ରୁତଗାମୀ ବସ୍ ଭଡ଼ା କିଲୋମିଟର ପ୍ରତି ୯୨ ପଇସାରୁ ୯୪ପଇସା, ଡିଲକ୍ସ ବସ୍ ଭଡ଼ା କିଲୋମିଟର ପ୍ରତି ୧ଟଙ୍କା ୨୭ ପଇସାରୁ ୪ପଇସା ବୃଦ୍ଧି ପାଇ ୧ ଟଙ୍କା ୩୧ ପଇସା ହୋଇଛି । ଏସି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୫୫ପଇସାରୁ ବଢ଼ି ୧ ଟଙ୍କା ୫୯ ପଇସା ଏବଂ ସୁପର୍ ପ୍ରିମିୟମ୍ ବସ୍ କିଲୋମିଟର ପ୍ରତି ୨ଟଙ୍କା ୪୧ପଇସାରୁ ୬ପଇସା ବୃଦ୍ଧି ପାଇ ୨ ଟଙ୍କା ୪୭ ପଇସା ହୋଇଛି । ପ୍ରକାଶଥାଉକି, ଗତକାଲି ଡିଜେଲ ଦର ପୂର୍ବରୁ ୯୨ଟଙ୍କା ୬୨ପଇସା ଥିବା ବେଳେ ଆଜି ବୃଦ୍ଧି ପାଇ ୯୫ଟଙ୍କା ୮୭ପଇସା ହୋଇଛି ।

## ଅଧା ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ

# ଚାଲିଗଲା ରୋଗୀଙ୍କ ଜୀବନ



■ କଟକ, ୧୫।୫(ସମିସ): ରାଜ୍ୟରେ ଗତ କିଛି ଦିନ ହେବ ତୈଳ ସଂକଟ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାର ଭୟଙ୍କର ପ୍ରଭାବ ସ୍ୱାସ୍ଥ୍ୟସେବା ଉପରେ ପଡ଼ିଛି । ଆଜି କଟକ କାଠଯୋଡ଼ି ପୋଲ ଉପରେ ଏକ ଘରୋଇ ଆମ୍ବୁଲାନ୍ସର ତେଲ ସରିଯିବାରୁ ଚିକିତ୍ସାରେ ବିଳମ୍ବ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି । ତୈଳ ଅଭାବରୁ ଏହି କରୁଣ ପରିଣତି ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର କାଠଯୋଡ଼ି ପୋଲ ଉପରେ ଆଜି ଦିନ ଦ୍ୱିପ୍ରହରେ ଏଭଳି ଏକ ଅଭାବନୀୟ ତଥା ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ।

ପରିବାରଲୋକଙ୍କ ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରକାଶ କୁମାର କାଣ୍ଡି (୩୫) ପାରିବାରିକ ଅଶାନ୍ତି ଯୋଗୁଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପରିବାରଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇ ଯାଉଥିଲେ । ଆଜି ଦିନ ପ୍ରାୟ ୧୨ଟାରେ ଆମ୍ବୁଲାନ୍ସଟି କାଠଯୋଡ଼ି ପୋଲ ଉପରେ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ବନ୍ଦ ହୋଇଯାଇଥିଲା । ଗାଡ଼ିରୁ ତେଲ ସରିଯାଇଥିବା ଜଣାପଡ଼ିଥିଲା । ବିଳମ୍ବ ହେବାରୁ ପ୍ରକାଶଙ୍କ ଅବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା । ଆମ୍ବୁଲାନ୍ସରେ ଅକ୍ସିଜେନ୍ ମଧ୍ୟ ଶେଷ ହୋଇଯାଇଥିବା ପରିବାରଲୋକେ ଗୁରୁତର ଅଭିଯୋଗ କରିଛନ୍ତି । ଆମ୍ବୁଲାନ୍ସ ଚାଳକ ତୁରନ୍ତ ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ ରୋଗୀଙ୍କୁ ହସ୍ପିଟାଲ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଧବାଟରେ ଗାଡ଼ି ଅଟକିବା ଯୋଗୁଁ ଯେଉଁ ସମୟ ନଷ୍ଟ ହେଲା, ସେଥିପାଇଁ ପ୍ରକାଶଙ୍କ ଜୀବନ ▶ପୃଷ୍ଠା-୭

### କାଠଯୋଡ଼ି ପୋଲ ଉପରେ ଅଭାବନୀୟ ଘଟଣା

### ଆମ୍ବୁଲାନ୍ସରୁ ସରିଗଲା ତେଲ, ଅକ୍ସିଜେନ୍ ନ ଥିବା ଅଭିଯୋଗ

### ଅଧବାଟରେ ରୋଗୀଙ୍କ ସହ ହନ୍ତସନ୍ତ ହେଲେ ପରିବାରଲୋକେ

---

**ଓଡ଼ିଶାରେ ଏସଆଇଆର**

# ସେପ୍ଟେମ୍ବର ୬ରେ ଚୂଡାନ୍ତ ଭୋଟର ସୂଚୀ



### ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ

### ନିଯୁକ୍ତ ହୋଇଛନ୍ତି ୪୫ ହଜାର ୨୫୫ ଜଣ ବିଏଲ୍ଓ

### ରାଜନୈତିକ ଦଳ ନିଯୁକ୍ତ କଲେଣି ୨୭ ୭୨୩ ବିଏଲ୍ଏ

■ ଭୁବନେଶ୍ୱର, ୧୫।୫ (ସମିସ): ରାଜ୍ୟର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପାଇଁ ୧ ଜୁଲାଇକୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି । ୨୦ ମେ'ରୁ ୨୯ ମେ' ପର୍ଯ୍ୟନ୍ତ ପ୍ରିଣ୍ଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବା ସହ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ କହିଛନ୍ତି । ରାଜ୍ୟରେ ହେବାକୁ ଥିବା ଏସ୍ଆଇର ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଏସ୍ଆଇଆର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ ହୋଇଛି । ଏହି କ୍ରମରେ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବା ସହ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ପରେ ୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ । ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବରରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ଏସ୍ଆଇଆର୍ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧ ପ୍ରତିଶତ ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସ୍ଆଇଆର୍ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି । ପ୍ରାକ୍-ଏସ୍ଆଇଆର୍ ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇ ▶ପୃଷ୍ଠା-୭

## ମହଙ୍ଗା ଭତ୍ତା ୨% ବୃଦ୍ଧି

### ଜାନୁଆରୀରୁ ପିଛିଲା ଭାବେ ଲାଗୁ

■ ଭୁବନେଶ୍ୱର, ୧୫।୫ (ସମିସ): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ହୋଇଛି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ' ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନ ଭୋଗୀ ମାନଙ୍କ ଡିଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ମେ' ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଡିଆଇ ପାଇବେ। ଏହା ଦ୍ୱାରା ରାଜ୍ୟର ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ଜୁନ୍ ୨୧ରେ ପୁଣି ନିଟ୍ ପରୀକ୍ଷା

### ଆସନ୍ତାବର୍ଷରୁ କାଗଜ-କଲମ ବଦଳରେ କଂପ୍ୟୁଟର ଜରିଆରେ ହେବ ପରୀକ୍ଷା: କେନ୍ଦ୍ର ଶିକ୍ଷାମନ୍ତ୍ରୀ

■ ନୂଆଦିଲ୍ଲୀ, ୧୫ ।୫ (ଏଜେନ୍ସି): ଆସନ୍ତା ଜୁନ୍ ୨୧ ତାରିଖରେ ପୁଣି ଥରେ ଅନୁଷ୍ଠିତ ହେବ ବୋଲି ନିଟ୍ ପରୀକ୍ଷା । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଆଗାମୀ ବର୍ଷରୁ ନିଟ୍ ପରୀକ୍ଷାକୁ କାଗଜ-କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର (ସିବିଟି) ମାଧ୍ୟମରେ କରାଯିବ । ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକାଯାଇପାରିବ ।



ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଧାକୃଷ୍ଣନ କମିଟିର ସୁପାରିସ ପାଳନ କରାଯାଇଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥାରେ କିଛି ଅସୁବିଧା ଯୋଗୁଁ ପ୍ରଶ୍ନପତ୍ର ଲିକ୍ ହୋଇଛି । 'ଅନୁମାନ ପ୍ରଶ୍ନପତ୍ର' (ଗେସ୍ ପେପର) ନାମରେ ଅଭିଯୁକ୍ତମାନେ ପ୍ରକୃତ ପରୀକ୍ଷା ପ୍ରଶ୍ନପତ୍ରକୁ ପୂର୍ବରୁ ବାଣ୍ଟି ଦେଇଥିଲେ । ଗତ ମେ ୩ ତାରିଖରେ ପରୀକ୍ଷା ହୋଇଥିବା ବେଳେ ମେ ୭ ତାରିଖ ସୁଦ୍ଧା ଅଭିଯୋଗ ଆସିଥିଲା ଏବଂ ମେ ୧୨ ତାରିଖରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା କଥା ସ୍ପଷ୍ଟ ହୋଇଥିଲା । ଏହାପରେ ପରୀକ୍ଷାକୁ ବାତିଲ କରାଯାଇଥିଲା । ଏହି ଘଟଣାରେ ଜାତୀୟ ପରୀକ୍ଷା ସଂସ୍ଥାର କୌଣସି ସଦସ୍ୟ ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହାର ତଦନ୍ତ ସିବିଆଇ କରିବ । କଠିନ ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ଯେପରି ଅନ୍ୟାୟର ଶିକାର ନ ହୁଅନ୍ତି, ସେଥିପାଇଁ ଆଗାମୀ ବର୍ଷରୁ ନିଟ୍ ପରୀକ୍ଷାକୁ କାଗଜ-କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର (ସିବିଟି) ମାଧ୍ୟମରେ କରାଯିବ । ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ। ଏହାଦ୍ୱାରା ପରୀକ୍ଷା ପରିଚାଳନାରେ ▶ପୃଷ୍ଠା-୭

---

# ପିକ୍‌ଅପ୍ ଡ୍ରାଇଭରକୁ ପିଟିପିଟି ମାରିଦେଲେ

## ୩ ଜଣ ଟ୍ରକ୍ ଚାଳକ ଗିରଫ

■ ରାଉରକେଲା, ୧୫।୫ (ସମିସ): ସୁନ୍ଦରଗଡ ଜିଲ୍ଲାର ଭସ୍ମା ଅଞ୍ଚଳରେ ଜଣେ ପିକ୍‌ଅପ୍ ଭ୍ୟାନ ଚାଳକକୁ ଅନ୍ୟ ଟ୍ରକ୍‌ର ଡ୍ରାଇଭରମାନେ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରି ଦେଇଥିବା ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତ ଚାଳକ ହେଉଛନ୍ତି ସୁନ୍ଦରଗଡ ଗୁଲଥା ଗାଁର ରାଜେଶ ମୁଣ୍ଡା (୩୯) । ଏହି ଘଟଣାରେ ବିହାର ଗୟା କୁରକୁଡିଗା ଗାଁର ମୁକେଶ ଯାଦବ(୩୫) ନାମକ ଅନ୍ୟ ଜଣେ ଟ୍ରକ୍ ଚାଳକ ଗୁରୁତର ଭାବେ ଆହତ ହୋଇ ସୁନ୍ଦରଗଡ ସଦର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ଭସ୍ମା ଥାନା ପୁଲିସ ରାଜେଶ ମୁଣ୍ଡାଙ୍କ ହତ୍ୟା ଅଭିଯୋଗରେ ଆହତ ମୁକେଶ ଯାଦବର ଭାଇ ମନୀଷ କୁମାର ଯାଦବ, ବିକାଶ କୁମାର ଏବଂ ଅମ୍ରିତ ଲାଲ ନାମକ ୩ ଜଣ ଟ୍ରକ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

ସୂଚନାନୁଯାୟୀ, ପିକ୍‌ଅପ୍ ଭ୍ୟାନର ଚାଳକ ରାଜେଶ ମୁଣ୍ଡା ଟାୟାର ପଙ୍କଚର୍ ତିଆରି କରି ସୁନ୍ଦରଗଡ଼ ଫେରୁଥିବା ବେଳେ ଭସ୍ମା ଥାନା ଅନ୍ତର୍ଗତ ସୁରୁଡା ଛକରେ ଚାଲି ଚାଲି ଯାଉଥିବା ଏକ ଟ୍ରକ୍‌ର ଚାଳକ ମୁକେଶ ଯାଦବଙ୍କୁ ପଛରୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଉପସ୍ଥିତ ଅନ୍ୟ ଟ୍ରକ୍‌ର ଚାଳକମାନେ ପିକ୍‌ଅପ୍ ଭ୍ୟାନର ଚାଳକ ରାଜେଶ ମୁଣ୍ଡାଙ୍କୁ ବିଧା, ଗୋଇଠା, ଧକ୍କା ମାରି ତଳେ ପକାଇ ଦେଇଥିଲେ । ପରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ରାଜେଶ ମୁଣ୍ଡା ଓ ମୁକେଶ ଯାଦବଙ୍କୁ ସୁନ୍ଦରଗଡ଼ ଏନଟିପିସି ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ରାଜେଶ ମୁଣ୍ଡାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପିକ୍‌ଅପ୍ ଭ୍ୟାନର ମାଲିକ ▶ପୃଷ୍ଠା-୭

**ସକ୍ରିୟ ହେଉଛି ଏଲ୍-ନିନୋ**

# ଏସନ ଧୋକା ଦେବ ମୌସୁମୀ

## ସଅଳ ଆସିବ; କମ୍ ବର୍ଷିବ

■ ଭୁବନେଶ୍ୱର, ୧୫।୫ (ସମିସ): ଚଳିତ ମାସ ୨୬ ତାରିଖରେ ମୌସୁମୀ କେରଳ ଛୁଇଁବ ଓ ବଙ୍ଗୋପସାଗରରେ ଲଘୁଚାପ ମୌସୁମୀର ଅଗ୍ରଗତିକୁ ସୁଗମ କରିବ । ତେଣୁ ପୂର୍ବବର୍ଷ ତୁଳନାରେ ମୌସୁମୀ ଆଗୁଆ ଆସିବ ସିନା, ବର୍ଷା ଋତୁରେ କମ୍ ବର୍ଷିବ । ଏ ବର୍ଷ ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ପର୍ଯ୍ୟନ୍ତ ବର୍ଷାର ପରିମାଣ ଓ ମୌସୁମୀର ମିଜାଜକୁ ନେଇ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରିଛନ୍ତି ପାଣିପାଗ ବିଭାଗ । ଏମିତି କି ଚଳିତ ବର୍ଷ ମୌସୁମୀ ଋତୁରେ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ମାଟି ଆର୍ଦ୍ରତା ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି । ଆଗକୁ



ସୃଷ୍ଟି ହେବାକୁ ଥିବା ଏଲ୍-ନିନୋ ସ୍ଥିତି ଯୋଗୁଁ ଏଭଳି ଆଶଙ୍କା ପ୍ରକାଶ ପାଇଛି ।

ବିଶ୍ୱସ୍ତରୀୟ ପାଣିପାଗ ସଂସ୍ଥାଗୁଡ଼ିକ ପକ୍ଷରୁ ଜାରି ରିପୋର୍ଟଗୁଡ଼ିକୁ ବିଶ୍ଳେଷଣ କରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ "ଏଲ୍-ନିନୋ ୱାଚ୍' ସ୍ଥିତି ଜାରି କରାଯାଇଛି । ଏହା ସ୍ପଷ୍ଟ କରୁଛି ଯେ ବାୟୁମଣ୍ଡଳୀୟ ସ୍ଥିତି ଏବେ "ଏଲ୍-ନିନୋ' ଅବସ୍ଥାକୁ ପରିବର୍ତ୍ତିତ ହେବା ଏକପ୍ରକାର ନିଶ୍ଚିତ। ସମ୍ଭବତଃ ଜୁନ୍ ୨୦୨୬ ସୁଦ୍ଧା ଏହା ବିକଶିତ ହେବ । ବାୟୁମଣ୍ଡଳୀୟ ଏବଂ ସାମୁଦ୍ରିକ ସୂଚକାଙ୍କ ଅନୁଯାୟୀ ମେ-ଜୁଲାଇ ୨୦୨୬ ମଧ୍ୟରେ ଏହା ଘଟିବାର ୮୨ ପ୍ରତିଶତ ସମ୍ଭାବନା ରହିଛି । ବାର୍ଷିକ ଚକ୍ରକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ୨୦୨୬-୨୭ ଶୀତ ଋତୁ ବେଳକୁ ଏଲ୍-ନିନୋ ଅଧିକ ସକ୍ରିୟ ଓ ଶକ୍ତିଶାଳୀ ହେବାର ପ୍ରାୟ ୯୬ ପ୍ରତିଶତ ସମ୍ଭାବନା ରହିଛି । ପ୍ରଶାନ୍ତ ମହାସାଗରରୁ ମିଳୁଥିବା ▶ପୃଷ୍ଠା-୭

## ୨୬ରେ କେରଳ ଛୁଇଁବ

■ ନୂଆଦିଲ୍ଲୀ, ୧୫ ।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶୁକ୍ରବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି । ଚଳିତ ବର୍ଷ ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ ମେ ୨୬ ତାରିଖରେ କେରଳ ଛୁଇଁବାର ସମ୍ଭାବନା ରହିଛି । ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ କେରଳରେ ପହଞ୍ଚିଥାଏ, ମାତ୍ର ଏଥର ଏହା କିଛି ଦିନ ପୂର୍ବରୁ ଆସୁଥିବାରୁ ପ୍ରବଳ ଗରମରୁ ଶୀଘ୍ର ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି । ପାଣିପାଗ ବିଭାଗ ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶକୁ ଅଗ୍ରସର ହେବା ପାଇଁ ଅନୁକୂଳ ପରିସ୍ଥିତି ରହିଛି । ଗତ ବର୍ଷ ମେ ୨୪ ତାରିଖରେ ମୌସୁମୀ କେରଳ ଛୁଇଁଥିଲା । ଚଳିତ ବର୍ଷ ମେ ୨୬ ତାରିଖର ୪ ଦିନ ପୂର୍ବରୁ କିମ୍ବା ▶ପୃଷ୍ଠା-୭

# ଯାଜପୁରରେ ତୈଳ ସଙ୍କଟ
# ବନ୍ଦ ହୋଇରହିଛି ଅର୍ଦ୍ଧାଧିକ ତେଲ ଟାଙ୍କି



**ବ୍ୟାସନଗର, ୧୫ା୫(ସମିସ)**

ରାଜ୍ୟରେ ଦେଖାଦେଇଥିବା ତୈଳ ସଂକଟର ପ୍ରଭାବ ଯାଜପୁରରେ ଦେଖିବାକୁ ମିଳିଛି । ବ୍ୟାସନଗର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ପେଟ୍ରୋଲ୍ ପମ୍ପରେ ତୈଳ ଅଭାବ ଦେଖିବାକୁ ମିଳିଛି । ଫଳରେ କେତୋଟି ଟାଙ୍କି ବନ୍ଦ ହୋଇଯାଇଥିବା ବେଳେ ଖୋଲାଥିବା ଟାଙ୍କିରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି ।

ଗତ ଗୁରୁବାର ରାତିରୁ ବ୍ୟାସନଗର ଅଞ୍ଚଳରେ ତୈଳ ସଂକଟ ଆରମ୍ଭ ହୋଇଯାଇଥିଲା । ସେହି ରାତିରୁ ସହରର ଅନେକ ତେଲ ଟାଙ୍କି ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା । ସହରର ନହକା ଛକରେ ଥିବା ଗଣେଶ ଫୁଏଲ ଷ୍ଟେସନ, ଦଳା ଶଙ୍ଖଚିଲା ରୋଡ୍‌ରେ ଥିବା ଯୋଗେଶ୍ୱରୀ ଫିଲିଂ ଷ୍ଟେସନ ସମେତ ଅନେକ ତେଲ ଟାଙ୍କିରେ ହଠାତ୍ କୃତ୍ରିମ ସଂକଟ ଦେଖିବାକୁ ମିଳିଥିଲା । ରାଜ୍ୟ ସରକାର ରାଜ୍ୟରେ ତୈଳ ଅଭାବ ନ ଥିବା କହୁଥିବା ବେଳେ ହଠାତ୍ ତୈଳ ସଂକଟ ଦେଖାଯିବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ପ୍ରକୃତରେ ସଂକଟ ନା କଳାବଜାରୀ; ତାହା ତଦନ୍ତ ପରିସରଭୁକ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି । କାହା ନିର୍ଦ୍ଦେଶରେ ଏହି ତେଲ ପମ୍ପ ମାଲିକମାନେ ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ସାହାସ କରିବା ସହିତ କଳାବଜାରୀ କରି ଅଧିକ ଅର୍ଥ ମୁନାଫା କରିବାକୁ ସାହସ ଜୁଟାଇଲେ ତାହା ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଏହି ଘଟଣାରେ ଅନ୍ୟ ଜିଲ୍ଲାରେ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରୁଥିବା ବେଳେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଏପରିକି ବ୍ୟାସନଗରରେ ଜିଲ୍ଲା ପ୍ରଶାସନ କଳ ଏକପ୍ରକାର ଚୁପ ରହିବାକୁ ନେଇ ମଧ୍ୟ ସାଧାରଣରେ ଏକ ବିରାଟ ପ୍ରଶ୍ନଚିହ୍ନ ଲାଗିଛି । ଅନେକ ତେଲ ଟାଙ୍କି ସନ୍ଧ୍ୟା ପରେ ତେଲ ଦର ବଢ଼ିବା ପରେ ଖୋଲୁଥିବା ବେଳେ ଏହାକୁ ସାଧାରଣ ଜନତା ଅନେକ ପ୍ରଶ୍ନ ଉଠାଇଛନ୍ତି । ପେଟ୍ରୋଲ ପମ୍ପ ଗୁଡିକରେ କେତେ ତେଲ ମହଜୁଦ ଅଛି, ତାହାର ଏକ ବୋର୍ଡ ଟାଙ୍କି ସାମ୍ନାରେ ମାରିବାର ନିୟମ ରହିଥିବା ବେଳେ ଅନେକ ତେଲ ଟାଙ୍କି ଏହାକୁ ଖୋଲାକୋଲି ଉଲ୍ଲଙ୍ଘନ କରୁଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗ, ଓଜନ ଏବଂ ମାପ ବିଭାଗ ଏବଂ ପ୍ରଶାସନ ଏନେଇ ନିରବଦଷ୍ଟା ସାଜିଛନ୍ତି । ଫଳରେ ଯେଉଁ ହାତଗଣତି ଟାଙ୍କିରେ ତେଲ ରହିଛି ସେଠାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି । ତେଲ ପାଇଁ ଲୋକେ ଲମ୍ବା ଲାଇନ ଲଗାଇବା ସହିତ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ତେବେ ତେଲ ନେଇ ସଂକଟ ଏବଂ ଏପରି ଅବ୍ୟବସ୍ଥା ନେଇ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତିକ୍ରିୟା ନେବାରୁ ସେ ଏନେଇ ଅଭିଯୋଗ ହେବା ପରେ ସିଏସ୍‌ଓ (ଯୋଗାଣ ଅଧିକାରୀ) ଯାଇ ତଦନ୍ତ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି । ତେବେ କେଉଁ ଟାଙ୍କିରେ କେତେ ତେଲ ମହଜୁଦ ରହିଛି ସେନଇ ସୂଚନା ସମସ୍ତ ଟାଙ୍କିରେ ସୂଚନାଫଳକ ଭାବେ ରହିବାକୁ ନିୟମ ଥିଲେ ମଧ୍ୟ ଏହାକୁ ପାଳନ କରାଯାଉନଥିବାକୁ ନେଇ ଶ୍ରୀଯୁକ୍ତ କର ଅସନ୍ତୋଷ ପ୍ରକାଶ କରିଥିଲେ ।

## ଖୋଲାଥିବା ଟାଙ୍କିରେ ଅସମ୍ଭାଳ ଭିଡ଼

## ଭୟରେ ତେଲ ମହଜୁଦ ରଖୁଛନ୍ତି ଲୋକେ



**ଦଶରଥପୁର, ୧୫ା୫(ସମିସ):** ଦଶରଥପୁର ବ୍ଲକ ଅଞ୍ଚଳର ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ଓ ଡିଜେଲ ପାଇଁ ହାହାକାର ସ୍ଥିତି ଦେଖାଦେଇଛି । ଗତ ୧ ମାସ ହେବ ବ୍ଲକରେ ଥିବା ଏଲ୍‌ପିଜି ବିତରକଙ୍କ ଗୋଦାମରେ ଗ୍ୟାସ ଟାଙ୍କି ପାଇଁ ଉପଭୋକ୍ତାଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିବା ବେଳେ ଏବେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନେବାକୁ ଚାଲିଛି ପ୍ରତିଯୋଗିତା । ବ୍ଲକର ଖଣ୍ଡରା, ଝୁମ୍ପୁରୀ, କଟିକଟା, କନିକାପଡ଼ା ଓ ମଙ୍ଗଳପୁର ଠାରେ ଥିବା ପେଟ୍ରୋଲ ପମ୍ପ ମାନଙ୍କରେ ବାଇକ୍, ଅଟୋ ଓ ଚାରିଚକିଆ ଯାନ ଗୁଡିକର ଲମ୍ବା ଧାଡ଼ି ପରିଲକ୍ଷିତ ହୋଇଛି । ଆଗକୁ ପେଟ୍ରୋଲ ଓ ଡିଜେଲ ସଙ୍କଟ ଆହୁରି ଅଧିକ ହେବ ଆଶଙ୍କାରେ ଗାଡ଼ି ଚାଳକମାନେ ପେଟ୍ରୋଲ ପମ୍ପରେ ଭିଡ଼ ଲଗାଉଛନ୍ତି । ଗତ କିଛିଦିନ ହେବ ରାଜ୍ୟରେ ଥିବା ତୈଳ ବିତରକ ସଂସ୍ଥା ଗୁଡ଼ିକ ପେଟ୍ରୋଲ ପମ୍ପ ଗୁଡ଼ିକୁ ଆବଶ୍ୟକ ଅନୁସାରେ ତେଲ ନ ଦେବା ଫଳରେ ୨ଦିନ ହେବ ବ୍ଲକରେ ରହିଥିବା ପେଟ୍ରୋଲ ପମ୍ପରେ ପୂର୍ବ ଭଳି ସ୍ୱାଭାବିକ ପେଟ୍ରୋଲ ଓ ଡିଜେଲ ମିଳୁନଥିବାରୁ ଲୋକଙ୍କ ଭିଡକୁ ଦେଖି ବିଭିନ୍ନ ଟାଙ୍କିରେ ୨ ଚକିଆ ଗାଡିକୁ କେଉଁଠି ୧୦୦ ଟଙ୍କା ତ ଆଉ କେଉଁଠି ୨୦୦ ଟଙ୍କାରେ ପେଟ୍ରୋଲ ମିଳୁଥିବା ବେଳେ ତିନିଚକିଆ ଗାଡିକୁ ୫୦୦ ଟଙ୍କା ଓ ଚାରିଚକିଆ ଗାଡିକୁ ୧୦୦୦ ଟଙ୍କାରେ ତେଲ ମିଳୁଛି । ଯାହାକୁ ନେଇ ଏବେ ନିଜ ନିଜର କର୍ମ ସ୍ଥଳକୁ ଯାଉଥିବା ଜନସାଧାରଣ ଛାନିଆ ହୋଇ ଆବଶ୍ୟକତା ପରିବର୍ତ୍ତେ ଅଧିକ ପରିମାଣରେ ଗାଡ଼ି ଟାଙ୍କି ଫୁଲ କରିବାକୁ ପେଟ୍ରୋଲ ପମ୍ପରେ ଭିଡ଼ ଜମାଉଛନ୍ତି । ତେବେ ଆଜି ଖଣ୍ଡରା ଛକ ନିକଟ ପେଟ୍ରୋଲ ପମ୍ପରେ ଦୁଇ ଚକିଆ ଗାଡିକୁ ୫୦ ଟଙ୍କାରେ ପେଟ୍ରୋଲ ମିଳିଥିବା ଦେଖିବାକୁ ମିଳିଥିଲା । ସେହିପରି କଟିକଟା, ଝୁମ୍ପୁରୀ, କନିକାପଡ଼ା ଓ ମଙ୍ଗଳପୁର ବଜାରରେ ରହିଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ପାଇଁ ଲଗାତାର ଭାବେ ୩ଦିନ ହେବ ପେଟ୍ରୋଲ ଓ ଡିଜେଲ ପାଇଁ ହାହା କାର ସ୍ଥିତି ପରିଲକ୍ଷିତ ହୋଇଥିଲେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏହାର ସୁଯୋଗରେ କିଛି ଘରୋଇ ପରିବହନଯୁକ୍ତ ଅଟୋ ଓ ୪ଚକିଆ ଗାଡି ମାଲିକ ମନଇଚ୍ଛା ଗାଡି ଭଡ଼ା ବୃଦ୍ଧି କରିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି ।

## ଶିଳ୍ପାଞ୍ଚଳରେ ତେଲ ମିଳୁନି

**ଦାନଗଦି, ୧୫ା୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଅଭାବ ଦେଖାଦେଇଛି । ଯାହାଫଳରେ ମାଲବାହୀ ଗାଡ଼ି ଓ କାରଖାନାକୁ ଯାତାୟାତ କରୁଥିବା ଯାନବାହନ ସବୁ ଚଳାଚଳ କରିବାରେ ବାଧା ସୃଷ୍ଟି ହୋଇଛି । ଶିଳ୍ପାଞ୍ଚଳର ଡୁବୁରୀ, ଶଗଡ଼ଗୁଳା, ଟମକା, ପଙ୍କପାଳ ବଙ୍ଗଳା, ରାବଣା, ମାନପୁର, ତୈଳିବାହାଳୀ, ଫାୟାର ଷ୍ଟେସନ ରୋଡ୍, କୁସୁନପୁର, ଦାନଗଦି ବଜାରକୁ ମିଶାଇ ପ୍ରାୟ ୨୦ଟି ପେଟ୍ରୋଲପମ୍ପ ରହିଛି । ସେ ମଧ୍ୟରୁ କାଁ ଭାଁ କେତୋଟି ପମ୍ପକୁ ବାଦଦେଲେ ଅଧିକାଂଶ ପମ୍ପରେ ଆଉ ତେଲ ମିଳୁନାହିଁ । ଯେଉଁଠି ତେଲ ମିଳୁଛି ଶହ ଶହ ବାଇକ୍ ଓ କାର୍ ସବୁ ଲମ୍ବା ଲାଇନ ଲାଗିଛନ୍ତି । ବାଇକ ବାଲାଙ୍କୁ ଗାଡ଼ି ପିଛା ୫୦/୧୦୦ ଟଙ୍କାର ତେଲ ଦିଆଯାଉଛି । କାର୍ ବାଲାଙ୍କୁ ୫୦୦ ଟଙ୍କାର ତେଲ ଦିଆଯାଉଛି । ତେବେ ଏଭଳି ପରିସ୍ଥିତିରେ ଶିଳ୍ପାଞ୍ଚଳର ବିଭିନ୍ନ କଳ କାରଖାନାକୁ ଯାଉଥିବା ଶ୍ରମିକ ଓ କର୍ମଚାରୀ ମାନେ ଏଭଳି ପରିସ୍ଥିତି ଲାଗିରହିଲେ ସେମାନଙ୍କ ଡ୍ୟୁଟି ବନ୍ଦ କରିବାକୁ ବାଧ୍ୟ ହେବେ । ଏଣୁ ତୁରନ୍ତ ତୈଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



## ସଦର ଅଞ୍ଚଳରେ ପେଟ୍ରୋଲ ପମ୍ପ ବନ୍ଦ

**ବରୁଆଁ, ୧୫ା୫(ସମିସ):** ଯାଜପୁର ସଦର ଅଞ୍ଚଳରେ ଥିବା ୪ ଗୋଟି ପେଟ୍ରୋଲ ପମ୍ପ ମଧ୍ୟରୁ କେବଳ କବିରପୁର ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପ ବାଇକ୍ ପିଛା ୧୦୦ ଟଙ୍କା ପେଟ୍ରୋଲ ଦେଉଥିବା ବେଳେ ଅନ୍ୟ ୩ ଗୋଟି ପେଟ୍ରୋଲ ପମ୍ପ ବନ୍ଦ ଥିବା ଦେଖିବାକୁ ମିଳୁଛି । ଏପରିକି ବରୁଆଁ ଛକରେ ଥିବା 'ଯଯାତି କେଶରୀ କିଶାନ ସେବା କେନ୍ଦ୍ର' ନାମରେ ନାମିତ ଥିବା ବେଳେ ବହୁ କୃଷକ ପେଟ୍ରୋଲ, ଡିଜେଲ୍ ନପାଇ ନିରାଶ ହୋଇ ଫେରି ଯାଇଥିଲେ । ବର୍ତ୍ତମାନ ପନିପରିବା ଚାଷରେ ପାଣି ପମ୍ପ ଦ୍ୱାରା ପାଣି ଯୋଗାଣ ବନ୍ଦ୍ ଥିବା ବେଳେ ଡିଜେଲ୍ ନପାଇ ବିଲରେ ଟ୍ରାକ୍ଟର ଗୁଡ଼ିକ ଅଟକି ରହିଛି । ବର୍ତ୍ତମାନ ଓଡ଼ିଶାରେ ସାବିତ୍ରୀ ବ୍ରତ ଥିବାରୁ ଝିଅଘରକୁ ସାବିତ୍ରୀ ଭାର ଯିବା ପ୍ରାୟତ ବନ୍ଦ ରହିଛି । ଅନ୍ୟପକ୍ଷେ ରାଜ୍ୟ ସରକାର ଓ ପେଟ୍ରୋଲ ପମ୍ପ ମାଲିକ ସଂଘ ଗଣମାଧ୍ୟମ ଜରିଆରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଗଚ୍ଛିତ ଥିବା ପ୍ରକାଶ କରି ସାଧାରଣ ଲୋକଙ୍କୁ ନିରାଶ କରୁଛନ୍ତି ।

## ଅଟୋ ବାଇକ ଧକ୍କାରେ ୨ ଆହତ

ପାଣିକୋଇଲି, ୧୫ା୫(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ରାଇସ ମିଲ ନିକଟରେ ଶୁକ୍ରବାର ରାତ୍ରିରେ ଏକ ଅଟୋ ପଛରେ ବାଇକ ଧକ୍କା ହେବାରୁ ଚାଳକ ସମେତ ସହଯାତ୍ରୀ ଆହତ ହୋଇଥିଲେ । ଯାଜପୁର ସିମିଳିଆ ଅଞ୍ଚଳର ବାଇକ୍ ଚାଳକ ଅଜୟ ଧଳ ଓ ସହଯାତ୍ରୀ ବଳରାମ ନାୟକ ଏକ ବାଇକ (ଓଡି୩୪ଏକ୍ସ ୭୯୪୭) ଯୋଗେ ଯାଜପୁରରୋଡ୍‌ରୁ ଘର ଅଭିମୁଖେ ଆସୁଥିବା ବେଳେ ରାଇସମିଲ ନିକଟରେ ଅଟୋପଛରେ ଧକ୍କା ଦେଇଥିଲେ । ଖବରପାଇ ରାଜପଥ ପାଟ୍ରୋଲିଂ ଓ ପୁଲିସ ପହଞ୍ଚି ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି । ଆହତ ଅଜୟ ଓ ବଳରାମକୁ ଉଦ୍ଧାର କରି ଏକ ଘରୋଇ ଚିକତ୍ସାଳୟରେ ଚିକତ୍ସିତ କରିଥିବା ସୂଚନା ମିଳିଛି ।

## ଲୁଗା ଦୋକାନରୁ ଶିଶୁ ଶ୍ରମିକ ଉଦ୍ଧାର

**ପାଣିକୋଇଲି, ୧୫ା୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ରଗଡ଼ି ରାସ୍ତାର ପତରପଦା ମୌଜାରେ ଦୋକାନ କରିଥିବା ସାଇଶ୍ରୀ କଲେକ୍ସନ ଲୁଗା ଦେକାନରୁ ଜଣେ ନାବାଳିକା ଶ୍ରମିକକୁ ଉଦ୍ଧାର କରାଯାଇଛି । ଲୁଗା ଦେକାନରେ ଶିଶୁ ଶ୍ରମିକ ନିଯୁକ୍ତି ଖବର ପାଇ ସିଡବ୍ଲୁସି ପକ୍ଷରୁ ଜ୍ୟୋତିର୍ମୟୀ ମିଶ୍ର ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ନାବଳିକା ଶିଶୁ ଶ୍ରମିକ କାମ କରୁଥବା ଦେଖି ତାକୁ ଉଦ୍ଧାର କରି ପାଣିକୋଇଲି ପୁଲିସ ଜିମା ଦେଇଥିଲେ । ପରେ ତାକୁ ଯାଜପୁର ନେଇଯାଇଥିଲେ । ଶିଶୁ ଶ୍ରମିକ କାମ କରୁଥିଲେ ଚଢ଼ଉ ଜାରି ରହିବ ବୋଲି ଜ୍ୟୋତିର୍ମୟୀ ସୂଚନା ଦେଇଛନ୍ତି ।

## ବାଲିଘାଟରେ ଚଢ଼ଉ; ୩ ଗାଡ଼ି ଜବତ



**ଯଖପୁରା, ୧୫ା୫(ସମିସ):** ଦାନଗଦି ତହସିଲ ଅନ୍ତର୍ଗତ ପଙ୍କପାଳ ବାଲିଘାଟ ଉପରେ ଲଘୁ ଖଣିଜ ଅଧିକାରୀ ଚଢ଼ଉ କରିଥିବା ଜଣାପଡ଼ିଛି । ଚଢ଼ଉ କରି ତିନୋଟି ବାଲି ଭର୍ତ୍ତି ଗାଡ଼ିକୁ ଜବତ କରି ଦୁଇଟି ଗାଡ଼ି ଯାହା ନମ୍ବର ଓଡି୨୨ ଏଇ ୦୫୯୭, ଓଡି୨୨ୱାଇ ୫୨୧୬ ଯଖପୁରା ଥାନା ଓ ଅନ୍ୟ ଗୋଟିଏ ଗାଡ଼ିକୁ ଯାଜପୁର ରୋଡ ଥାନା ଅଧୀନରେ ଜିମା ଦେଇଛନ୍ତି । ବିନା କାଗଜପତ୍ରରେ ବାଲି ପରିବହନ କରୁଥିବା ଗାଡିକୁ ଲଘୁ ଖଣିଜ ଅଧିକାରୀ ଚଢ଼ଉ କରି ହେଉଥିବାର ଦେଖିବାକୁ ମିଳିଛି । ଅନେକ ଗାଡ଼ି ଅଫିସରଙ୍କୁ ଦେଖି ଛତ୍ରଭଙ୍ଗ ଦେଇଥିଲେ । ପ୍ରତିଦିନ ଅନେକ ଗାଡି ବିନା ଟିପି ଫର୍ମରେ ବାଲି ପରିବହନ କରୁଛନ୍ତି । ବାଲି ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ବିକ୍ରି ହେଉଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ତା' ସହିତ ବାଲି ପରିବହନ କରୁଥିବା ଗାଡ଼ି ସବୁ ଧାର୍ଯ୍ୟ ଠାରୁ ଢେର ଅଧିକ ବାଲି ପରିବହନ କରୁଛନ୍ତି । ଫଳରେ ସାଧାରଣ ରାସ୍ତା ବିପର୍ଯ୍ୟସ୍ତ ହେଉଛି ।

## ଟ୍ରକ୍- ଟ୍ରାକ୍ଟର ଧକ୍କା; ଚାଳକ ଗୁରୁତର

**ପାଣିକୋଇଲି, ୧୫ା୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟରାଜପଥର ନୂଆପଦା ଛକ ନିକଟରେ ଏକ ଟ୍ରାକ୍ଟର ଓ ଟ୍ରକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଟ୍ରାକ୍ଟର ଚାଳକ ଗୁରୁତର ଭାବେ ଆହତ ହୋଇ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ପ୍ରକାଶଯେ ପାଣିକୋଇଲି ଗ୍ରାମର ଗଙ୍ଗାଧର ଜେନା ଏକ ଟ୍ରାକ୍ଟର ଯୋଗେଁ



ଯାଜପୁର ରୋଡ୍ ଅଭିମୁଖେ ରଙ୍ଗରୁଟରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ଦ୍ରୁତଗାମୀ ୧୬ ଚକିଆ ଟ୍ରକ୍ (ଓଡି ୩୪ କ୍ୟୁ୯୪୫୩) ଟ୍ରାକ୍ଟରକୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଟ୍ରାକ୍ଟରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯିବା ସହିତ ଚାଳକ ଗଙ୍ଗାଧର ଗୁରୁତର ଭାବେ ଆହତ ହୋଇଥିଲେ । ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଗଙ୍ଗାଧରଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ । ପୁଲିସ ଟ୍ରକ୍ ଓ ଟ୍ରାକ୍ଟରକୁ ଜବତ କରିଛି ।

## ଅସୁସ୍ଥ ନାବାଳିକାଙ୍କୁ କାନ୍ଧରେ ବୋହିଲେ ଅତିରିକ୍ତ ଥାନାଧିକାରିଣୀ



**ବିଞ୍ଝାରପୁର, ୧୫ା୫(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ପୁଲିସର କାର୍ଯ୍ୟକଳାପକୁ ନେଇ ସମାଲୋଚନା ହେଉଥିବା ବେଳେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନାର ଜଣେ ମହିଳା ପୁଲିସ ଅଧିକାରିଣୀଙ୍କ ମାନବିକତା ଏବେ ସର୍ବତ୍ର ପ୍ରଶଂସା ସାଉଁଟୁଛି । ବିଞ୍ଝାରପୁର ଥାନାର ଅତିରିକ୍ତ ଥାନାଧିକାରିଣୀ ପାର୍ବତୀ ମଲ୍ଲିକ ଜଣେ ଅସୁସ୍ଥ ନାବାଳିକାଙ୍କୁ ନିଜ କାନ୍ଧରେ ବୋହି ମେଡିକାଲରେ ପହଞ୍ଚାଇ ମାନବିକତାର ପରିଚୟ ଦେଇଛନ୍ତି । ସୂଚନା ଅନୁସାରେ, ଗୁରୁବାର ମଧ୍ୟାହ୍ନ ସମୟରେ ଅତିରିକ୍ତ ଥାନାଧିକାରିଣୀ ପାର୍ବତୀ ମଲ୍ଲିକ ଥାନାରେ କାର୍ଯ୍ୟରତ ଥିବା ବେଳେ ଖବର ପାଇଥିଲେ ଯେ ମଇଁନ୍ଦା ଅଞ୍ଚଳରେ ଜଣେ ନାବାଳିକା ପ୍ରଚଣ୍ଡ ଖରାରେ ଅଂଶୁଘାତର ଶିକାର ହୋଇ ଅଚେତ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଛନ୍ତି । ଖବର ପାଇବା ପରେ ସେ ବିଳମ୍ବ ନକରି ନିଜ ସ୍କୁଟିରେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକ ଅଟୋ ଯୋଗେ ବିଞ୍ଝାରପୁର ମେଡିକାଲକୁ ଆଣିଥିଲେ । ମେଡିକାଲରେ ପହଞ୍ଚିବା ପରେ ସେ ନିଜେ ନାବାଳିକାଙ୍କୁ କାନ୍ଧରେ ବୋହି ଭିତରକୁ ନେଇ ଚିକିତ୍ସାର ବ୍ୟବସ୍ଥା କରିଥିଲେ । ଚିକିତ୍ସା ପରେ ନାବାଳିକା ଏବେ ସୁସ୍ଥ ଥିବା ଜଣାପଡ଼ିଛି । ପରେ ପୁଲିସ ପକ୍ଷରୁ ନାବାଳିକାଙ୍କ ପରିବାରକୁ ଖବର ଦିଆଯାଇଥିଲା । ଖବର ପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚିଥିଲେ । ଅସୁସ୍ଥ ନାବାଳିକା ଜଣଙ୍କ ତଳବନ୍ଦ ଅଞ୍ଚଳର ସନ୍ତୋଷ ସ୍ୱାଇଁଙ୍କ ୧୭ ବର୍ଷୀୟା ଝିଅ ସାଗରିକା ପ୍ରିୟଦର୍ଶିନୀ ସ୍ୱାଇଁ ବୋଲି ଜଣାପଡ଼ିଛି । କୌଣସି କାମରେ ସେ ମଇଁନ୍ଦା ଆସିଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅଂଶୁଘାତର ଶିକାର ହୋଇଥିଲେ । ଅତିରିକ୍ତ ଥାନାଧିକାରିଣୀ ପାର୍ବତୀ ମଲ୍ଲିକଙ୍କ ଏଭଳି ମାନବିକ ପଦକ୍ଷେପକୁ ସାଧାରଣ ଲୋକ ଓ ବିଭିନ୍ନ ମହଲରୁ ଭୂରିଭୂରି ପ୍ରଶଂସା କରାଯାଉଛି ।

## ଚନ୍ଦନେଶ୍ୱର ମନ୍ଦିରରେ ଥାଳଉଠା ପର୍ବ



**କୁଆଖିଆ, ୧୫ା୫(ସମିସ):** ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ଡିହ କୁରାଂଶ ଗ୍ରାମରେ ପ୍ରଭୁ ଚନ୍ଦନେଶ୍ୱରଙ୍କ ପୀଠରେ ଶିବ ପାର୍ବତୀ ବିବାହ ଉତ୍ସବ ପାଇଁ ଥାଳଉଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ବର ପିତାମାତା ଭାବେ ପ୍ରଭାତ କୁମାର ଦାସ ଓ ଡିମ୍ପଲ୍ ପ୍ରିୟା ଦାସ ଏବଂ କନ୍ୟା ପିତାମାତା ଭାବେ ଆଲୋକ ରଥ ଓ ଲିଲି ପ୍ରଭା ରଥ ଅଂଶଗ୍ରହଣ କରିଥିଲେ । ଗ୍ରାମର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଘଣ୍ଟ ବାଦ୍ୟ ପରିବେଷଣ, ଚନ୍ଦନେଶ୍ୱର କୀର୍ତ୍ତନ ମଣ୍ଡଳୀ ଦ୍ୱାରା କୀର୍ତ୍ତନ ପରିବେଷିତ ହୋଇ ହୋଇ ବେଢ଼ା ପରିକ୍ରମା ପରେ ଥାଳ ଉଠା ପର୍ବ ଶେଷ ହୋଇଥିଲା । ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, ମାନସ ରଞ୍ଜନ ପଣ୍ଡା, ସୁଦର୍ଶନ ଦାସ, ସୁଧାଂଶୁ ପଣ୍ଡା, ପବିତ୍ର ପଣ୍ଡା ପ୍ରମୋଦ ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଅତୁଲ୍ୟ ପଣ୍ଡା, ପରିଚାଳନା କମିଟି ପକ୍ଷରୁ ଉପସଭାପତି ଭଗବାନ ଦାଶ, ସହସମ୍ପାଦକ ଅଜୟ ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀଧର ରାଉତ, ଅଫିସ ସମ୍ପାଦକ ଦଇତାରୀ ଜେନା, ସାଂଗଠନିକ ସମ୍ପାଦକ ନିହାର ରଞ୍ଜନ ଆଚାର୍ଯ୍ୟ, ନିର୍ମଳ ରାଉତ, ପ୍ରଦୀପ ପଣ୍ଡା, କାହ୍ନା ରାଉତ, କାର୍ତ୍ତିକ ସାହୁ, ଏକାଦଶୀ ରାଉତ, ରାଜା ଶାଆନ୍ତ, ଲକି ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ । ଜୁନ ୧୮, ୧୯, ୨୦ ତାରିଖରେ ବିବାହ ଉତ୍ସବ ପାଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

## ସ୍ନାୟୁବିକ ରୋଗରେ ପୀଡ଼ିତ ପତ୍ନୀ
# ୭ ବର୍ଷ ହେଲା ସେବା କରୁଛନ୍ତି ସ୍ୱାମୀ

**କୟାଁଗୋଲା, ୧୫ା୫(ସମିସ)**

ଦିନେ ଯମରାଜଙ୍କ ପାଖରୁ ନିଜ ସ୍ୱାମୀଙ୍କ ଜୀବନ ଫେରାଇ ଆଣିଥିଲେ ବୋଲି ଆଜି ସାବିତ୍ରୀ ସବୁ ସଧବା ନାରୀଙ୍କ ଆଦର୍ଶ ପାଲଟିଛନ୍ତି । କିନ୍ତୁ ଏମିତି ଜଣେ ଭିନ୍ନ ସାବିତ୍ରୀ ଅଛନ୍ତି, ଯିଏ ନିଜ ପତ୍ନୀଙ୍କୁ ସୁସ୍ଥ କରିବା ପାଇଁ ଦୀର୍ଘ ୭ ବର୍ଷ ହେଲା ଦିନରାତି ଏକ କରିଦେଇଛନ୍ତି । ୭ ବର୍ଷ ହେଲା ସ୍ନାୟୁବିକ ରୋଗରେ ପୀଡ଼ିତ ପତ୍ନୀଙ୍କ ସେବା ଏକା ଏକା କରିଚାଲିଛନ୍ତି ।

ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବିରିପଟା ଶାସନ ଗାଁର ବିରଞ୍ଚି ନାରାୟଣ ଶତପଥୀ (୪୪) ରାଜମିସ୍ତ୍ରି କାମ କରନ୍ତି । ୧୩ ବର୍ଷ ତଳେ ସେ ଶାନ୍ତିଲତାଙ୍କୁ ବିବାହ କରିଥିଲେ । ବିବାହର ୬ବର୍ଷ ପରେ ଶାନ୍ତିଲତାଙ୍କ ମେରୁଦଣ୍ଡରେ ବ୍ୟଥା ହେବା ସହ ପ୍ରବଳ ବିନ୍ଧାବିନ୍ଧି କଲା ଓ ଗୋଡ କାଲୁଆ ଗୋଦରା ହୋଇଗଲା । ଉଠିବା ବସିବା ଏପରିକି ନିଜର ନିତ୍ୟକର୍ମ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଲା । ଘରେ ଟୁଆଁଟୁଇଁ ଭଳି ବିରଞ୍ଚି ଓ ଶାନ୍ତିଲତା । ଡିହ ବାଡ଼ି ଖଣ୍ଡକ ଛାଡିଦେଲେ ଜମି ଗୋଟେ ନାହିଁ । ମିଳିଥିବା ୧ଲକ୍ଷ ୩୦ ହଜାର ଟଙ୍କାରେ ଛାତ ପକ୍କା ଘର ଖଣ୍ଡିଏ କରିଛନ୍ତି । ଘର ପାଇଁ ହାତଉର୍ଦ୍ଧ୍ୱାରି କିଛି କରିଥଲେ ମଧ୍ୟ ଗୃହ ସମ୍ପୂର୍ଣ୍ଣ ହୋଇନି । ପ୍ରଥମେ ପତ୍ନୀ ଶାନ୍ତିଲତାଙ୍କୁ ଯାଜପୁର; ପରେ କଟକ ନେଇ ଚିକିତ୍ସା କରାଇଲେ । ବର୍ଷ ବର୍ଷ ଧରି ଚିକିତ୍ସା କରିବା ସତ୍ତ୍ୱେ ଶାନ୍ତିଲତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲା ନାହିଁ । ଦିନ ମଜୁରିଆ ବିରଞ୍ଚି ମାସକୁ ୧୫ରୁ ୨୦ ଦିନ କାମକୁ ଯାଇ ଯାହା ମଜୁରି ପାଆନ୍ତି । ସେଥିରେ ଦୁଇ ପ୍ରାଣୀ ଦୁଇ ଓଳି ଖାନ୍ତି । ବଳକା ପଇସାରେ ଶାନ୍ତିଲତାଙ୍କ ଔଷଧ ଆସେ । ପୀଡ଼ତା ପତ୍ନୀଙ୍କୁ ଗାଧୁଆପାଧୁଆ ଶୌଚାଦି କର୍ମ ପାଇଁ ଟେକି ଟେକି ଗାଧୁଆ ଘରକୁ ନେବା, ପୋଷାକ ପିନ୍ଧାଇବା ଓ ରୋଷେଇ ସମେତ

**ଭିନ୍ନ ଜଣେ ସାବିତ୍ରୀ**



ଘରର ଯାବତୀୟ କାମ କରୁଥିବା ଜଣେ ସ୍ୱାମୀଙ୍କୁ ପୁରୁଷ ସାବିତ୍ରୀ ବୋଲି ପରିଚୟ ଦେଇଛନ୍ତି ଗାଁ ଲୋକେ । ଅସୁସ୍ଥ ପତ୍ନୀଙ୍କ ସେବା, ଚିକିତ୍ସା ପାଇଁ ଦିନରାତି ଏକ କରି ଲାଗିଛନ୍ତି ବିରଞ୍ଚି । ମନରେ ସାମାନ୍ୟ ବିରକ୍ତି ଭାବ କି ଅନୁଶୋଚନା ନାହ । ଅର୍ଥାଭାବ ତାଙ୍କର ମନୋବଳ ଭାଙ୍ଗି ଦେଉଛି ସତ; କିନ୍ତୁ ମନରେ ଦୃଢ଼ତା ଅଛି ଦିନେ ପତ୍ନୀଙ୍କୁ ସିଏ ସୁସ୍ଥ କରିଦେବେ । ତେବେ ପତ୍ନୀ ଶାନ୍ତିଲତାଙ୍କ ଚିକିତ୍ସା ଓ ଭତ୍ତା ଖଣ୍ଡିଏ ପାଇବା ପାଇଁ ପ୍ରଶାସନ ବ୍ୟବସ୍ଥା କଲେ ଏହି ଦମ୍ପତି ଲାଭ ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି ।

## ଟ୍ରକ୍ ପଛରେ ସ୍କୁଟି ଧକ୍କା, ଜଣେ ଆହତ

**ପାଣିକୋଇଲି, ୧୫ା୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଆଜି ସକାଳେ ଏକ ସ୍କୁଟି ଆରୋହୀ ଭୁବନେଶ୍ୱରରୁ ଭଦ୍ରକ ଆସୁଥିବା ସମୟରେ ଏକ ଗାଡ଼ି ପଛରେ ଧକ୍କା ହେବା ଫଳରେ ଚାଳକ ଗୁରୁତର ହୋଇଛି । ପ୍ରକାଶଯେ ଭୁବନେଶ୍ୱର ଅଞ୍ଚଳର ପ୍ରତ୍ୟୁଷ କୁମାର ବେହେରା ଏକ ସ୍କୁଟି (ଓଡି ୦୨ସିଏଫ ୫୬୧୭) ଯୋଗେ ଆସୁଥବା ବେଳେ ନିକଟରେ ଗାଡ଼ି ପଛରେ ଧକ୍କା ହୋଇଥିଲା । ଫଳରେ ସେ ଆହତ ହୋଇଥିଲେ । ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ଆହତକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ ମେଡିକାଲକୁ ପଠାଇଥିଲେ । ସେଠାରୁ ଏକ ଭୁବନେଶ୍ୱରର ଘରୋଇ ଚିକିତ୍ସାଳୟକୁ ପଠାଇଥିଲେ । ପୁଲିସ ପହଞ୍ଚି ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି ।

# ନିମ୍ନମାନର ଖଇରା ବଜାର ଡ୍ରେନ୍ କାମ ବନ୍ଦ କଲେ ଗ୍ରାମବାସୀ

ଖଇରା,୧୫।୫ (ସମିସ)

ବାଲେଶ୍ୱର ଜିଲ୍ଲାର ପ୍ରମୁଖ ରାସ୍ତା ଭାବେ ଅନନ୍ତପୁର-କୁପାରୀ ଭାୟା ସୋର ରାଜ୍ୟ ରାଜପଥ ନିର୍ମାଣ ଆରମ୍ଭରୁ ଏହାର ମାନକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ପୂର୍ତ୍ତ ବିଭାଗ ଅଧିନର ଏହି ରାସ୍ତା କାମ ନସରୁଣୁ ରାସ୍ତାର ବଟେଶ୍ୱର,ଗଣ୍ଡିବେଡ ଭଳି ଯାଗା ମାନଙ୍କରେ ବିରାଟ ଫାଟ ସୃଷ୍ଟି ହେବା ଦୋଷ ଲୁଚାଇବାକୁ ଏବେ ଏହାର ମରାମତି କରାଯିବାରେ ପୁର୍ବର ଅଭିଯୋଗ ସତରେ ପରିଣତ ହୋଇଛି। ରାସ୍ତା ସରିବା ପରେ ଏବେ ବଜାର ମାନଙ୍କରେ ଡ୍ରେନ କାମ ଆରମ୍ଭ ହୋଇଛି।ଏବେ ଖଇରା ବଜାର ସଂଲଗ୍ନ କୋଟିଆକୋଇଲି ଗ୍ରାମରୁ



ଆଳଦା ଛକ ପର୍ଯ୍ୟନ୍ତ ଏହି କାମ ଚାଲିଥିବା ବେଳେ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉନଥିବା କାରଣରୁ ବଜାରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବିଶେଷ କରି ପଳସା-ଡୁଙ୍ଗୁରା ରାସ୍ତା ଆରମ୍ଭ ଆଳଦା ଛକ ନିକଟରେ ବିଭାଗର ଅପରିଣାମଦର୍ଶିତା ଯୋଗୁଁ ଦୁର୍ବଳ କଂକ୍ରିଟ ଢଳେଇ ଓ ପତଳା ରଡ ବ୍ୟବହାରକୁ ନେଇ ଜନସାଧାରଣଙ୍କ ଆକ୍ରୋଶ ଦେଖିବାକୁ ମିଳିଛି। ୩ଦିନ ତଳେ ନୟାଖଣ୍ଡି ସରପଞ୍ଚ ପ୍ରତିନିଧି ହୃଦୟ ବେହେରା ଓ ଆଳଦା ଗ୍ରାମର ଜୟନ୍ତ ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏହି ନିମ୍ନମାନର କାମକୁ ବନ୍ଦ ରଖିଛନ୍ତି। ଖଇରା ବଜାରକୁ ସଂଯୋଗ କରୁଥିବା ଏହି ପଳସା -ଡୁଙ୍ଗୁରା ସଡକପଥରେ ଦୈନିକ ଶହ ଶହ ସଂଖ୍ୟାର ଭାରିଯାନ ଯାତାୟାତ କରୁଥିବାରୁ ଏହାର ସିମେଣ୍ଟ ଓ ରଡ ଭାଗ ବଢାଇ ସୁଦୃଢ କରିବାକୁ ଗ୍ରାମବାସୀ ଦାବି କରି ଏହି କାର୍ଯ୍ୟକୁ ଅଟକାଇ ରଖିଥିବା ଜଣାଯାଇଛି। ଆରମ୍ଭରୁ ଏହିକାମରେ ସିମେଣ୍ଟ କମ ବାଲି ଅଧିକ ଦିଆଯାଇ କାମ କରାଯାଉଥିବା ନେ ଆଳଦା ଓ କୋଟିଆକୋଇଲି ଗ୍ରାମର ଅଧିବାସୀ ମାନେ କହିଆସୁଛନ୍ତି। ଜନସାଧାରଣଙ୍କ ଦାବି ଅନୁଯାୟୀ ବିଭାଗ କାମ ନକଲେ କାମ ଅଟକାଇ ରଖାଯିବ ବୋଲି ସରପଞ୍ଚ ପ୍ରତିନିଧି ହୃଦୟ ବେହେରା କହିଛନ୍ତି। ଏ ସମ୍ପର୍କରେ ଡ୍ରେନ ତଦାରଖ କରୁଥିବା ଯନ୍ତ୍ରୀ ଜିତେନ୍ଦ୍ର ମହାଲିକଙ୍କ ପ୍ରତିକ୍ରିୟା ନିଆଯିବାରେ ଲୋକମାନେ ଯାହା ଦାବି କରୁଛନ୍ତି ସେହି ଦାବି ଅନୁଯାୟୀ କାର୍ଯ୍ୟ ହେବ ବୋଲି କହିଛନ୍ତି। ବିଭାଗକୁ ପିସି ପରେ ୱାର୍ଡ ସ୍ତରରୁ ନିର୍ବାଚନ ମଣ୍ଡଳୀ ସ୍ତରର ନେତାକୁ ମଧ୍ୟରେ ପ୍ରତି ସପ୍ତାହରେ ଗୁଞ୍ଜା ଦେବାକୁ ପଡୁଥିବାରୁ ଏଷ୍ଟିମେଟ ଅନୁଯାୟୀ କାମ କରିବା ସମ୍ଭବ ନୁହେଁ ବୋଲି ଡ୍ରେନ ଓ ରାସ୍ତାକାମ ଦେଖୁଥିବା ଜଣେ ତଳସ୍ତରର କର୍ମଚାରୀ ନାମ ଗୋପନ ରଖି କହିଛନ୍ତି।

# ମଦ ସହ ୩ଟି ଗାଡ଼ି ଜବତ, ୩ ଗିରଫ

ବସ୍ତା ବ୍ଲକ, ୧୫।୫ (ସମିସ): ମୟୂରଭଞ୍ଜ ଜିଲ୍ଲାରୁ ବାଲେଶ୍ୱର ଜିଲ୍ଲାକୁ ଦେଶୀ ମଦ ଚୋରା ଚାଲାଣ ବେଳେ ବସ୍ତା ପୁଲିସର ଅତର୍କିତ ଚଢ଼ାଉ କରି ବିପୁଳ ପରିମାଣ ରେ ମଦ ଜବତ କରିବା ସହିତ ୩ ଜଣ ଙ୍କୁ ଗିରଫ କରିଛି। ଏଥି ସହିତ





ପରିବହନ ହେଉଥିବା ୩ ଟି ଗାଡ଼ି କୁ ମଧ ପୁଲିସ ଜବତ କରିଛି। ବସ୍ତା ପୁଲିସକୁ ଏହି ସଫଳତା ମିଳିଥିବା ବେଳେ ଜିଲ୍ଲା ସହିତ ବସ୍ତା ଅବକାରୀ ବିଭାଗ ର କାର୍ଯ୍ୟ ଦକ୍ଷତା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ବିଳମ୍ବିତ ରାତିରେ ପୁଲିସ ପକ୍ଷରୁ କଡ଼ାକଡ଼ି ଚେକିଙ୍ଗ ଚାଲିଥିବା ବେଳେ ଏହି ଥାନା ର ଅମର୍ଦ୍ଦା ରୋଡ ଫାଣ୍ଡି ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଇନ୍ଦିରା ଛକ ଠାରେ ବସ୍ତା ଏସ ଡି ପି ଓ ମାନସ କୁମାର ଦେଓ, ବସ୍ତା ଥାନା ଆଇଆଇସି ରଞ୍ଜିତ ସାହୁ, ଅମର୍ଦ୍ଦା ରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କ ସହିତ ବସ୍ତା ପୁଲିସ ଟିମ୍ ଚଢ଼ାଉ କରି ୩ଟି ଗାଡ଼ିରେ ଚାଲାଣ ହେଉଥିବା ମଦ ଭର୍ତ୍ତି ଗାଡ଼ିକୁ ଜବତ କରିବା ସହିତ ୩ ଅଭିଯୁକ୍ତକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ କାଶୀ ନାଥ ନାୟକ, ସୁଶାନ୍ତ ସିଂ ଓ ବିଜୟ ସିଂ ବୋଲି ଜଣା ପଡିଛି। ଜବତ ମଦର ପରିମାଣ ୩ ହଜାର ୭ଶହ ୧୦ ଲିଟର ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କଲରାପତରିଆ ବାଘମୃତ୍ୟୁ ଘଟଣା, ଶିକାରୀ ଗିରଫ

ନୀଳଗିରି, ୧୫।୫ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନ ପାଟଣାବିଟ କାଠଗୋଛି ଜଙ୍ଗଲରେ ଗତ ୧୨ତାରିଖ ଏକ କଲରାପତରିଆ ବାଘ ଏକ ଫାଶରେ ପଡ଼ି ମୃତ୍ୟୁ ଘଟଣାର ୨ଦିନ ମଧ୍ୟରେ ଶିକାରୀକୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ପାଟଣା ଫରେଷ୍ଟବିଟ କାଠଗୋଛି ଜଙ୍ଗଲରେ ଏକ ଅଣ୍ଡିରା କଲରାପତରିଆ ବାଘ ପଥରଚଟାଣ ନିକଟରେ ଥିବା ଛୋଟ ଶିମିଳିଗଛରେ ବସାଯାଇଥିବା ମଟରସାଇକେଲ କ୍ଲଚତାର ଫାଶରେ ପଡ଼ି ମୃତ୍ୟୁବରଣ କରିଥିବାର ଦେଖି ସ୍ଥାନୀୟଲୋକ ବନବିଭାଗକୁ ଖବର ଦେଇଥିଲେ। ନୀଳଗିରି ବନବିଭାଗ ରେଞ୍ଜର ମନୱର୍ ଖାଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତବାଘକୁ ଦେଖି ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଅବଗତ କରିଥିଲେ। ତେବେ ପ୍ରଥମଥର ପାଇଁ ନୀଳଗିରି ଅଞ୍ଚଳରେ



ବାଘ ଦେଖାଯାଇଥିବା ବାଘଟି କୁଳଡିହା ଜଙ୍ଗଲ କିମ୍ବା ଶିମିଳିପାଳ ଅଭୟାରଣ୍ୟରୁ ଖାଦ୍ୟ,ପାନୀୟ ଅନ୍ୱେଷଣରେ ଖସିଆସିଥିବା ବେଳେ ବାରହା ଫାଶରେ ପଡ଼ି ଜୀବନ ହରାଇଥିବା ବନବିଭାଗ ଅନୁମାନ କରିଥିଲା। ବାଘମୃତ୍ୟୁର କାରଣ ଖୋଜିବା ପାଇଁ ଭୁବନେଶ୍ୱରରୁ ଜଏଣ୍ଟ ଟ୍ୟାକ୍ସ ଫୋର୍ସର ଅଧିକାରୀ ବଟକୃଷ୍ଣ ମିଶ୍ର ଏବଂ ଅନ୍ୟ ଦୁଇଜଣ ସହକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତକରି ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ଆଜି ତଦନ୍ତକାରୀ ଅଧିକାରିଣୀ ଏସିଏଫ୍ ତଟିନୀ ସେଠୀଙ୍କ ନେତୃତ୍ୱରେ ତଦନ୍ତଚାଲିଥିବା ବେଳେ ବିଶେଷସୂତ୍ରରୁ ଖବରପାଇ କାଠଗୋଛି ଗ୍ରାମର ଗୁମାନ ସିଂ ନାମକ ଶିକାରୀକୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ଗୁମାନ ସିଂ ଜଙ୍ଗଲରେ ଫାଶବସାଇଥିବା ତଦନ୍ତକାରୀ ଅଧିକାରୀଙ୍କ ଠାରେ ସ୍ୱୀକାର କରିଥିବା ଜଣାଯାଇଛି।

# ଡମ୍ଫର ଧକ୍କାରେ ଯୁବକ ଗୁରୁତର

ସୋର,୧୫।୫ (ସମିସ): ସୋର ଥାନା ବାଗୁଡି ଖାଦାନ ରାସ୍ତାରେ ବାଇକରେ ଯାଉଥିବା ଜଣେ ଯୁବକଙ୍କୁ ଏକ ଡମ୍ଫର ଧକା ଦେବା ଫଳରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମହୁମୁହାଣ ଗ୍ରାମର ଭରତ ଚନ୍ଦ୍ର ଦେ ଆଜି ମଧ୍ୟାହ୍ନରେ ଏକ ବାଇକ ଯୋଗେ ଖାଦାନ ରାସ୍ତାରେ ବାଗୁଡି ଅଭିମୁଖେ ଆସୁଥିବା ବେଳେ ପଛରୁ ଆସୁଥିବା ଡମ୍ଫର ବିଶିଷ୍ଟ ତାଙ୍କୁ ଧକା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତ୍ତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ନେଇ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି।

# ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ

ନୀଳଗିରି, ୧୫।୫ (ସମିସ): ଶୁକ୍ରବାର ପୂର୍ବାହ୍ନ ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ବିଧାୟକ ସନ୍ତୋଷ ଖଟୁଆ ନିଜ ନିର୍ବାଚନ ମଣ୍ଡଳୀର ତିନିଟି ବ୍ଲକରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକାରୀ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି, ଅଗ୍ରଗତି ଏବଂ ସମ୍ପୂର୍ଣ୍ଣ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର ସ୍ଥିତି ଉପରେ ସମୀକ୍ଷା କରିଥିଲେ। ନୀଳଗିରି ସମେତ ଅନ୍ୟ ଦୁଇ ବ୍ଲକ୍ ଔପଦା, ବାହାନଗାଠାରେ ଜନସ୍ୱାସ୍ଥ୍ୟ ସେବା ବିଭାଗ ପକ୍ଷରୁ ରୋଗୀମାନଙ୍କ ଚିକିତ୍ସା ପାଇଁ ଡାକ୍ତର ନିଯୁକ୍ତି ସମେତ ବିଭିନ୍ନ ଅଭାବ, ଅସୁବିଧା ଏବଂ ସମସ୍ୟା ଉପରେ ବିହିତ ପଦକ୍ଷେପ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ରାସ୍ତା, ଘାଟ, ପୋଲ, କୋଠା ବାଡ଼ି ଏବଂ



ନୂତନ ଭାବେ ନିର୍ମାଣ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ, କ୍ଷୁଦ୍ର ଜଳ ସେଚନ ବିଭାଗ, ଡ୍ରେନେଜ ବ୍ୟବସ୍ଥା, ପାନୀୟ ଜଳ ପ୍ରକଳ୍ପ ଗୁଡିକର ସ୍ଥିତାବସ୍ଥା, ଟିପିଏନ୍ଓଡିଏଲ୍ ଦ୍ୱାରା ନୂତନ ଗ୍ରିଡ୍ ନିମନ୍ତେ ପ୍ରସ୍ତାବ, ସୋଲାର ପମ୍ପ ଜରିଆରେ ଟ୍ୟୁବ୍ ୱେଲ ପରିଚାଳନା ପ୍ରସ୍ତାବ, ସୋଲାର ପାୱାର ସରକାରଙ୍କ ପକ୍ଷରୁ ରିହାତି ସଂପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ପ୍ରଚାର କରାଯିବ। ଉଠା ଜଳସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରିବା ସହିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ବିଭିନ୍ନ ଯୋଜନା, ଶିକ୍ଷା, ସାମାଜିକ ସଶକ୍ତି କରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଖଣିଜ ପଦାର୍ଥ ଏବଂ ଜଙ୍ଗଲ ସୁରକ୍ଷା, ଖାଉଟି ସୁରକ୍ଷା କ୍ଷେତ୍ରରେ ୫୦୦୦ ହିତାଧିକାରୀ ଇ-କେୱାଇସି ହୋଇ ନଥିବା ଉପରେ ମାନ୍ୟବର ବିଧାୟକ ଶ୍ରୀ ଖଟୁଆ ଉଦବେଗ ପ୍ରକାଶ କରିଥିବା ବେଳେ ନୂତନ ଭାବେ କେତେ ସଂଖ୍ୟକ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଯୋଗ୍ୟ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍ ଭିନ୍ନ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ଧନିତା ଏବଂ ଭର୍ମି କମ୍ପୋଷ୍ଟ ପାଇଁ ଉଭୟ ପାଇଲଟ ପ୍ରୋଜେକ୍ଟ ହାତକୁ ନେଇ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷା ଜ୍ୟୋତିର୍ମୟ ପୋଥାଳ, ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ସୋନମ ଦାସ, ଏନ୍.ଏ.ସି. ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଏସ.ଡି. ସି. ଉପାଧ୍ୟକ୍ଷା ଝରଣା ସିଂ, ଜିଲ୍ଲା ପରିଷଦ ସଦସ୍ୟ ଗୋଡିକୃଷ୍ଣ ନନ୍ଦ, ଉଭୟ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ସବୁ ସୂଚନା ଜ୍ଞାନବର୍ଦ୍ଧକ ନୁହେଁ।
--ଆଲବର୍ଟ ଆଇନଷ୍ଟାଇନ୍

## ଆବାସିକ କାର୍ଯ୍ୟାଳୟ

ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ - ଏହି ଆପ୍ତ ବାକ୍ୟ କରୋନା ମହାମାରୀ ପରେ ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ପୃଷ୍ଠଭୂମିରେ ଭାରତରେ ପୁଣି ଥରେ ପ୍ରମାଣ କରିବାର ଅବକାଶ ସୃଷ୍ଟି କରିଛି। ଉତ୍କଟ ତୈଳସଙ୍କଟର ମୁକାବିଲା ପାଇଁ ଘରୁ କାମ କରିବା (ୱାର୍କ ଫ୍ରମ ହୋମ୍) ସପକ୍ଷରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଏହା ସରକାରୀ ଭାବେ ଆଂଶିକ କାର୍ଯ୍ୟକାରୀ ହୋଇଛି। ଏଥିସହିତ ଭାରତରେ ଆବାସିକ କାର୍ଯ୍ୟାଳୟର ପରିକଳ୍ପନା ପୁଣି ଥରେ ଆଲୋଚନା ପ୍ରସଙ୍ଗକୁ ଆସିଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସୃଷ୍ଟ ତୈଳ ଯୋଗାଣ ସମସ୍ୟାର ସମାଧାନ ନିକଟ ଭବିଷ୍ୟତରେ ଦେଖାଯାଉନାହିଁ। ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଅସ୍ଥିରତା ଅଧିକ ଦିନ ଲାଗି ରହିଲେ ଆଗାମୀ ଦିନରେ ଭାରତରେ ତୈଳସଙ୍କଟ ଅତି ଉତ୍କଟ ହେବ। ଏହାର ମୁକାବିଲା ପାଇଁ ହୁଏତ କେବଳ ସ୍ୱାସ୍ଥ୍ୟ, ପୁଲିସ ଓ କେତେକ ଜରୁରୀକାଳୀନ ସେବା ପ୍ରଦାନକାରୀ ଅନୁଷ୍ଠାନକୁ ବାଦ୍ ଦେଇ ସମସ୍ତ ସଂସ୍ଥା/ଅନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇପାରେ କିମ୍ବା ଘରୁ କାମ କରିବା(ୱାର୍କ ଫ୍ରମ ହୋମ୍) ନିୟମ କାର୍ଯ୍ୟକାରୀ କରାଯାଇପାରେ। ଗତ କରୋନା ମହାମାରୀ କାଳରେ ଏଭଳି ବ୍ୟବସ୍ଥା ବିଦେଶ ଓ ଭାରତର ମେଟ୍ରୋ ସହରମାନଙ୍କରେ କାର୍ଯ୍ୟକାରୀ ହୋଇଥିଲେ ହେଁ ଓଡ଼ିଶାରେ ତାହାର ପ୍ରଭାବ ବିଶେଷ ପରିଲକ୍ଷିତ ହୋଇ ନଥିଲା। କିନ୍ତୁ ପରିବେଶ ପ୍ରଦୂଷଣ, ସ୍ଥାନାଭାବ ସମସ୍ୟା, ଶକ୍ତି ଅପଚୟ, ମାନବ ସମ୍ବଳ କାର୍ଯ୍ୟ ସମୟ ହ୍ରାସ ଆଦି ପ୍ରସଙ୍ଗ ବିଚାରକୁ ନେଲେ ଆବାସିକ କାର୍ଯ୍ୟାଳୟର ଯୁକ୍ତିସଙ୍ଗତା ଓ ଯଥାର୍ଥତା ସପକ୍ଷରେ ମତ ପ୍ରକାଶ ପାଇଥିଲା, ଯାହା ଆଜିର ପୃଷ୍ଠଭୂମିରେ ମଧ୍ୟ ପ୍ରାସଙ୍ଗିକ।

ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ମୁଖ୍ୟ କାର୍ଯ୍ୟାଳୟ ଓ ଏହାର ଶାଖାକୁ କର୍ମଚାରୀଙ୍କ ବାସସ୍ଥାନ ସହିତ ଯୋଡ଼ିବା କଷ୍ଟକର ନୁହେଁ। ଯଦି ସେଭଳି କିଛି ନିହାତି ଆବଶ୍ୟକ ନଥିବ ତେବେ ଜଣେ କର୍ମଚାରୀ ଘରେ ବସି କାମ କରିବାରେ ଅସୁବିଧା କିମ୍ବା ଅସଙ୍ଗତି ନାହିଁ। ଏହାଦ୍ୱାରା ଘରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାଆସିବାରେ ହେଉଥିବା ସମୟ, ଶକ୍ତି, ଅର୍ଥ ଓ ଇନ୍ଧନ ଅପଚୟ ଏବଂ କାର୍ଯ୍ୟାଳୟର ଅଟ୍ଟାଳିକା ପାଇଁ ଜମି ଆବଶ୍ୟକତା ଓ ରକ୍ଷଣାବେକ୍ଷଣଜନିତ ବିପୁଳ ଖର୍ଚ୍ଚକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇପାରିବ। ପ୍ରଦୂଷଣ, ବିଶ୍ୱ ତାପନ ସମସ୍ୟା ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ ହୋଇପାରିବ। ଘରେ ରହି କାମ କରିବାର ସୁଯୋଗ ପାଇଲେ କର୍ମଚାରୀମାନେ ସଂସ୍ଥା ପାଇଁ ଅଧିକ ସମୟ ଦେଇପାରିବେ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେବ। ଉପରୋକ୍ତ କାରଣଗୁଡ଼ିକୁ ଗ୍ରହଣ କରି ଅଧିକାଂଶ ପାଶ୍ଚାତ୍ୟ ଦେଶରେ ଆବାସିକ କାର୍ଯ୍ୟାଳୟ ବିକଳ୍ପ କ୍ରମଶଃ ଗ୍ରହଣୀୟ ହେଉଛି। ଯଦି ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆନ୍ତରିକତାର ସହିତ ଆବାସିକ କାର୍ଯ୍ୟାଳୟ ବିକଳ୍ପ ସମ୍ବନ୍ଧରେ ବିଚାର କରାଯାଏ ତେବେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରନ୍ତା।

ଅବଶ୍ୟ ଏହି ବିକଳ୍ପ ବା ପରୀକ୍ଷାନିରୀକ୍ଷାର ସଫଳତା ନିର୍ଭର କରୁଛି ସୂଚନା ପ୍ରଯୁକ୍ତି ସେବାର ଗୁଣାତ୍ମକ ମାନ ଏବଂ ତାହାର ସଫଳ ଉପଯୋଗିତା ଉପରେ। ଓଡ଼ିଶା ସମେତ ଭାରତର ଅଧିକାଂଶ ରାଜ୍ୟର ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଆଶାନୁରୂପ ନୁହେଁ। ଯଦିବା ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ପର୍ଯ୍ୟାପ୍ତ ବିକାଶ କରି ଆବାସିକ କାର୍ଯ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୁଏ ତେବେ ମଧ୍ୟ ଏହାର ନିରବଚ୍ଛିନ୍ନ ସେବା, କର୍ମଚାରୀଙ୍କ ମାନସିକତା ଓ ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତା ଏକାଧିକ ପ୍ରଶ୍ନ ସୃଷ୍ଟି କରୁଛି। ଘରେ ବସି କାମ କରିବାର ସୁଯୋଗ ଯଦି ଠକାମି ବା ଅଳସୁଆ ପ୍ରବୃତ୍ତିକୁ ଜନ୍ମ ଦିଏ ତେବେ ମୂଳ ଉଦ୍ଦେଶ୍ୟ ସାକାର ହୋଇପାରିବ ନାହିଁ। ଏତଦ୍‌ବ୍ୟତୀତ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠାନ/ସଂସ୍ଥାର ଉପରସ୍ତରରେ ଥିବା ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତା ନିର୍ଣ୍ଣାୟକ ସାବ୍ୟସ୍ତ ହୁଏ। ସେହିଦୃଷ୍ଟିରୁ ପ୍ରଥମେ ପରିଚାଳନାଗତ ଢାଞ୍ଚାରେ ଆବଶ୍ୟକ ସଂସ୍କାର ଜରିଆରେ ଦକ୍ଷତା ବୃଦ୍ଧି ଆବଶ୍ୟକ।

ଭାରତୀୟ କର୍ମସଂସ୍କୃତିର ଏକ ଅଲିଖିତ ପ୍ରଥା ଶାରୀରିକ ଉପସ୍ଥିତି ଓ ତଦାରଖ ମାନସିକତା ସହିତ ଜଡ଼ିତ। ବ୍ରିଟିଶ୍ ଅମଳରୁ ଚାଲିଆସିଥିବା ଏହି କର୍ମସଂସ୍କୃତି ନବ୍ୟ ଆଧୁନିକ ଅର୍ଥନୀତିରେ ମଧ୍ୟ ସେଭଳି ସଂଶୋଧିତ ହୋଇନାହିଁ କି ଏ ଦିଗରେ ପ୍ରୟାସ ମଧ୍ୟ ଆରମ୍ଭ ହୋଇନାହିଁ। ଆଜି ମଧ୍ୟ ଉପସ୍ଥାନ ବା ମୁଣ୍ଡଗଣତି ଭିତ୍ତିକ ବା ମୁହଁଚହାଁ କାର୍ଯ୍ୟ ପରିବେଶକୁ ଭାରତର କର୍ପୋରେଟ୍ ମାନବ ସମ୍ବଳ ବିଭାଗ ଅଗ୍ରାଧିକାର ଦେଇଆସିଛି ଏବଂ ଏହା ହିଁ ଉତ୍ପାଦକତା ବୃଦ୍ଧିର ଅପରିହାର୍ଯ୍ୟ ମାର୍ଗ ଗୃହୀତ ହୋଇଛି। କିନ୍ତୁ ବାସ୍ତବତା ହେଉଛି ଆଜିର ନବନିଯୁକ୍ତ ଯୁବବର୍ଗ ଏକ ପରିବର୍ତ୍ତନଶୀଳ ସାବଲୀଳ ଓ ସ୍ୱାଧୀନ କର୍ମପରିବେଶକୁ ପସନ୍ଦ କରୁଥିବା ବେଳେ ପ୍ରଶାସନର ଉପର ଧାଡ଼ିରେ ବସିଥିବା ପରିଚାଳକ ବା ପ୍ରଶାସକମାନେ ଏ ପର୍ଯ୍ୟନ୍ତ ପାରମ୍ପରିକ ରୂଢ଼ିବାଦୀ ମାନସିକତାକୁ ପରିହାର କରି ପାରିନାହାନ୍ତି। କର୍ପୋରେଟ୍ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ସହକର୍ମୀଙ୍କ ସମ୍ମୁଖରେ ଅଧସ୍ତନମାନଙ୍କୁ ତାଗିଦ୍ କରିବାରେ ମିଳୁଥିବା ଆତ୍ମତୃପ୍ତି ଆବାସିକ କାର୍ଯ୍ୟାଳୟ(ୱାର୍କ ଫ୍ରମ ହୋମ୍) କର୍ମସଂସ୍କୃତିରେ ସମ୍ଭବ ନୁହେଁ। ତେଣୁ ଭାରତୀୟ 'ବସ୍'ମାନେ କେତେଦୂର ସେମାନଙ୍କ ପଦପଦବୀର ଅହଂ ପ୍ରଦର୍ଶନର ଆତୁରତା(ବସ୍‌ଗିରି)କୁ ପରିହାର କରିପାରିବେ ତାହା ଉପରେ ଆବାସିକ କାର୍ଯ୍ୟାଳୟର ସଫଳତା ନିର୍ଭର କରୁଛି।

ଏସବୁ ବିରୋଧାଭାସ ସତ୍ତ୍ୱେ ପରିବର୍ତ୍ତନର ଆହ୍ୱାନକୁ ଦୀର୍ଘଦିନ ଧରି ଏଡ଼ାଇ ଚାଲିବା ଅସମ୍ଭବ। କର୍ମଚାରୀ ମହଲରେ ମତ ପ୍ରକାଶ ପାଉଛି ଯେ ଯଦି ଘରେ ବସି ବଜାରର ସେବା ମିଳିପାରୁଛି ତେବେ କାର୍ଯ୍ୟ ସମ୍ପାଦନରେ କୁଣ୍ଠା କାହିଁକି? ସହର ଦ୍ରୁତ ସମ୍ପ୍ରସାରିତ ହେବା ସହିତ ଆବାସଠାରୁ କାର୍ଯ୍ୟାଳୟର ଦୂରତା ଅସମ୍ଭବ ଭାବେ ବଢ଼ିବାରେ ଲାଗିଛି। ଏହି ଦୂରତ୍ୱ କର୍ମଚାରୀମାନଙ୍କର ସମୟ, ଅର୍ଥ ଅପଚୟ ସହିତ ଶାରୀରିକ ଦକ୍ଷତା, ଉତ୍ପାଦକତାକୁ ହ୍ରାସ କରୁଛି। ତେଣୁ ଏହାର ବିକଳ୍ପ ରୂପେ ଆବାସିକ କାର୍ଯ୍ୟାଳୟ ସଂସ୍କୃତିର ପରୀକ୍ଷା ଏକ ଅପେକ୍ଷା ରଖେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟର ପୃଷ୍ଠଭୂମିରେ ଭାରତରେ ଯଦି ଆବାସିକ କାର୍ଯ୍ୟାଳୟର ପରୀକ୍ଷା-ନିରୀକ୍ଷା ସଫଳ ହୁଏ ତେବେ ତାହାର ପ୍ରଭାବ ସୁଦୂରପ୍ରସାରୀ ହେବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର, କୋର୍ଟକଚେରି ମାମଲାର ତ୍ୱରିତ ଶୁଣାଣି, ପୁଲିସ-ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ସମ୍ପୂର୍ଣ୍ଣ ବ୍ୟବସ୍ଥା ଗତିଶୀଳ ହୋଇ ଶାସନ-ପ୍ରଶାସନ ଅଧିକ ଲୋକାଭିମୁଖୀ ହୋଇପାରିବ। ●

## ମିତବ୍ୟୟିତାର ଆବଶ୍ୟକତା ଓ ଆମ ବ୍ୟବସ୍ଥା

ପ୍ରହଲ୍ଲାଦ କୁମାର ସିଂହ

ମିତବ୍ୟୟିତା ଅବଲମ୍ବନ ପାଇଁ ପେଟ୍ରୋଲ, ଡିଜେଲ୍ ଓ ଖାଇବା ତେଲ ବ୍ୟବହାର କମାଇବା, ବିଦେଶ ଭ୍ରମଣକୁ ଏଡ଼ାଇବା, ଘରୁ କାମ କରିବା ଏବଂ ବର୍ଷକ ପର୍ଯ୍ୟନ୍ତ ସୁନା ନ କିଣିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦେଇଥିବା ଆହ୍ୱାନ ଘେନି ଚାରିଆଡ଼େ ଚର୍ଚ୍ଚା। ଏହାର ପ୍ରଭାବରେ ପ୍ରଧାନମନ୍ତ୍ରୀଙ୍କ ସମେତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳଙ୍କ ସଦସ୍ୟମାନେ ସେମାନଙ୍କ ଥାଟବାଟ୍‌ରେ ଯାଉଥିବା କାର୍‌କେଡ୍‌ରେ ଗାଡ଼ି ସଂଖ୍ୟା କମାଇବା ଘେନି ଘୋଷଣା କରିଛନ୍ତି। ଆଉ କେତେକ ରାଜ୍ୟ ସରକାରୀ ଗାଡ଼ି ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଉପୁଜିଥିବା ବିଭ୍ରାଟ ଯୋଗୁଁ ମିତବ୍ୟୟିତାର ଆବଶ୍ୟକତା ଅଧିକ ଅନୁଭୂତ ହେଉଥିବା ବେଳେ ଏହି ଆହ୍ୱାନକୁ କେନ୍ଦ୍ର କରି ବିତର୍କ ସୃଷ୍ଟି ହୋଇଛି।

ଏକଥା ସତ ଯେ ଆମ ଦେଶରେ ଯେତେ ପରିମାଣର ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ୍ ଆଦି ବ୍ୟବହାର ହୁଏ ତାହାର ମୁଖ୍ୟାଂଶ ବିଦେଶରୁ ଆମଦାନି କରାଯାଇଥାଏ। ଯୁଦ୍ଧ ଯୋଗୁଁ ତୈଳ ଓ ଗ୍ୟାସ୍ ଆମଦାନି ପ୍ରଭାବିତ ହୋଇଥିବାରୁ ଆମକୁ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏବେ ଅଶୋଧିତ ତୈଳ ଆମଦାନି ପାଇଁ ଭାରତ ବାର୍ଷିକ ପ୍ରାୟ ୧୫ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରୁଛି। ଗ୍ୟାସ୍ ପାଇଁ ତ ହାଣ୍ଡିଶାଳ ଉପରେ ମାଡ଼ ପଡ଼ିଛି। ଭାରତ ବିଦେଶରୁ ବାର୍ଷିକ ପାଖାପାଖି ୨ଲକ୍ଷ କୋଟି ଟଙ୍କାର ଖାଇବା ତେଲ ଓ ଦେଢ଼ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାସାୟନିକ ସାର ଆମଦାନି କରୁଥିବା କୁହାଯାଉଛି। ସୁନା କିଣିବା କ୍ଷେତ୍ରରେ ବି ବିଦେଶକୁ ଆମର ବାର୍ଷିକ ପାଖାପାଖି ଅଢ଼େଇ ଲକ୍ଷ କୋଟି ଟଙ୍କା ଚାଲିଯାଉଛି। ଏହି ତାଲିକା ଢେର ଲମ୍ବା।

ଭାରତକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ସରକାରରେ ଥିବା ବେଳେ ବହୁ ଘୋଷଣା କରି ଆସିଛନ୍ତି। କିନ୍ତୁ ଭାରତ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ବାଣିଜ୍ୟିକ ନିଅଣ୍ଟ ସଂକ୍ରାନ୍ତରେ ଯେଉଁ ପରିସଂଖ୍ୟାନ ରହିଛି ସେଥିରେ ରପ୍ତାନୀ ଅପେକ୍ଷା ଆମଦାନି ଅଧିକ ହେଉଥିବାରୁ ଆମର ଆର୍ଥିକ ବ୍ୟବସ୍ଥା ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଥିବା ସ୍ପଷ୍ଟ। ୧୯୫୦-୫୧ରୁ ଏଯାବତ୍ ମାତ୍ର ୨ଟି ଆର୍ଥିକ ବର୍ଷ ୧୯୭୨-୭୩ ଓ ୧୯୭୬-୭୭କୁ ଛାଡ଼ିଦେଲେ ଅନ୍ୟ ସବୁ ବର୍ଷ ଆମର ବାଣିଜ୍ୟିକ ନିଅଣ୍ଟ ଲାଗିରହୁଛି। ୧୯୫୦-୫୧ରେ ଆମ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ମାତ୍ର ୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ତାହା ୨୩, ୯୪, ୭୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା କେନ୍ଦ୍ର ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ କହୁଛି। ଗତ ଆର୍ଥିକ ବର୍ଷର ବାଣିଜ୍ୟିକ ନିଅଣ୍ଟ ପରିମାଣ ୧୧୯.୩୦ ବିଲିଅନ୍ ଆମେରିକୀୟ ଡଲାରରେ ପହଞ୍ଚିଥିବା କୁହାଯାଉଥିବା ବେଳେ ପରବର୍ତ୍ତୀ ଆର୍ଥିକ ସର୍ଭେ ରିପୋର୍ଟରୁ ଏହାର ବାସ୍ତବ ସ୍ଥିତି ଜଣାପଡ଼ିବ।

ବାଣିଜ୍ୟିକ ନିଅଣ୍ଟର ସିଧାସଳଖ କୁପ୍ରଭାବ ପଡୁଛି ଆମର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ। ଏହାଛଡ଼ା ଦେଶର ଋଣବୋଝ ବି ହୁହୁ ହୋଇ ବଢ଼ିବାରେ ଲାଗିଛି। ସ୍ୱାଧୀନୋତ୍ତର ଭାରତବର୍ଷରେ ଅନେକ ବିକାଶ ହୋଇଥିଲେ ମଧ୍ୟ ମନ୍ଦିରକୁ ମୁଖଶାଳା ବଳିଗଲା ଭଳି ଆମର ଋଣବୋଝ ଆମ ବିକାଶକୁ ଚାପି ଦେଉଛି। ୧୯୪୭ରେ ଦେଶର ଦେଣା ୨୩୩୧ କୋଟି ୯୮ ଲକ୍ଷ ଟଙ୍କାରେ ସୀମିତ ଥିଲା। ଏହା ବଢ଼ିବଢ଼ି ପ୍ରାୟ ୨୦୦ ଲକ୍ଷ କୋଟି ଟଙ୍କା ହେଲାଣି। ରାଜ୍ୟ ସରକାରଗୁଡ଼ିକର ବି ଋଣ ବୋଝ ପ୍ରାୟ ୧୦୦ ଲକ୍ଷ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କର ୫୩, ୪୭, ୩୧୫ କୋଟି ଟଙ୍କାର ଯେଉଁ ବଜେଟ୍ ରହିଛି ସେଥିରୁ ପ୍ରାୟ ୨୪ ପ୍ରତିଶତ ଋଣରୁ ଆସିବ ଏବଂ ସୁଧ ଆଦି ଦେୟ ବାବଦରେ ୨୦ ପ୍ରତିଶତ ଖର୍ଚ୍ଚ ହେବ। ଏ ବର୍ଷ କେନ୍ଦ୍ର ସରକାର ୧୭.୨ ଲକ୍ଷ କୋଟି ଟଙ୍କା ଋଣ ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଡଲାରର ବିନିମୟ ମୂଲ୍ୟ ଭାରତୀୟ ଟଙ୍କାରେ ବଢ଼ିବଢ଼ି ଚାଲିଛି। ୧୯୭୬ ବେଳକୁ ଗୋଟିଏ ଡଲାର ବିନିମୟ ମୂଲ୍ୟ ୮ ଟଙ୍କା ୯୭ ପଇସା ଥିବା ବେଳେ ଏବେ ତାହା ପ୍ରାୟ ୯୬ ଟଙ୍କାରେ ପହଞ୍ଚିଲାଣି।

ଏଭଳି ସ୍ଥିତିରେ ସ୍ୱଦେଶୀ, ସ୍ୱାବଲମ୍ବନ, ସ୍ୱାଭିମାନ ଓ ସମାଜବାଦକୁ ଅଣଦେଖା କରି ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥାକୁ ବଢ଼ାଇବା ଫଳରେ ଆର୍ଥିକ, ସାମାଜିକ ଓ ରାଜନୈତିକ ବୈଷମ୍ୟ ବୃଦ୍ଧି ପାଉଛି। ପ୍ରକାଶିତ ରିପୋର୍ଟ ମୁତାବକ ଆମ ଦେଶର ଧନୀ ଲୋକମାନଙ୍କ ଭିତରୁ ୩୦ ପ୍ରତିଶତଙ୍କ ହାତରେ ମୋଟ ସମ୍ପତ୍ତିର ୯୦ ଭାଗ ରହିଥିବା ବେଳେ ଏହି ବର୍ଗର ଶୀର୍ଷରେ ଥିବା ୧ ପ୍ରତିଶତଙ୍କ ହାତରେ ମୋଟ ସମ୍ପତ୍ତିର ୪୦.୬ ପ୍ରତିଶତ ଠୁଳ ହୋଇଛି। ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ ଦରିଦ୍ର ଲୋକ ଭାରତରେ ରୁହନ୍ତି। ଅନ୍ୟପକ୍ଷରେ ଦେଶର ଜିଏସ୍‌ଟି ବାବଦରେ ଯେତେ ଟିକସ ଆଦାୟ ହୁଏ ତାହାର ପ୍ରାୟ ଦୁଇ-ତୃତୀୟାଂଶ ସବୁଠାରୁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକ ଭରଣା କରିଥା'ନ୍ତି। ଆଳସ୍ୟ, ଦାରିଦ୍ର୍ୟ, ଦୁର୍ନୀତି, ନିଶା ଓ ହିଂସା ଆମ ଜନଜୀବନକୁ ବ୍ୟତିବ୍ୟସ୍ତ କରୁଥିବା ବେଳେ ବେକାରୀ, ବେରୋଜଗାରୀ ଓ ଦରଦାମ୍ ବୃଦ୍ଧିରେ ସାଧାରଣ ଲୋକେ ଅସ୍ତବ୍ୟସ୍ତ।

ସ୍ୱାଭିମାନ ଓ ଆତ୍ମନିର୍ଭରଶୀଳତାର ମାର୍ଗରେ ଯିବା ପରିବର୍ତ୍ତେ ଲୋକଙ୍କୁ ବିଭିନ୍ନ ମାଗଣା ଯୋଜନା, ନିଶା, ଅପରାଧ ଆଦିରେ ଛନ୍ଦି ଦିଆଯାଉଛି। ମାଗଣା ଯୋଜନା ଘେନି ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଆମ ଦେଶର ୮୧କୋଟି ୩୫ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଗହମ ବଣ୍ଟା ଯାଉଛି। ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା କରି ବାଣ୍ଟିବା କାମ ଚାଲିଥିବା ବେଳେ ମଧୁବାବୁ ପେନ୍‌ସନ୍ ଯୋଜନା ଓ ଅନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ୫୭ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଅର୍ଥ ବଣ୍ଟା ଚାଲିଛି। ସାରା ଦେଶରେ ଏହି ଧାରା ପ୍ରତିଯୋଗିତାଭିତ୍ତିରେ ଲାଗିଛି। ୫ଟଙ୍କିଆ ଆହାରଠାରୁ ଆଉ ବହୁ ମାଗଣା ଯୋଜନା ଆମ ବ୍ୟବସ୍ଥା ଉପରେ ଭାରି ପଡୁଛନ୍ତି। ଖୋଦ୍ ରିଜର୍ଭ ବ୍ୟାଙ୍କ ମଧ୍ୟ ମାଗଣା ଯୋଜନା ବ୍ୟବସ୍ଥା ଘେନି ବାରମ୍ବାର ଚିନ୍ତାବ୍ୟକ୍ତ କରୁଛନ୍ତି। କିନ୍ତୁ ତାହାର କିଛି ପ୍ରଭାବ ପଡୁନାହିଁ।

ମିତବ୍ୟୟିତା ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଅବଲମ୍ବନ କରିବା ଆବଶ୍ୟକ। କିନ୍ତୁ ଦେଖାଯାଏ ଯେ ରାଜନୈତିକ, ପ୍ରଶାସନିକ, ସାମାଜିକ ଆଦି କ୍ଷେତ୍ରରେ ନେତୃତ୍ୱ ନେଉଥିବା ବହୁ ବ୍ୟକ୍ତି ଅପବ୍ୟୟରେ ମାତି ଅନ୍ୟମାନଙ୍କ ପାଇଁ ଖରାପ ଉଦାହରଣ ସୃଷ୍ଟି କରନ୍ତି। କଳାଧନର ପାହାଡ଼ ଉପରେ ବସି ଗରିବଙ୍କ ଟିକସ ପଇସା ଓ ଋଣ ଅର୍ଥରେ ମଉଜ କରୁଥିବା ଶାସକ/ସେବକମାନଙ୍କ ପାଇଁ ସ୍ୱଚ୍ଛତା, ମିତବ୍ୟୟିତା ସତେଯେମିତି ଅପହଞ୍ଚ ଇଲାକା ହୋଇରହିଛି। ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମା'ରମାଦେବୀ, ଗୁଲଜାରିଲାଲ ନନ୍ଦା, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଲାଲବାହାଦୂର ଶାସ୍ତ୍ରୀ, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାଶଙ୍କ ଭଳି ନେତାମାନେ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ମିତବ୍ୟୟିତା, ସାଧୁତା, ଦେଶପ୍ରେମ ଆଦିର ଯେଉଁ ଛାପ ଛାଡ଼ିଯାଇଛନ୍ତି ତାହାକୁ ବର୍ତ୍ତମାନର ପିଢ଼ି ଅନୁସରଣ କଲେ ବହୁ ସମସ୍ୟାର ସମାଧାନ ହେବା ସହିତ ସରଳ ଜୀବନ ଓ ଉଚ୍ଚ ଚିନ୍ତନର ଆଦର୍ଶ ବିଶ୍ୱ ଆଗରେ ଆମେ ରଖିପାରିବା।

ବିଜୁ ପଟ୍ଟନାୟକ ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମିତବ୍ୟୟିତା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଯେଉଁ ମନ୍ତ୍ରୀମାନଙ୍କର ଭୁବନେଶ୍ୱରରେ ଘର ଅଛି ସେମାନେ ସରକାରୀ କ୍ୱାଟର୍ସ ନରଖିବା, ମୁଖ୍ୟମନ୍ତ୍ରୀଙ୍କଠାରୁ ସମସ୍ତ ମନ୍ତ୍ରୀ, ମୁଖ୍ୟ ସଚିବଙ୍କଠାରୁ ସମସ୍ତ ସଚିବ ଓ କ୍ଷେତ୍ର ଅଧିକାରୀମାନେ ସପ୍ତାହରେ ପ୍ରତି ଶନିବାର ଓ ରବିବାର ଦିନ ସରକାରୀ ଗାଡ଼ି ବ୍ୟବହାର ନକରିବା, ବ୍ୟକ୍ତିଗତ ଓ ଘରୋଇ କାର୍ଯ୍ୟରେ ସରକାରୀ ସୁବିଧା ସୁଯୋଗର ଦୁରୁପଯୋଗ ନକରିବା ଆଦି କଟକଣା ସେତେବେଳେ ଲାଗିଥିଲା। ଏବେ ତାହାର ପୁନରାବୃତ୍ତି କରାଯାଇପାରିବ କି? ତଳୁ ଉପର ପର୍ଯ୍ୟନ୍ତ ଆମ ନେତା ଓ ଅଧିକାରୀମାନଙ୍କ ସୁରକ୍ଷା ଓ ଆଡ଼ମ୍ବର ପାଇଁ ଯେତେ ଅର୍ଥ ବରବାଦ ହେଉଛି ସେମାନେ ତାହା ଛାଡ଼ିପାରିବେ କି? ପ୍ରତିଟି ସରକାରୀ ଟଙ୍କାକୁ ଦୁର୍ନୀତି, ଭ୍ରଷ୍ଟାଚାରରୁ ରକ୍ଷା କରାଯାଇପାରିବ କି? ସରକାରୀ ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରୀ ଓ ଅଧିକାରୀମାନଙ୍କ ଲାଗି ଯେତୋଟି ସରକାରୀ ଗାଡ଼ି ଓ ସରକାରୀ କର୍ମଚାରୀ ନିୟୋଜନ ହେବା କଥା ତାହାର ଅଧା କାଣ୍ଟଛାଣ୍ଟ କରିପାରିବେ କି? ଯଦି ଗଙ୍ଗୋତ୍ରୀ ବିଷାକ୍ତ ହେବ ତେବେ ଗଙ୍ଗା ସାଗରରେ ସ୍ୱଚ୍ଛତା ରହିବ କେଉଁଠି? ଏ ପରିପ୍ରେକ୍ଷୀରେ ସର୍ବପ୍ରଥମେ ଦେଶକୁ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ଦେଉଥିବା ନେତା ଓ ପ୍ରଶାସକମାନେ କାୟମନୋବାକ୍ୟରେ ମିତବ୍ୟୟିତା, ସାଧୁତା, ସ୍ୱଚ୍ଛତା ଓ ସଂଯମ ଅବଲମ୍ବନ କଲେ ତଥାକଥିତ ଧନିକ ବର୍ଗଙ୍କୁ 'ଟ୍ରଷ୍ଟିସିପ୍' ମନ୍ତ୍ରରେ ଅଭିମନ୍ତ୍ରିତ କରାଇବା ପାଇଁ ଚାପ ପଡ଼ିପାରିବ। ସାଧାରଣ ଲୋକେ ବି ରାଷ୍ଟ୍ରର ହିତ ଦୃଷ୍ଟିରୁ ମିତବ୍ୟୟିତା ସହିତ ଶୃଙ୍ଖଳାକୁ ଆପଣାଇବେ।

ପ୍ରତିକୂଳ ପରିସ୍ଥିତି ସଶକ୍ତ ହେବା ପାଇଁ ପ୍ରେରଣା ଦେଇଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧଜନିତ ପରିସ୍ଥିତି ସହିତ ବାଣିଜ୍ୟିକ ନିଅଣ୍ଟ, ଋଣବୋଝ, ଆର୍ଥିକ ବୈଷମ୍ୟ, ପରମୁଖାପେକ୍ଷିତା, ନିଶା, ହିଂସା, ଦୁର୍ନୀତି, କଳାଧନ, ଅପରାଧ ଆଦିର ନକାରାତ୍ମକ ବାତାବରଣରୁ ମୁକୁଳି ଆମକୁ ସକାରାତ୍ମକ ମାର୍ଗରେ ସମୃଦ୍ଧ ଭାରତ ନିର୍ମାଣ ପାଇଁ ଆଗେଇବାକୁ ପଡ଼ିବ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରା ଓ ନିର୍ଯାତନାବରଣ ପ୍ରତିବଦଳରେ ଯେଉଁ ସ୍ୱାଧୀନତା ହାସଲ କରାଯାଇଛି ତାହାକୁ ବିଷବଳୟରୁ ରକ୍ଷା କରିବା ପାଇଁ ପୁଣି ଆମକୁ ତ୍ୟାଗ ଓ ସେବାର ମନ୍ତ୍ରରେ ଅଭିମନ୍ତ୍ରିତ ହେବାକୁ ପଡ଼ିବ। ଦେଶ ବଡ଼ ହେଲେ ଆମେ ସମସ୍ତେ ବଡ଼ ହେବା। ସର୍ବପ୍ରଥମେ ଆମ ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ତା'ପରେ ଆଉ ଯାହାକିଛି। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଅନିୟନ୍ତ୍ରିତ ବିସ୍ତାରିତ ସହର

ଅରିଜିତ ମିଶ୍ର

'ସହର' ଆଧୁନିକ ସମୟର ଏକ ଉନ୍ନତିମୂଳକ ଦୃଷ୍ଟାନ୍ତ। ବର୍ତ୍ତମାନର ଆଧୁନିକ ସମାଜ ସହରୀ ଜୀବନରେ ଚଳିବା ନିମନ୍ତେ ଶତଚେଷ୍ଟିତ। ସେଥିପାଇଁ ସହରମାନଙ୍କର ସଂଖ୍ୟା ଏବଂ ସହରର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। ମଣିଷର ମାନସିକତା ହେଉଛି ହାତ ପାଖରେ ସବୁ ସୁବିଧା ମିଳିବା ଦରକାର, ଯେପରିକି ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ଶିଳ୍ପାୟନ, ବିଦ୍ୟୁତ୍ ଓ ଜଳ ସୁବିଧା ଇତ୍ୟାଦି। ମୁଖ୍ୟତଃ ଗ୍ରାମାଞ୍ଚଳର ଯୁବବର୍ଗ ଚାକିରି ଓ ଶିକ୍ଷା ଅନ୍ୱେଷଣରେ ବର୍ତ୍ତମାନ ସହର ମୁହାଁ।

ସହରମାନଙ୍କରେ ଜନସଂଖ୍ୟା ଏବଂ ଗୃହ ସଂଖ୍ୟା ବଢ଼ିବା ଦ୍ୱାରା ଗୃହୋପଯୋଗୀ ଜମିର ଅଭାବ ଦେଖାଦେଉଛି। ତେଣୁ ସହର ନିକଟସ୍ଥ ଚାଷ ଜମି, ଜଙ୍ଗଲ, ନଦୀ କୂଳ, ସମୁଦ୍ର କୂଳ ଆଦି ଜମିଗୁଡ଼ିକ ଧୀରେ ଧୀରେ ସହର ଉପକଣ୍ଠ ଅଞ୍ଚଳରେ ଅନିୟନ୍ତ୍ରିତ ଭାବରେ ବିସ୍ତାର କଲାଣି। ଭାରତରେ ବର୍ତ୍ତମାନ ବଡ଼ ସହରଗୁଡ଼ିକର ଆକାରରେ ୫% ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ୨% ରୁ ୪% ବୃଦ୍ଧି ପାଉଛି। ଦିଲ୍ଲୀରେ ୧୯୯୦ ମସିହା ପରେ ୪% ସହରର ଆକାର ବୃଦ୍ଧି ପାଇଛି। ବିଶେଷକରି ଗୁଡଗାଁଓ, ନୋଏଡ଼ା, ଗାଜିଆବାଦ ଆଦି ଅଞ୍ଚଳର ଦ୍ରୁତ ସମ୍ପ୍ରସାରଣ ଘଟିଛି। ମୁମ୍ବାଇ ସହରରେ ସୀମିତ ଜମି ଥିବାରୁ ଉଚ୍ଚ ଅଟ୍ଟାଳିକାର ନିର୍ମାଣ ବୃଦ୍ଧି ପାଇଛି। ନବି ମୁମ୍ବାଇ, ଥାନେ ପରି କେତେକ ଅଞ୍ଚଳ ବଢ଼ି ସମ୍ପୂର୍ଣ୍ଣ ମୁମ୍ବାଇର ଆକାର ୩% ବୃଦ୍ଧି ପାଇଛି। କର୍ଣ୍ଣାଟକର ବେଙ୍ଗାଲୁରୁ ସହର ପ୍ରଯୁକ୍ତିବିଦ୍ୟାର ମାତ୍ରାଧିକ ଅନୁଷ୍ଠାନ ହେବା ଦ୍ୱାରା ତାହାର ସୀମା ୨୦୦ ବର୍ଗ କିଲୋମିଟରରୁ ବୃଦ୍ଧି ପାଇ ୮୦୦ ବର୍ଗ କିଲୋମିଟରରେ ପହଁଚିଛି। ସେହିପରି ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହର ବର୍ତ୍ତମାନ ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ସହରମାନଙ୍କ ମଧ୍ୟରୁ ଅନ୍ୟତମ। କ୍ରମଶଃ ଭୁବନେଶ୍ୱର ଓ କଟକ ସହରର ମଧ୍ୟବର୍ତ୍ତୀ ଅଞ୍ଚଳ ପାହାଳ, ନଖରା, ବାଲିକୁଦା ଆଦିକୁ ଦେଖିଲେ ଜାଣି ହେଉନି କିଏ ଭୁବନେଶ୍ୱର କିଏ କଟକ! ଭୁବନେଶ୍ୱରରେ ବରମୁଣ୍ଡା ଠାରୁ ଖଣ୍ଡଗିରି, ଆଇଗିଣିଆ, ପିତାପଲ୍ଲୀ ଆଦି ଉପକଣ୍ଠ ଅଞ୍ଚଳ ଏବେ ଖୋର୍ଦ୍ଧା ସହର ନିକଟତର ହେଲାଣି। ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟ ଭୁବନେଶ୍ୱର ସହର ସହିତ ମିଶିବାକୁ ଉଦ୍ୟତ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ରାସ୍ତା ଠାରୁ ବାରଙ୍ଗ, ତ୍ରିଶୁଳିଆ ଅଞ୍ଚଳ ଏବେ ସହରୀ ସଭ୍ୟତାରେ ଅବତୀର୍ଣ୍ଣ। ଜନସଂଖ୍ୟାର ଘନତ୍ୱ ବୃଦ୍ଧି ହେବା ଫଳରେ କଟକ ସହରର ଆକାରରେ ୨% ବିସ୍ତାର ହୋଇ ଭୁବନେଶ୍ୱର ସହିତ ମିଶ୍ରଣ ଘଟିଲାଣି।

ସବୁଠାରୁ ବଡ଼ ସମସ୍ୟା ହେଉଛି ସହର ଓ ସହର ତଳିମାନଙ୍କରେ ବସ୍ତି ଓ ବସ୍ତିବାସିନ୍ଦାଙ୍କ ସଂଖ୍ୟା ବୃଦ୍ଧି ପାଇବା। ସହର ଭିତରେ ଶସ୍ତା ଘର ମିଳୁ ନ ଥିବାରୁ ଉପକଣ୍ଠରେ ଥିବା ସରକାରୀ ଜମି ବା ଗୋଚର ଜମିକୁ ଜବରଦଖଲ କରି ବସ୍ତି ନିର୍ମାଣ ହେଉଛି। ଭାରତର ବଡ଼ ସହରଗୁଡ଼ିକରେ ବସ୍ତିବାସିନ୍ଦାଙ୍କ ମାତ୍ରା ୪୦% ଥିବା ବେଳେ ଓଡ଼ିଶାରେ ୨୫% ରହିଛି। ବସ୍ତି ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ପରିବେଶ ଅସ୍ୱଚ୍ଛ ହେବା ସହିତ ସ୍ୱାସ୍ଥ୍ୟ, ଖାଦ୍ୟ ଓ ପାନୀୟରେ ସମସ୍ୟା ଏବଂ ବିଭିନ୍ନ ପ୍ରକାରର ଅପରାଧ ବୃଦ୍ଧି ପାଏ।

ଏହାର ନିୟନ୍ତ୍ରଣ ନିହାତି ଆବଶ୍ୟକ। ମୁଖ୍ୟତଃ ସରକାରୀ ସ୍ତରରେ କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଯେଉଁ ସହର ଉପକଣ୍ଠ ଚାଷ ଜମିଗୁଡ଼ିକୁ ଲୋକେ ବିକିବା ପାଇଁ ଘରବାଡ଼ି ପଟ୍ଟା କରୁଛନ୍ତି, ସେଥିରେ ନିହାତି ନିୟନ୍ତ୍ରଣ ଲାଗିବା ଜରୁରୀ। ଦୀର୍ଘମିଆଦୀ ସହରୀ ଯୋଜନା କରିବା ସହିତ ସହରର ଚତୁଃପାର୍ଶ୍ୱକୁ ଗଛ ଲଗାଇ ସବୁଜ ସୁନ୍ଦର କଲେ ପରିବେଶ ପାଇଁ ଭଲ। ସରକାରୀ ସ୍ତରରେ ଭୂମିହୀନମାନଙ୍କୁ 'ଜାଗା ମିଶନ୍' ମାଧ୍ୟମରେ ଭୂମି ଓ ଗୃହ ବଣ୍ଟନ ହେଉଛି। ଏହି ମାତ୍ରା ସଠିକ୍ ରୂପେ ପରିଚାଳନା ହେଲେ ଆଗକୁ ବିଶେଷ ଭାବରେ ବସ୍ତିବାସିନ୍ଦାଙ୍କ ସଂଖ୍ୟା କମିଯିବ। ଗାଁରେ ଯୁବବର୍ଗଙ୍କ ପାଇଁ ରୋଜଗାରର ରାସ୍ତା ସୃଷ୍ଟି ହେଲେ ମଙ୍ଗଳପ୍ରଦ। ଯାହା ଫଳରେ ସେମାନେ ସହରାଭିମୁଖୀ ନହୋଇ ଗାଁରେ ରୋଜଗାରର ପନ୍ଥା ବାଛିବେ। ପ୍ରଦୂଷଣ ଜନିତ ସମସ୍ୟାକୁ ନିହାତି ଭାବରେ ଧ୍ୟାନ ଦେଲେ ମଣିଷ ଓ ସହରୀ ପରିବେଶ ବଞ୍ଚି ପାରିବ।

ସମସ୍ତ ଅସୁବିଧାର ନିରାକରଣ ଖାଲି ସରକାରଙ୍କ ହସ୍ତକୁ ଠେଲି ଦେଇ ବସିଗଲେ ହେବନି। ସେଥିପାଇଁ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଜରୁରୀ। ବର୍ତ୍ତମାନ ଓ ଭବିଷ୍ୟତରେ ସହରକୁ ଯେପରି ଏକ ସୁସ୍ଥ ପରିବେଶ ମଧ୍ୟରେ ରଖିପାରିବା ସେଥିନିମିତ୍ତ ଜନସାଧାରଣଙ୍କ ଏକତା ଓ ନିଃସ୍ୱାର୍ଥ ସହଯୋଗ ଅତ୍ୟନ୍ତ କାମ୍ୟ। ●

ବୀରନରସିଂହପୁର(ପୁରୀ),
ମୋ: ୯୦୪୦୩୫୦୦୮୯

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା



ଅଶୋକଙ୍କ ଅଭିଲେଖଗୁଡ଼ିକ ପ୍ରାକୃତ, ଗ୍ରୀକ୍ ତଥା ଆରାମିକ ଭାଷାରେ ଲିଖିତ। ଆଫଗାନିସ୍ତାନରେ ଲିଖିତ ଅଭିଲେଖ ସବୁରେ ଆରାମିକ ତଥା ଗ୍ରୀକ୍ ଲିପି ବ୍ୟବହାର କରାଯାଇଥିବା ବେଳେ ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳ ମାନସେହରା ତଥା ଶାହବାଜଗଡ଼ି ନିମନ୍ତେ ଖରୋଷ୍ଠୀ ଲିପି ଏବଂ ସାମ୍ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳ ନିମନ୍ତେ ବ୍ରାହ୍ମୀ ଲିପି ବ୍ୟବହାର କରାଯାଇଥିଲା।

ଅଶୋକଙ୍କ ଅଭିଲେଖଗୁଡ଼ିକୁ ସାଧାରଣ ଭାବେ ଦୁଇଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା ଯେଉଁଗୁଡ଼ିକ ପଥର ଚଟାଣ ଉପରେ ଖୋଦିତ ଏବଂ ଅନ୍ୟଟି ହେଉଛି ପଥର ତିଆରି ସ୍ତମ୍ଭରେ ଖୋଦିତ। ସେହିଭଳି ପଥର ଚଟାଣରେ ଖୋଦିତ ଶିଳାଲେଖଗୁଡ଼ିକ ମଧ୍ୟ ତିନିଗୋଟି ଭାଗରେ ବିଭକ୍ତ - ଶିଳା ଲିପି, କ୍ଷୁଦ୍ର ଶିଳାଲିପି ଓ ଗୁମ୍ଫା ଲେଖ।

ଷଷ୍ଠ ସ୍ତମ୍ଭଲେଖ ଅନୁଯାୟୀ ଅଶୋକ ଧର୍ମ ସମ୍ପର୍କୀୟ ଲେଖମାନ ରାଜ୍ୟାଭିଷେକର ବାରବର୍ଷ ପରେ (ଖ୍ରୀ. ପୂ. ୨୬୯) ଅଥବା ରାଜ୍ୟ ଶାସନରେ ତ୍ରୟୋଦଶ ବର୍ଷ ପରେ (ଖ୍ରୀ.ପୂ. ୨୫୭) ପ୍ରବର୍ତ୍ତନ କରିବା ଆରମ୍ଭ କଲେ। ସେ ପ୍ରଥମେ କ୍ଷୁଦ୍ର ଶିଳାଲିପି ମାନ ଖୋଦନ କରାଇଥିଲେ। ଏହାର ଅଳ୍ପକାଳ ପରେ ଶିଳାଲିପିଗୁଡ଼ିକ ପ୍ରବର୍ତ୍ତନ କରାଇଲେ। ତ୍ରୟୋଦଶ ଶିଳାଲିପି ଅଶୋକଙ୍କ ରାଜ୍ୟଶାସନର ନବମ ବର୍ଷରେ ଏବଂ ଅଷ୍ଟମ ଶିଳାଲିପି ଶାସନର ଏକାଦଶ ବର୍ଷରେ ଜାରି କରାଯାଇଥିଲା। ଏଗୁଡ଼ିକ ତାଙ୍କର ବିଗତ ବର୍ଷ ମଧ୍ୟରେ ସଂଘଟିତ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମକୁ ନେଇ ପ୍ରବର୍ତ୍ତିତ କରାଯାଇଥିଲା। ତୃତୀୟ ତଥା ଚତୁର୍ଥ ଶିଳାଲିପି ତାଙ୍କ ଶାସନର ତ୍ରୟୋଦଶ ବର୍ଷରେ ଏବଂ ପଞ୍ଚମ ଶିଳାଲିପି ଶାସନର ଚତୁର୍ଦ୍ଦଶ ବର୍ଷରେ ପ୍ରବର୍ତ୍ତିତ ହୋଇଥିଲା। ତିନିଗୋଟି ଗୁମ୍ଫାଲେଖ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଲେଖ ଶାସନର ତ୍ରୟୋଦଶ ବର୍ଷରେ ଖୋଦିତ ହେବା ସହ ତୃତୀୟଟି ଶାସନର ବିଂଶ ବର୍ଷରେ ଖୋଦିତ ହୋଇଥିଲା।

ସ୍ତମ୍ଭଲେଖଗୁଡ଼ିକ ମଧ୍ୟରୁ କ୍ଷୁଦ୍ର ସ୍ତମ୍ଭଲେଖରେ କୌଣସି ନିର୍ଦ୍ଦିଷ୍ଟ ସମୟର ଉଲ୍ଲେଖ ନାହିଁ। ଦୁଇଟିଯାକ ସ୍ତମ୍ଭଲେଖ ଶାସନର ଏକବିଂଶ ବର୍ଷରେ ଖୋଦିତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଶୋକଙ୍କ ଶାସନର ପଞ୍ଚଦଶ ବର୍ଷର ଘଟଣାକ୍ରମ ସହ ସଂପର୍କିତ। ପ୍ରଥମ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ତମ୍ଭ ଲେଖମାନ ତାଙ୍କ ଶାସନ ସପ୍ତବିଂଶ ବର୍ଷରେ ଖୋଦିତ ହୋଇଥିଲା। ଷଷ୍ଠ ସ୍ତମ୍ଭଲେଖଟି ସମ୍ରାଟଙ୍କର ଶାସନର ତ୍ରୟୋଦଶ ବର୍ଷର ଏକ ଘଟଣାକ୍ରମ ସଂପର୍କିତ ଥିଲା।

ଅଶୋକଙ୍କ ଶିଳାଲେଖଗୁଡ଼ିକ ଯେଉଁସବୁ ସ୍ଥାନମାନଙ୍କରେ ସ୍ଥାପନ କରାଯାଇଥିଲା, ସେଗୁଡ଼ିକ ସବୁ ଭୌଗୋଳିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେଗୁଡ଼ିକ ଯୋଜନାବଦ୍ଧ ଭାବେ ଜନବସତି ନିକଟରେ ଅଥବା ଗୁରୁତ୍ୱପୂର୍ଣ୍ଣ ଯାତ୍ରାମାର୍ଗରେ କିମ୍ବା ଧର୍ମସ୍ଥଳ ନିକଟରେ ସ୍ଥାପନ କରାଯାଉଥିଲା। ଯାହାଫଳରେ ସେଗୁଡ଼ିକ ଅଧିକସଂଖ୍ୟକ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରିବେ। ଯେଉଁ ସ୍ଥାନମାନଙ୍କରେ ଶିଳାଲେଖ ସ୍ଥାପନ କରାଯାଇଥିଲା ସେଗୁଡ଼ିକ ମୁଖତଃ ଛଅଗୋଟି ଅଞ୍ଚଳର ଚାଳିଶ ଗୋଟି ସ୍ଥଳ। ଅଞ୍ଚଳସବୁ ହେଲା ଉତ୍ତରଭାରତ, ଦକ୍ଷିଣଭାରତ, ପୂର୍ବଭାରତ, ପଶ୍ଚିମଭାରତ, ମଧ୍ୟଭାରତ ଏବଂ ଭାରତ ବାହାର ଥିବା ଅଞ୍ଚଳ। ଯେଉଁସବୁ ସ୍ଥାନରେ ଅବସ୍ଥିତ ସେଗୁଡ଼ିକ ହେଲା ଉତ୍ତର ଭାରତର ଅହରୌରା, ଏଲାହାବାଦ- କୋସମ, ଦିଲ୍ଲୀ- ମିରଟ ଓ ଦିଲ୍ଲୀ-ତୋପ୍ରା, କାଲାସୀ, ସାରନାଥ, ସୋହଗୌରା। ଦକ୍ଷିଣ ଭାରତର ବ୍ରହ୍ମଗିରି, ଗବୀ ମଠ, ମାସ୍କି, ପାଲକୀଗୁଣ୍ଡ, ରାଜୁଲା ମନ୍ଦାଗିରି, ସିଦ୍ଧାପୁର, ସୁବନ୍ତେଗିରି ଓ ୟେରାଗୁଡି। ପୂର୍ବ ଭାରତରେ ବରାବର ପାହାଡ଼ ଗୁମ୍ଫା, ଧଉଳି, ଜଉଗଡ଼, ଲଉରିୟା- ଅରାରାଜ, ଲଉରିୟା-ନନ୍ଦନଗଡ଼, ମହାସ୍ଥାନ, ପାଟଳୀପୁତ୍ର, ରାମପୂର୍ବା, ସହସ୍ରାମ ଓ ତାମ୍ରଲିପି।। ପଶ୍ଚିମ ଭାରତର ବଇରାତ, ଭରୁଚ, ଗିରନାର, ଜତିଙ୍ଗ-ରାମେଶ୍ୱର, ସୋପାରୀ ଓ ଉଜ୍ଜୟିନୀ। ମଧ୍ୟ ଭାରତର ଗୁଜରା, ରୂପନାଥ ଓ ସାଞ୍ଚି। ଭାରତ ବାହାର ଅଞ୍ଚଳରେ କାନ୍ଦାହାର, ଲମ୍ପିକ, ମାନସେହରା, ନିଗଳି- ସାଗର, ରୁମିନ୍ଦେଇ, ଶାହବାଜ ଗଡ଼ି ଓ ତକ୍ଷଶିଳା।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ...

### ଦର ବଢ଼ିଲା...

ମିଳୁଛି । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ସରକାର ପେଟ୍ରୋଲ ଓ ଡିଜେଲ ଦାମରେ ତିନି ଟଙ୍କା ବୃଦ୍ଧି କରିବାକୁ ଆଜି ସକାଳେ ଘୋଷଣା କରିଛନ୍ତି । ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ତେଲ ଦର ବଢୁଥିବାରୁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏହି ନିଷ୍ପତ୍ତି ନେଇଥିବା ସରକାର ସଫେଇ ଦେଇଛନ୍ତି । ତୈଳ ଦର ବୃଦ୍ଧି ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୯୪.୭୭ ଟଙ୍କାରୁ ବଢ଼ି ୯୭.୭୭ ଟଙ୍କା ହୋଇଛି । ସେହିପରି ଡିଜେଲ ଲିଟର ପିଛା ୮୭.୬୭ ଟଙ୍କାରୁ ବଢ଼ି ୯୦.୬୭ ଟଙ୍କାରେ ପହଞ୍ଚିଛି । ବିଶେଷଜ୍ଞଙ୍କ ମତରେ ଏହା କେବଳ ଆରମ୍ଭ ମାତ୍ର । ଆଗାମୀ ଦିନରେ ଗ୍ରାହକଙ୍କୁ ଆହୁରି ବଡ଼ ଝଟ୍‌କା ଲାଗିପାରେ । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ଯୋଗାଣ ଶୃଙ୍ଖଳାରେ ବାଧା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପ୍ରାୟ ୧୦୭ ଡଲାର ଅତିକ୍ରମ କରିଛି । ଭାରତରେ ତୈଳ କମ୍ପାନୀଗୁଡ଼ିକ ଗତ କିଛି ମାସ ଧରି ଦର ବଢ଼ାଇ ନଥିବାରୁ ଦିନକୁ ପ୍ରାୟ ୧୦୦୦ କୋଟି ଟଙ୍କାର କ୍ଷତି ସହୁଥିଲେ । ଏହି କ୍ଷତି ଭରଣା ପାଇଁ ଏବେ ଦର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶେଷଜ୍ଞଙ୍କ ଅନୁଯାୟୀ, ବର୍ତ୍ତମାନର ୩ ଟଙ୍କାର ବୃଦ୍ଧି ଯଥେଷ୍ଟ ନୁହେଁ । ତୈଳ କମ୍ପାନୀଗୁଡ଼ିକର ସ୍ଥିତି ସୁଧାରିବା ପାଇଁ ଆଗକୁ ଆହୁରି ୧୧ ରୁ ୧୫ ଟଙ୍କା ପର୍ଯ୍ୟନ୍ତ ଦର ବୃଦ୍ଧି ହେବାର ସମ୍ଭାବନା ରହିଛି । କେତେକ ଆର୍ଥିକ ବିଶେଷଜ୍ଞଙ୍କ ମତରେ, ଯଦି ଅଶୋଧିତ ତୈଳ ଦର ଏହିପରି ବଢ଼ିଚାଲେ, ତେବେ ମୋଟ ଉପରେ ୨୦ ରୁ ୨୫ ଟଙ୍କା ପର୍ଯ୍ୟନ୍ତ ଦର ବୃଦ୍ଧି ଘଟିପାରେ ।

### ଚାଲିଗଲା ରୋଗୀଙ୍କ...

ଚାଲିଗଲା ବୋଲି ପରିବାରଲୋକେ କାନ୍ଦି କାନ୍ଦି କହିଛନ୍ତି । ଅନ୍ୟପକ୍ଷରେ, ଆମ୍ବୁଲାନ୍ସ ମାଲିକ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଗାଡ଼ିରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ହୋଇଥିବା କହିଛନ୍ତି । ଖବର ପାଇ କଟକ ସଦର ଥାନା ପୁଲିସ ଗୋପାଳପୁର ନିକଟରେ ଅଟକି ରହିଥିବା ଆମ୍ବୁଲାନ୍ସକୁ ଜବତ କରିଛି । ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସରେ ତେଲ କିମ୍ବା ଅକ୍ସିଜେନ ନ ରହିବା ଏବଂ ଗାଡ଼ିର ଫିଟନେସ୍ ନ ଥିବା ଭଳି ପ୍ରସଙ୍ଗ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

### ପେଟ୍ରୋଲ୍ ଟାଙ୍କି...

ବିରୋଧୀ ଏହାକୁ ଅଘୋଷିତ ଜରୁରୀ ପରିସ୍ଥିତି ବୋଲି ଅଭିହିତ କରିଛନ୍ତି । ଅନ୍ୟପକ୍ଷରେ ତେଲ କମ୍ପାନୀଗୁଡ଼ିକ ରାଜ୍ୟରେ ଦୁଇଦିନରେ ୩୦% ଅଧିକ ତେଲ ବିକ୍ରି ହୋଇଥିବା ସୂଚନା ଦେଇ ଆବଶ୍ୟକରୁ ଅଧିକ ତେଲ କ୍ରୟ ଯୋଗୁଁ ଏପରି ସ୍ଥିତି ଉପୁଜିଛି ବୋଲି କହି ନିଜ ମୁଣ୍ଡରୁ ଅଠା ଛାଡ଼ାଇଛି । ଗୁରୁବାର ଭଳି ଶୁକ୍ରବାର ସାରା ରାଜ୍ୟରେ ତେଲ ସଙ୍କଟ ଜାରି ରହିଛି । ରାଜଧାନୀ ସହ କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲା ଆଦି ସହରରେ ଗୁରୁବାର ରାତି ସାରା ଲୋକେ ତେଲ ପକାଇବାକୁ ପେଟ୍ରୋଲ ପମ୍ପରେ ଧାଡି ଲଗାଇଥିବା ଦେଖିବାକୁ ମିଳିଛି । ତେଲ ନ ଥିବାରୁ ଅନେକ ଟାଙ୍କି ବନ୍ଦ ରହିଛି ଓ ଅନ୍ୟ କିଛି ପମ୍ପ କର୍ତ୍ତୃପକ୍ଷ ଅସ୍ଥାୟୀ ବ୍ୟାରିକେଡ୍ କରି ତେଲ ପମ୍ପକୁ ଅବରୋଧ କରି ରଖିଛନ୍ତି । ଏଭଳି ସ୍ଥିତି ଜାରି ରହିଲେ ଆଗକୁ ଯାତ୍ରୀ ଓ ମାଲ ପରିବହନ ଠପ୍ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀ କହିଛନ୍ତି ଯେ, ରାଜ୍ୟରେ ତେଲକୁ ନେଇ ବର୍ତ୍ତମାନ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ତେଲ କମ୍ପାନୀଗୁଡିକ ଦାୟୀ । ଆମକୁ ଗତ ୫ ଦିନ ହେବ ୪୦% କମ୍ ତେଲ ମିଳୁଛି । ଏବେ ବି ୨ ଲକ୍ଷ ଟ୍ରକ୍ ମଧ୍ୟରୁ ୪୦ ହଜାର ଟ୍ରକ୍ ତେଲ ଅଭାବରୁ ଚାଲିପାରୁନାହିଁ ।

ସ୍ଥିତି ମୁକାବିଲା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ ସଚିବାଳୟରେ ଅନୁଷ୍ଠିତ ହୋଇଛି । ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମସ୍ତ ପେଟ୍ରୋଲ ପମ୍ପକୁ ତୈଳ ଯୋଗାଣ ସ୍ଥିର ରହିଛି । ଲୋକେ ଭୟଭୀତ ନ ହୋଇ ପେଟ୍ରୋଲ ଓ ଡିଜେଲ ଆବଶ୍ୟକତାଠାରୁ ଅଧିକ ନ କିଣିବାକୁ ତୈଳ କମ୍ପାନୀର ପ୍ରତିନିଧିମାନେ ବୈଠକରେ ଅବଗତ କରାଇଥିବା କଥା ମନ୍ତ୍ରୀ ଦୋହରାଇଛନ୍ତି । ଏହା ସମସ୍ୟାର ତ୍ୱରିତ ସମାଧାନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନେଇ ପ୍ରତିନିଧିମାନେ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିବା ମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ତେଲ ସଙ୍କଟ ସ୍ଥିତିକୁ ସ୍ୱାଭାବିକ କରିବା ବଦଳରେ ଇଣ୍ଡିଆନ ଅଏଲ୍ କର୍ତ୍ତୃପକ୍ଷ ଲୋକଙ୍କ ଆଡ଼କୁ ଦୋଷ ଠେଲିଛନ୍ତି । କମ୍ପାନୀର ରାଜ୍ୟ ମୁଖ୍ୟ କହିଛନ୍ତି ଯେ ଗୋଟିଏ ଟାଙ୍କି ପାଖରେ ୨ରୁ ୩ ଦିନର ତେଲ ଷ୍ଟକ୍ ଥାଏ । କିନ୍ତୁ ଅଚାନକ ୩୦ରୁ ୪୦% ବିକ୍ରି ବଢ଼ିଗଲେ ଡ୍ରାଏ ଆଉଟ୍ ସମସ୍ୟା ଉପୁଜେ । ଦେଶରେ ୨ରୁ ୩ ଦିନ ଭିତରେ ପେଟ୍ରୋଲ ବିକ୍ରି ୩୭ ପ୍ରତିଶତ ବଢ଼ିଛି । ଗ୍ରାହକ ସଂଖ୍ୟା ୩୦-୪୦% ବଢିଗଲେ ପମ୍ପ୍ ଖାଲି ହେବ । ଏହା ଅଭାବ ନୁହେଁ, ଅତିରିକ୍ତ ଭିଡ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି ।

### ସେପ୍ଟେମ୍ବର ୬ରେ...

ପାରିନଥିଲା, ସେମାନେ ମଧ୍ୟ ଏସ୍ଆଇଆର୍ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଏସ୍ଆଇଆର ସମୟରେ ୪୫ ହଜାର ୨୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ । ଏସ୍ଆଇଆର୍‌କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ ସବୁ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଥିବା ବେଳେ ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୨୭ହଜାର ୭୨୩ ଜଣଙ୍କୁ ନିଯୁକ୍ତ କରାଯାଇଛି ବୋଲି ସିଇଓଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରୁ ମଧ୍ୟ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବାର ବ୍ୟବସ୍ଥା କରାଯାଇଛି ।

### ଜୁନ୍ ୨୧ରେ ...

ସ୍ୱଚ୍ଛତା ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଆସନ୍ତାର ଜୁନ୍ ୨୧ ତାରିଖରେ ନିଟ୍‌ର ପୁନଃ ପରୀକ୍ଷା ହେବ । ଜୁନ୍ ୧୪ ତାରିଖ ସୁଦ୍ଧା ନୂତନ ପ୍ରବେଶ ପତ୍ର ୱେବସାଇଟ୍‌ରେ ଉପଲବ୍ଧ ହେବ । ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ । ପରୀକ୍ଷାର୍ଥୀମାନେ ନିଜ ପସନ୍ଦର ପରୀକ୍ଷା କେନ୍ଦ୍ର ବା ସହର ବାଛିବା ପାଇଁ ସୁଯୋଗ ପାଇବେ ବୋଲି ସେ କହିଛନ୍ତି ।

### ପିକ୍‌ଅପ୍ ଡ୍ରାଇଭରକୁ...

ରଙ୍ଗାଡିପା ଗାଁର ସମରେନ୍ଦ୍ର ପରିଡା ଭସ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖବରପାଇ ସୁନ୍ଦରଗଡ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଭସ୍ମା ଥାନା ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆହତମାନଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ । ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

### ଏସନ ଧୋକା ଦେବ...

ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ସମୁଦ୍ରର ପୃଷ୍ଠଭାଗ ଏବଂ ନିମ୍ନ ଭାଗର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି । ବିଷୁବରେଖୀୟ ପ୍ରଶାନ୍ତ ମହାସାଗରର ନିମ୍ନ ଭାଗର ତାପମାତ୍ରା କ୍ରମାଗତ ୬ ମାସ ଧରି ସ୍ୱାଭାବିକଠାରୁ ଯଥେଷ୍ଟ ଅଧିକ ରହିଥିବା ବେଳେ ଏହା ଏଲ୍-ନିନୋକୁ ଦୀର୍ଘସ୍ଥାୟୀ କରିବା ପାଇଁ ଆବଶ୍ୟକ ତାପଜ ଶକ୍ତି ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହି ସାମୁଦ୍ରିକ ପରିବର୍ତ୍ତନ ସହ ବାୟୁମଣ୍ଡଳର ସମନ୍ୱୟ ମଧ୍ୟ ଦେଖିବାକୁ ମିଳୁଛି । ଭାରତୀୟ ଉପମହାଦେଶ ପାଇଁ ଏହି ପରିବର୍ତ୍ତନ ସାଧାରଣତଃ ଦୁର୍ବଳ ଓ ଅନିୟମିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ସଙ୍କେତ ଦେଇଥାଏ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ଏହାଦ୍ୱାରା ହାରାହାରି ତାପମାତ୍ରାରେ ବୃଦ୍ଧି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ଆଶଙ୍କା ଏବଂ ଚାଷ ସମୟରେ ଦୀର୍ଘ ଦିନ ଧରି ବର୍ଷାର ଅଭାବ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅଧିକ ଦିନ ଧରି ରହିବା ସହ ବର୍ଷାର ପରିମାଣରେ ବ୍ୟାପକ ଅନିଶ୍ଚିତତା ଦେଖାଯାଇପାରେ । ଓଡ଼ିଶାର କୃଷି କ୍ଷେତ୍ରରେ ବିଶେଷ କରି ଖରିଫ ଧାନ ବୁଣିବା ଏବଂ ତଳି ରୋପଣ ସମୟରେ ବର୍ଷାର ଅଭାବ ଯୋଗୁଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଏହି ସ୍ଥିତିର ମୁକାବିଲା ପାଇଁ ଚାଷୀମାନେ ସ୍ୱଳ୍ପ ଅବଧି ଏବଂ ମରୁଡ଼ି ସହନଶୀଳ ବିହନ ବ୍ୟବହାର କରିବା ସହ ଜମିରେ ବୃଷ୍ଟି ଜଳ ସଂରକ୍ଷଣ ଏବଂ କ୍ଷେତ ସ୍ତରରେ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

### ୨୬ରେ କେରଳ...

ପରେ ଏହା ପହଞ୍ଚିପାରେ ବୋଲି ପୂର୍ବାନୁମାନ କରାଯାଇଛି । ମୌସୁମୀ ବାୟୁ ଭାରତୀୟ କୃଷି ଓ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶର ବାର୍ଷିକ ବର୍ଷାର ପ୍ରାୟ ୭୦ ପ୍ରତିଶତ ଏହି ସମୟରେ ହୋଇଥାଏ । ତେବେ ଚଳିତ ବର୍ଷ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିପାରେ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି । ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ସ୍ଥିତି ସକ୍ରିୟ ହେଉଥିବାରୁ ଭାରତରେ ବର୍ଷାର ପରିମାଣ କମିପାରେ । ସାଧାରଣତଃ ମୌସୁମୀ ସମୟରେ ୮୭ ସେଣ୍ଟିମିଟର ବର୍ଷା ହୋଇଥାଏ, ମାତ୍ର ଏଥର ମାତ୍ର ୮୦ ସେଣ୍ଟିମିଟର ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି । ମୌସୁମୀର ଆଗମନ ଖରା ଓ ଗୁଳୁଗୁଳିରୁ ରକ୍ଷା କରିବା ସହ ଜଳାଶୟଗୁଡ଼ିକୁ ପୂର୍ଣ୍ଣ କରିବାରେ ସାହାଯ୍ୟ କରେ । ଯଦିଓ ମୌସୁମୀ ଶୀଘ୍ର ଆସୁଛି, ତଥାପି 'ଏଲ୍ ନିନୋ' କାରଣରୁ କମ୍ ବର୍ଷା ହେଲେ ଏହାର ପ୍ରଭାବ ଚାଷ କାର୍ଯ୍ୟ ଉପରେ ପଡ଼ିବାର ଆଶଙ୍କା ରହିଛି । ପାଣିପାଗ ବିଭାଗ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ।


## ପ୍ରମାଣ ପତ୍ର

ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭୁବନେଶ୍ୱର, ତାରିଖ ୧୨.୦୫.୨୦୨୬ ସମ୍ମୁଖରେ ଏକ ଶପଥ ପତ୍ର ଅନୁଯାୟୀ, ମୁଁ ଜୟଦେବ ଶତପଥୀ, ବୟସ ୪୬ ବର୍ଷ, ପିତା - ସ୍ୱର୍ଗତ କିଶୋର ଚନ୍ଦ୍ର ଶତପଥୀ, ଠିକଣା - କୁମ୍ଭାର ଷ୍ଟ୍ରିଟ୍, ମାଲକାନଗିରି, ପୋଷ୍ଟ/ଥାନା/ଜିଲ୍ଲା- ମାଲକାନଗିରି, ପିନ୍ - ୭୬୪୦୪୫ ଏହାଦ୍ୱାରା ଘୋଷଣା କରୁଛି ଯେ ମୋର ନାବାଳକ ପୁଅର ନାମ ସାଇ ସିଦ୍ଧାନ୍ତ ଶତପଥୀ (ପୁରୁଣା ନାମ) ରୁ ସିଦ୍ଧାନ୍ତ ଶତପଥୀ (ନୂତନ ନାମ) ରେ ପରିବର୍ତ୍ତନ ହୋଇଛି । ଏଣିକି ସେ ସମସ୍ତ ଉଦ୍ଦେଶ୍ୟରେ **ସିଦ୍ଧାନ୍ତ ଶତପଥୀ** ଭାବରେ ପରିଚିତ ହେବେ ।

ସ୍ୱା/- ଜୟଦେବ ଶତପଥୀ



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER
CUM DISTRICT MISSION DIRECTOR, NHM, SUNDARGARH
DISTRICT PROGRAMME MANAGEMENT UNIT, NHM

10001/164/2627

SUNDARGARH, ODISHA, 770001
Contact No: 06622-272201, E-mail: dpmsundargarh@gmail.com
Letter No: 1771/DPMU/NHM/2026 Date: 15/05/2026

**NOTICE INVITING EOI FOR EMPANELLMENT OF AGENCY**

Sealed tenders/bids are hereby invited regarding empanelment of Agency/Supplier for following Items/services to office of the CDM & PHO, Sundargarh on annual rate contract basis of ZSS, Sundargarh.

1. Tender A- Empanelment of agency for supply of Printing related items
2. Tender B- Empanelment of agency for Providing Accomodation, Training venue and Food.
3. Tender C – Empanelment of agency for providing catering services.
4. Tender D – Empanelment of supplier for providing Computer Consumables & Stationary items.

Details bid documents for all above services may be downloaded from www.sundargarh.odisha.gov.in. Interested bidders have to submit separate bid of each of the above items/services. The sealed tender should reach the office of the undersigned on or before **08.06.2026 till 01:00 P.M** along with the required documents through Speed Post/Regd.post/Courier only. The tender will be opened on 09.06.2026 as per the time mentioned in bid documents in the office chamber of the undersigned. This office will not entertain any tender after the due date/time fixed for in any circumstances. The undersigned reserves the right to reject any or all the quotation without assigning any reason thereof.

CDM & PHO cum DMD
Sundargarh

OIPR-10001/10100/1/26-27/0003



## AFFIDAVIT

By virtue of an Affidavit before Notary Public, Malkangiri, I **Padmani Madhi,** aged about 37 years, W/o: Narasing Madhi, resident of village: Dengaguda Colony, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 528/26, Dated: 27/04/2026 that I have changed my name from Padmini Madhi to **Padmani Madhi**. Henceforth I shall be known as **Padmani Madhi** for all future purposes.

## NOTICE

By virtue of an affidavit sworn before Notary Public, Rourkela , dated 14.05.2026, I, Madhuchhanda Barpanda, Address: B-160, Sector-20, Rourkela, Dist-Sundergarh, Odisha, Pin-769005, declare that I have changed my name from Madhuchhanda To Madhuchhanda Barpanda. Henceforth, I shall be known as **Madhuchhanda Barpanda** for all purposes.

**(Madhuchhanda Barpanda)**



यूनियन बैंक ऑफ इंडिया Union Bank of India

ହନୁମାନ ବଜାର ଶାଖା
ପାକଲବାରି ଷ୍ଟ୍ରିଟ୍, ସାନ ବଜାର,
ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ,
ଓଡ଼ିଶା-୭୬୦୦୦୨

## ଲକର ନୋଟିସ୍

ଆପଣ ନିମ୍ନଦର୍ଶିତ ଲକରଧାରୀମାନଙ୍କୁ ସେମାନଙ୍କର ପଞ୍ଜିକୃତ ଠିକଣାରେ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସମୟରେ ନୋଟିସ୍ ଦିଆଯିବା ସତ୍ତ୍ୱେ ମଧ୍ୟ ଆପଣମାନେ ଲକର ଦେୟ ପୈଠ କରିବାରେ ଏବଂ ବ୍ୟାଙ୍କ ଶାଖା ସହିତ ଯୋଗାଯୋଗ କରିବାରେ ବିଫଳ ହୋଇଛନ୍ତି । ତେଣୁ ଆପଣମାନଙ୍କୁ ଜଣାଇ ଦିଆଯାଉଛି କି, ଆପଣମାନେ ଏହି ନୋଟିସ୍ ତାରିଖ ଠାରୁ ୩ ମାସ ମଧ୍ୟରେ ବ୍ୟାଙ୍କ ଶାଖାରେ ଯୋଗାଯୋଗ କରନ୍ତୁ ଏବଂ ସଙ୍ଗେସଙ୍ଗେ ଲକର ଦେୟ ପୈଠ କରନ୍ତୁ । ଯଦି ଆପଣମାନେ ବକେୟା ଦେୟ ବାରମ୍ବାର ନୋଟିସ୍ ସତ୍ତ୍ୱେ ମଧ୍ୟ ପ୍ରଦାନ କରୁନାହାନ୍ତି ଏବଂ ଏହା ଜାଣିଶୁଣି କରୁଥାନ୍ତି ତେବେ ଫଳସ୍ୱରୂପ ଆପଣଙ୍କ ଲକର ଧାରଣର ସମସ୍ତ ଅଧିକାର ବାଜ୍ୟାପ୍ତି / ରଦ୍ଦ ହେବ ଏବଂ ବ୍ୟାଙ୍କ ଆପଣଙ୍କୁ ଆବଣ୍ଟିତ କରିଥିବା ଲକରକୁ ପୁନଃ ଅଧିଗ୍ରହଣ କରିବାକୁ ହକଦାର ହେବ । ବ୍ୟାଙ୍କ କଥିତ ପୁନଃ ଅଧିଗ୍ରହଣ ପ୍ରୟୋଗ କରି ଆପଣଙ୍କ କଥିତ ଲକରକୁ ଦଖଲକୁ ନେଇଛି ଏବଂ ଆପଣଙ୍କ ଦାୟ-ଦାୟୀତ୍ୱ ଏବଂ ଖର୍ଚ୍ଚରେ ସେଗୁଡିକୁ ନିମ୍ନଦର୍ଶିତ ତାରିଖ ଓ ସମୟରେ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି । ଏଣୁ ଆପଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି, ଆପଣମାନେ ୩ ମାସ (ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ) ମଧ୍ୟରେ ବକେୟା ଦେୟ ପୈଠ କରନ୍ତୁ । ଆପଣମାନଙ୍କୁ ଅବଗତ କରାଇ ଦିଆଯାଉଛି କି, ଯଦି ଆପଣମାନେ ୩ ମାସ ମଧ୍ୟରେ ବକେୟା ଦେୟ ପୈଠ କରି ଲକର ମଧ୍ୟସ୍ଥ ଜିନିଷଗୁଡିକୁ ନ ନିଅନ୍ତି ତେବେ ବ୍ୟାଙ୍କ ବକେୟା ଦେୟ, ଆଇନଗତ ଖର୍ଚ୍ଚ ସହିତ ବିକ୍ରୟ ଖର୍ଚ୍ଚ ଆଦାୟ କରିବା ପାଇଁ ଲକରସ୍ଥ ଆର୍ଟିକିଲ/ ସମ୍ପତ୍ତିର ଅଂଶ ବିକ୍ରି କରିବାକୁ ବାଧ୍ୟ ହେବ । ପୁନଶ୍ଚ ଅବଗତ କରାଇ ଦିଆଯାଉଛି କି, ନିଲାମ ବିକ୍ରୟ ପରେ ଯଦି ଉକ୍ତ ଆର୍ଟିକିଲର କିଛି ଅଂଶ ରହିଯାଏ, ତେବେ ତାହା ସୁରକ୍ଷିତ ସ୍ଥାନରେ ବର୍ତ୍ତମାନ ବାର୍ଷିକ ଲକର ଭଡାର ୨ଗୁଣ ଭଡାରେ ରହିବ ଏବଂ ତାହା ଆପଣ ପ୍ରଦାନ କରିବାକୁ ବାଧ୍ୟ ହେବେ ।

| ଲକର ନଂ. | ଲକରଧାରୀମାନଙ୍କ ନାମ | ଲକର ଖୋଲାଯିବାର ତାରିଖ ଏବଂ ସମୟ |
|---|---|---|
| 450069 | ବି ପ୍ରଦୀପ କୁମାର ପାତ୍ର ଏବଂ ବି କୃଷ୍ଣ ପାତ୍ର | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 400019 | ନାରାୟଣମ୍ ଶ୍ୟାମଳ | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 180034 | ବାବୁଲା ଜେନା | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 360060 | ରମେଶ ପାଢୀ | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |
| 650072 | ଆଇ ଶିବ ପ୍ରସାଦ ରାଓ | ୧୯.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା |

ସ୍ଥାନ: ବ୍ରହ୍ମପୁର, ତାରିଖ : ୧୫.୦୫.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



## ସୁନ୍ଦରଗଡ଼ ପୌରପରିଷଦ : ସୁନ୍ଦରଗଡ଼

13001/506/2627

ପତ୍ର ସଂଖ୍ୟା ୨୭୬୭, ତାରିଖ: ୦୮.୦୫.୨୦୨୬

**ବିଜ୍ଞପ୍ତି**

ପୂର୍ବରୁ ସୁନ୍ଦରଗଡ଼ ପୌରପାଳିକାକୁ ODF+ ସହର ଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ସୁନ୍ଦରଗଡ଼ ପୌରପାଳିକାକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ୍ୟ ମିଳିଥିଲା । ବର୍ତ୍ତମାନ ସୁନ୍ଦରଗଡ଼ ସହରକୁ ବାହ୍ୟ ମଳମୁକ୍ତ ତ୍ୟାଗ ସହରରେ ପରିଣତ କରିବା ଦିଗରେ ସୁନ୍ଦରଗଡ଼ ପୌରପାଳିକାକୁ ପୁଣି ଥରେ ODF++ ସହର ଭାବେ ବିବେଚିତ ହେବାକୁ ଯାଇଅଛି । ସୁନ୍ଦରଗଡ଼ ପୌରପାଳିକାର ବିଭିନ୍ନ କ୍ଷେତ୍ର ପରୀସ୍ତ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ସୁନ୍ଦରଗଡ଼ ପୌରପାଳିକା ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ସୁନ୍ଦରଗଡ଼ ପୌରପାଳିକା ପୁଣିଥରେ ODF++ ସହର ଭାବେ ବିବେଚିତ ହେବାକୁ ଯାଉଅଛି । ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରରେ ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇ ISO ର ମାନ୍ୟତା ମଧ୍ୟ ପାଇଛି । ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଖୋଲାରେ ମଳ ତ୍ୟାଗ କରିବାର ଦେଖାଯାଏ ତାଙ୍କ ଠାରୁ ଟ ୧୦୦ /-ଙ୍କା (ଏକ ଶହ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ ମଧ୍ୟକୁ କିମ୍ବା ଖୋଲା ସ୍ଥାନରେ ଛାଡନ୍ତି ତେବେ ତାଙ୍କ ଠାରୁ ଟ ୫୦୦ /- ଙ୍କା (ପାଞ୍ଚ ଶହ ଟଙ୍କା) ଜରିମାନା ଆଦାୟ କରାଯିବ । ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି / ପ୍ରସ୍ତାବ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଲିଖିତ ଭାବେ ଜଣାଇପାରିବେ ।

ପୌରାଧ୍ୟକ୍ଷାଙ୍କ ଆଦେଶକ୍ରମେ
କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ ପୌରପାଳିକା, ସୁନ୍ଦରଗଡ

OIPR-13001/13130/1/26-27/0006



24001/107/2627

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-MBJ-0015-2024- 15288 / R&DM,** **Dated 10 APR 2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୁରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ରାଇକମା ସବ୍-ମାଇନର- I,II,III ଏବଂ ଖଡିକାପଦା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରାଇକମା, ଥାନା- ବୈଶିଙ୍ଗା ନଂ. ୨୨୪, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୩.୪୪** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ରାଇକମା ସବ୍-ମାଇନର- I,II,III ଏବଂ ଖଡିକାପଦା ସବ୍-ମାଇନର ନିର୍ମାଣ ନିମନ୍ତେ ।

**୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- -** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ-ଜିଲ୍ଲାପାଳ, ବାରିପଦା ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଇକମା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୦.୯୩ | ଏ. ୩.୪୪ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ଅଧିକାରୀ ନଂ. ୨ ,ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜଙ୍କ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୨୬/୨୦୨୨
ଏ.୩.୪୪ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଂଚ କେନାଲ ଏବଂ ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ରାଇକମା ସବ୍-ମାଇନର-I,II,III, ଏବଂ ଖଡିକାପଦା ସବ୍-ମାଇନର ନିମନ୍ତେ
ମୌଜା- ରାଇକମା, ଥାନା- ବୈଶିଙ୍ଗା ନଂ-୨୨୪, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 23 | 358 | 0.10 | 0.07 | ଶାରଦ ତିନି | କଣ୍ଠୁରି ରାଉତ, ପି. ପଦନ ରାଉତ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 32 | 1033/ 1402 | 0.69 | 0.01 | ଶାରଦ ତିନି | କର ମାଝି, କାଳିଆ ମାଝି, ପି. ଖୁଦିଆ ମାଝି, ଜା. ସାନ୍ତାଳ, ବା. ବେଲଡ଼ିହା |
| 41 | 334 | 1.05 | 0.09 | ଶାରଦ ତିନି | କାରିଆ ମାଝି, ଲସ ମାଝି, ପି. ରାମ ମାଝି, ଲକ୍ଷ୍ମଣ ମାଝି, ପି. ପାଣ୍ଡୁ ମାଝି, ଭୁଣ୍ଡା ମାଝି, ପି. ଦିଲୁ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
|  | 333 | 0.35 | 0.02 | ଘରବାରି |  |
| 54 | 1218 | 0.48 | 0.07 | ଶାରଦ ଦୁଇ | କ୍ଷେତ୍ର ମୋହନ ମହାନ୍ତ, ନିତ୍ୟାନନ୍ଦ ମହାନ୍ତ, ଇନ୍ଦ୍ର ମୋହନ ମହାନ୍ତ, ଲଛ ମୋହନ ମହାନ୍ତ, ବୁଙ୍କା ମହାନ୍ତ, ପି. ଠେଲୁ ମହାନ୍ତ, ଜା. କୁଡୁମି, ବା. ନିଜ ଗାଁ, କିସ୍ମତ ଟ 0. ଆଠଅଣା ବା:, କ୍ଷୀର ମହାନ୍ତ, ସ୍ୱା. ସନାତନ ମହାନ୍ତ, ବ୍ରଜ ମୋହନ ମହାନ୍ତ, ପି. ସନାତନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| 63 | 1230 | 0.07 | 0.01 | ଶାରଦ ଦୁଇ | ଗାଲୁ ମାଝି, ପି. ପାଚୁ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 64 | 1154 | 0.20 | 0.01 | ଶାରଦ ତିନି | ଗାଲୁ ମାଝି, ଚିନ୍ତୁ ମାଝି, ପି. ପାଚୁ ମାଝି, ଜା. ସାନ୍ତାଳ, ବା. ନିଜଗାଁ |
| 95 | 357 | 0.20 | 0.03 | ଶାରଦ ତିନି | ଜନାର୍ଦ୍ଦନ ପଣ୍ଡିତ, ବିଦ୍ଦର୍ଭନ ପଣ୍ଡିତ, ପି. ଦୁର୍ଗା ଚରଣ ପଣ୍ଡିତ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 98 | 1030/ 1491 | 0.25 | 0.04 | ଶାରଦ ତିନି | ଜଗନ୍ନାଥ ମୁର୍ମୁ, ପି. ଦୁର୍ଗା ମୁର୍ମୁ, ଜା. ସାନ୍ତାଳ, ବା. ବେଲଡ଼ିହା |
| 98 | 1030/ 1491 | 0.25 | 0.04 | ଶାରଦ ତିନି | ଜଗନ୍ନାଥ ମୁର୍ମୁ, ପି. ଦୁର୍ଗା ମୁର୍ମୁ, ଜା. ସାନ୍ତାଳ, ବା. ବେଲଡ଼ିହା |
| 101 | 185 | 0.95 | 0.09 | ଶାରଦ ତିନି | ଝାଲକା ମାଝି, ସୋନା ମାଝି, ପି. ଜେଠା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 109 | 406/ 1475/ 1671 | 0.35 | 0.09 | ଶାରଦ ଦୁଇ | ଦିଗାମ୍ବର ରାଉତ, ପି. କଣ୍ଠୁରି ରାଉତ, ଜା. ଖଣ୍ଡାୟତ, ବା. ନିଜ ଗାଁ |
| 128 | 1239 | 0.03 | 0.03 | ପତିତ | ନରେନ୍ଦ୍ର ବାରିକ ପି:କୃଷ୍ଣ ବାରିକ ଜା: ଗୋପାଳ ବା: ନିଜଗାଁ |
| 130 | 406/ 1529 | 0.20 | 0.01 | ଶାରଦ ଦୁଇ | ନଳିତ ବାରିକ ସ୍ୱା:ପୁରସ୍ତମ ବାରିକ ଜା: ଗୋପାଳ ବା: ନିଜଗାଁ |
| 142 | 343 | 0.83 | 0.14 | ଶାରଦ ତିନି | ପଞ୍ଚାନନ ମିଶ୍ର ପି.ଶ୍ରୀନାଥ ମିଶ୍ର ଜା. ବ୍ରାହ୍ମଣ ବା: ନିଜଗାଁ |
| 148 | 359 | 0.05 | 0.01 | ଶାରଦ ତିନି | ପ୍ରତାପ ଚନ୍ଦ୍ର ମିଶ୍ର, ପି. ରଘୁନାଥ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜ ଗାଁ |
|  | 361 | 0.42 | 0.03 | ଶାରଦ ତିନି |  |
| 172 | 1220 | 0.22 | 0.06 | ଶାରଦ ଦୁଇ | ବାୟା ମାଝି, ପି. ଭୀମା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 173 | 196/ 1431 | 0.16 | 0.04 | ଶାରଦ ଏକ | ବାରିଆଳ ମାଝି, ପି. ଚୁମାନ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
|  | 196 | 0.44 | 0.03 | ଶାରଦ ଦୁଇ |  |
|  | 184 | 0.50 | 0.12 | ଶାରଦ ତିନି |  |
| 174 | 335 | 0.10 | 0.04 | ଶାରଦ ତିନି | ବାରିଆଳ ମାଝି, ପି. ଚୁମାନ ମାଝି, ଚୁମାନ ମାଝି, ଦାସ ମାଝି, ପି. ଉଭାଳ ମାଝି, ନବୀନ ମାଝି, ପି. କରେ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
|  | 337 | 0.22 | 0.05 | ଶାରଦ ତିନି |  |
|  | 338 | 0.24 | 0.02 | ଘରବାରି |  |
| 183 | 1032 | 1.19 | 0.18 | ଶାରଦ ତିନି | ବିଦ୍ଦର୍ଭନ ବେହେରା, କୃତିବାସ ବେହେରା, ପି. ଲୋକନାଥ ବେହେରା, ଜା. କୁମ୍ଭକାର, ବା. ନିଜ ଗାଁ |
| 198 | 187 | 0.08 | 0.02 | ଶାରଦ ତିନି | ଭାନୁ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ପି. ବୈଦି ଚୌଧୁରୀ, ଜା. ଗଉଡ, ବା. ନିଜ ଗାଁ |
| 206 | 1032/ 1479 | 0.22 | 0.06 | ଶାରଦ ତିନି | ମଙ୍ଗଳା ବିନ୍ଧାଣି, ପି. ଦୁବାଇ ବିନ୍ଧାଣି, ଜା. ବିନ୍ଧାଣି, ବା. ନିଜ ଗାଁ |
| 213 | 186 | 0.38 | 0.04 | ଶାରଦ ତିନି | ମହେଶ୍ୱର ମହାନ୍ତ, ଝାଡେଶ୍ୱର ମହାନ୍ତ, ସୁକରାମ ମହାନ୍ତ, ପି. ଲେପା ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| 226 | 1149 | 0.23 | 0.04 | ଶାରଦ ତିନି | ମୁନି ମାଝି, ଚମ୍ପା ମାଝି, ପି. ଲକ୍ଷ୍ମଣ ମାଝି, ସାଉରି ମାଝି, ସ୍ୱା. ଲକ୍ଷ୍ମଣ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 229 | 325 | 0.59 | 0.15 | ଶାରଦ ତିନି | ରଘୁନାଥ ଧାଉଁଡିଆ, ପି. ରାମ ଧାଉଁଡିଆ, ବିରେନ୍ଦ୍ର ଧାଉଁଡିଆ, ଉପେନ୍ଦ୍ର ଧାଉଁଡିଆ, ବାସନ୍ତୀ ଧାଉଁଡିଆ, ପି. ନାଥ ଧାଉଁଡିଆ, ଅପନା ଧାଉଁଡିଆ, ସ୍ୱା. ନାଥ ଧାଉଁଡିଆ, ଜା. ଖଣ୍ଡୁଆଳ, ବା. ନିଜ ଗାଁ |
| 230 | 324 | 0.36 | 0.02 | ଘରବାରି | ରଘୁନାଥ ଧାଉଁଡିଆ, ନାଥ ଧାଉଁଡିଆ, ପି. ରାମ ଧାଉଁଡିଆ, ଗିରିଧାରୀ ଧାଉଁଡିଆ, ପି. ପୁରସ୍ତମ ଧାଉଁଡିଆ, ଜା. ଖଣ୍ଡୁଆଳ, ଅସ୍କନ୍ଦ ପଲେଇ, ପି. ଚିନ୍ତା ପଲେଇ, ଜା. ଗୋପାଳ, ବା. ନିଜ ଗାଁ |
| 242 | 1153/ 1468 | 0.06 | 0.03 | ଘରବାରି | ଲକ୍ଷ୍ମଣ ମାଝି, ପି. ଭାଦୁଆ ମାଝି, ଜା. ସାନ୍ତାଳ, ବା. ବେଲଡ଼ିହା |
| 245 | 212 | 0.27 | 0.03 | ଶାରଦ ଦୁଇ | ଲସ ମାଝି, ପି. ହାଭଡା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
|  | 340 | 0.35 | 0.07 | ଶାରଦ ତିନି |  |
| 249 | 215 | 0.64 | 0.12 | ଶାରଦ ଦୁଇ | ଲକ୍ଷ୍ମୀଧର ନାୟକ, ପି. ରାମହରି ନାୟକ, ଜା. ଗୋପାଳ, ବା. ନିଜ ଗାଁ |
| 251 | 1221 | 0.20 | 0.07 | ଶାରଦ ଦୁଇ | ଲାଳ ମାଝି, ପି. ନନ୍ଦ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
|  | 1231 | 0.04 | 0.02 | ଶାରଦ ଦୁଇ |  |
|  | 1145 | 0.20 | 0.04 | ଶାରଦ ତିନି |  |
| 282 | 355 | 1.12 | 0.09 | ଶାରଦ ତିନି | ଶ୍ରୀ ରାଧା ବିନୋଦ ରାୟ ଠାକୁର ବିଜେ ନିଜ ଗାଁ ମାର୍ଫତ ବା:, ଶ୍ରୀନିବାସ ଦାସ, ପି. ସୁଦର୍ଶନ ଦାସ, ଦ୍ରୌପଦୀ ଦାସ, ସ୍ୱା. ଶ୍ରୀନାଥ ଦାସ, ଜା. କରଣ, ବା. ନିଜ ଗାଁ |
| 284 | 412 | 0.72 | 0.12 | ଶାରଦ ତିନି | ଶ୍ରୀବସ ମିଶ୍ର, ପି. ରଘୁନାଥ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| 296 | 1033 | 1.17 | 0.27 | ଶାରଦ ତିନି | ସୁଦର୍ଶନ ବେହେରା, କୃତିବାସ ବେହେରା, ପି. ଲୋକନାଥ ବେହେରା, ଜା. କୁମ୍ଭକାର, ବା. ନିଜ ଗାଁ |
| 300 | 1240 | 0.04 | 0.04 | ପତିତ | ସୁରେନ୍ଦ୍ର ବାରିକ ପି:କୃଷ୍ଣ ବାରିକ ଜା: ଗୋପାଳ ବା: ନିଜଗାଁ |
| 302 | 1144 | 0.25 | 0.05 | ଶାରଦ ତିନି | ସୁକୁଲ ମାଝି, ପି. କଙ୍କା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 304 | 1139 | 0.26 | 0.01 | ଶାରଦ ତିନି | ହରି ମାଝି, ପି. କନ୍ଦା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| 309/39 | 197 | 0.51 | 0.06 | ଶାରଦ ଦୁଇ | ଚନ୍ଦ୍ରକାନ୍ତ ବେହେରା, ପି. ବିଦ୍ଦର୍ଭନ ବେହେରା, ଜା. କୁମ୍ଭାର, ବା. ନିଜ ଗାଁ |
| 309/65 | 1219 | 0.34 | 0.06 | ଶାରଦ ଦୁଇ | ବିନ୍ଦୁ ସରେନ, ପି. ଗାଲୁ ସରେନ, ଜା. ସାନ୍ତାଳ, ବା. ନିଜ ଗାଁ |
| 309/67 | 1140 | 0.22 | 0.05 | ଶାରଦ ତିନି | ଯୁଧିଷ୍ଠିର ମହାନ୍ତ, ପି. ପୁଲଚୁ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| 309/95 | 1227/ 1725 | 0.59 | 0.02 | ଶାରଦ ଦୁଇ | ଜ୍ଞାନରଞ୍ଜନ ମିଶ୍ର, ବିଶ୍ୱରଞ୍ଜନ ମିଶ୍ର, ପି. ପ୍ରଫୁଲ୍ଲ କୁମାର ମିଶ୍ର, ଜା. ବ୍ରାହ୍ମଣ, ବା.ନିଜ ଗାଁ |
| 309/101 | 325/ 1729 | 0.38 | 0.19 | ଶାରଦ ତିନି | ଉତ୍ତମ ଚନ୍ଦ୍ର ବେହେରା, ପି. ଗଙ୍ଗାଧର ବେହେରା, ଜା. ଶୁଣ୍ଡୀ, ବା. ଦାନ୍ତିଆମୁହାଁ |
| 309/134 | 214 | 0.27 | 0.02 | ଶାରଦ ଦୁଇ | ଚନ୍ଦ୍ରକାନ୍ତ ବେହେରା, ପି. ବିଦ୍ଦର୍ଭନ ବେହେରା, ଜା. କୁମ୍ଭକାର, ବା. ନିଜ ଗାଁ |
| 306/149 | 1150 | 0.14 | 0.04 | ଶାରଦ ତିନି | ଶୁକୁଦା ଟୁଡୁ, ସାଲକୁ ଟୁଡୁ, ପି. ଧନୁ ଟୁଡୁ, ଜା. ସାନ୍ତାଳ, ବା. ଚୁଆଗାଁ |
|  | 1153 | 0.16 | 0.03 | ଶାରଦ ତିନି |  |
| 309/159 | 213 | 0.38 | 0.14 | ଶାରଦ ଦୁଇ | ବିନ୍ଦୁନାଥ ବେହେରା, ଚନ୍ଦ୍ରକାନ୍ତ ବେହେରା, ପି. ବିଦ୍ଦର୍ଭନ ବେହେରା,ଜା.କୁମ୍ଭକାର, ବା. ନିଜ ଗାଁ |
| 309/179 | 360 | 0.25 | 0.07 | ଶାରଦ ତିନି | ପ୍ରତାପଚନ୍ଦ୍ର ମିଶ୍ର, ପି. ରଘୁନାଥ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| 309/233 | 1233 | 0.45 | 0.07 | ଶାରଦ ଦୁଇ | ଅଚ୍ୟୁତାନନ୍ଦ ବିଶ୍ୱାଳ, ପି. ଶଙ୍କର ବିଶ୍ୱାଳ, ଜା. ଖଣ୍ଡାୟତ, ବା. ନିଜ ଗାଁ |
|  | 329 | 0.77 | 0.11 | ଶାରଦ ତିନି |  |
| ମୋଟ | ୫୫ ପ୍ଲଟକୁ | ଏ. ୨୦.୯୩ ଡେ.ମି. | ଏ.୩.୪୪ ଡେ.ମି. |  |  |

Amin, Bahalda Zone | Revenue Inspector, Bahalda Zone | Zone Officer-cum-L.A. Collector, S.I.P, Bahalda Zone | Spl. Land Acquisition Officer, S.I.P, Baripada

OIPR-24001/24001/3/26-27/0012

# ଭୋଗରାଇରେ ପାନୀୟ ଜଳ ସଂକଟ ଗୁରୁତର

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୫।୫ (ସମିସ)



## ତୁରନ୍ତ ଅର୍ଥ ମଞ୍ଜୁରି ଓ ନୂତନ ଜଳ ଉତ୍ସ ସ୍ଥାପନ ପାଇଁ ଦାବି କଲେ ବିଧାୟକ ଗୌତମବୁଦ୍ଧ

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଦିନକୁ ଦିନ ପାନୀୟ ଜଳ ସଂକଟ ଗୁରୁତର ରୂପ ଧାରଣ କରୁଛି। କାର୍ଯ୍ୟକ୍ଷମ ଥିବା ମେଗାଏ ପାଇପ୍ ପାଣି ପ୍ରକଳ୍ପ ଅଧୀନରେ ୨୯ଟି ପଞ୍ଚାୟତର ଅନେକ ଗାଁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚି ପାରୁନଥିବା ବେଳେ ମେଗାଠ ପ୍ରକଳ୍ପର କାର୍ଯ୍ୟ ବିଳମ୍ବିତ ହେବାଫଳରେ ବାକି ୧୯ଟି ପଞ୍ଚାୟତର ଲୋକେ ଭୟଙ୍କର ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୀବ୍ର ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗ୍ରାମାଞ୍ଚଳରେ ପାନୀୟ ଜଳ ପାଇଁ ଲୋକଙ୍କ ଦୁର୍ଦ୍ଦଶା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଏହି ପରିସ୍ଥିତିକୁ ଗମ୍ଭୀରତାର ସହ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଭିନ୍ନ ପଞ୍ଚାୟତରେ ଜଳ ସଂକଟର ତୁରନ୍ତ ସମାଧାନ ପାଇଁ ଗତ ବର୍ଷ ଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ପାନୀୟଜଳ ବିଭାଗକୁ ୧୯ଟି ସ୍ଥାନରେ ଅତିରିକ୍ତ ଜଳ ଉତ୍ସ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ୩ଟି ନୂତନ ନଳକୂପ ଖନନ ପାଇଁ ମଧ୍ୟ ଚିଠି ଲେଖିଥିଲେବେଳେ ବିଭାଗୀୟ ଯନ୍ତ୍ରୀମାନେ ପ୍ରସ୍ତାବିତ ସମସ୍ତ ସ୍ଥାନ ପରିଦର୍ଶନ କରି ଯାଞ୍ଚ କରିଥିଲେ ଏବଂ ପରବର୍ତ୍ତୀ ଅନୁମୋଦନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଥିଲେ। ମାତ୍ର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପଗୁଡ଼ିକ ପାଇଁ ଅର୍ଥ ମଞ୍ଜୁର ହୋଇନଥିବାରୁ କାମ ଆରମ୍ଭ ହୋଇପାରୁନି। ଫଳରେ ଅନେକ ଗାଁରେ ଲୋକମାନେ ଦୂର ଦୂରାନ୍ତରୁ ପାଣି ଆଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏନେଇ ବିଧାୟକ ଶ୍ରୀ ଦାସ ଭୁବନେଶ୍ୱର ଠାରେ ଆଜି ପୁଣି ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କୁ ଭେଟି ଭୋଗରାଇ ବ୍ଲକର ବର୍ତ୍ତମାନ ଜଳ ସଂକଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ତୁରନ୍ତ ଅର୍ଥ ମଞ୍ଜୁର କରି ଅତିରିକ୍ତ ଜଳ ଉତ୍ସ ସ୍ଥାପନ ଓ ନଳକୂପ ଖନନ କାର୍ଯ୍ୟ ଆରମ୍ଭ କରିବାକୁ ସେ ଦୃଢ଼ ଦାବି ଜଣାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଜଳ ସଂକଟ ଆହୁରି ଭୟାବହ ରୂପ ନେଇପାରେ। ତେଣୁ ସରକାର ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ସାଧାରଣରେ ମଧ୍ୟ ଦାବି ଜୋର ଧରିଛି।

# ଏନଏମଏମଏସ ପରୀକ୍ଷାରେ ଦିବ୍ୟାଂଶୁଙ୍କ ସଫଳତା



ଚନ୍ଦନେଶ୍ୱର, ୧୫।୫ (ସମିସ): ଅଷ୍ଟମ ଶ୍ରେଣୀ ଏନଏମଏମଏସ (ନ୍ୟାସନାଲ ମିନ୍ସ-କମ୍-ମେରିଟ୍ ସ୍କଲାରଶିପ୍) ପରୀକ୍ଷାରେ ଭୋଗରାଇ ଅଞ୍ଚଳର ମେଧାବୀ ଛାତ୍ର ଦିବ୍ୟାଂଶୁ ଜେନା ସଫଳତା ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅଧୀନ ଗୋଲାନାଥ ବିଦ୍ୟାପୀଠ, ବାଡ଼ସରିଷାର ଛାତ୍ର ଅଟନ୍ତି। ଦିବ୍ୟାଂଶୁ ବାଡ଼ସରିଷା ଗାଁର ବିଷ୍ଣୁପଦ ଜେନା ଓ ଦେବଶ୍ରୀ ଜେନାଙ୍କ ପୁଅ। ପିଲାବେଳୁ ସେ ପଢ଼ାଶୁଣାରେ ବେଶ ମେଧାବୀ ଥିବା ସହ ବିଭିନ୍ନ ସାହିତ୍ୟିକ ଓ ବିଜ୍ଞାନମୂଳକ ପ୍ରତିଯୋଗିତାରେ ନିଜ ପ୍ରତିଭାର ପରିଚୟ ଦେଇଆସୁଛନ୍ତି। ପୂର୍ବରୁ ବ୍ଲକସ୍ତର ଓ ଜିଲ୍ଲାସ୍ତରୀୟ "ସୁରଭି" କାର୍ଯ୍ୟକ୍ରମ ଓ ବିଜ୍ଞାନ ମେଳାରେ ମଧ୍ୟ ସେ ସଫଳତା ଅର୍ଜନ କରିଥିଲେ। ଦିବ୍ୟାଂଶୁଙ୍କ ଏହି କୃତିତ୍ୱରେ ଗୋଲାନାଥ ବିଦ୍ୟାପୀଠର ଖ୍ୟାତି ଆହୁରି ବୃଦ୍ଧି ପାଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହପାଠୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିବା ବେଳେ ପରିବାର ଓ ଅଞ୍ଚଳବାସୀ ମଧ୍ୟ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୬ ବେଆଇନ ପଥର ବୋଝେଇ ଡମ୍ପର ଜବତ

ସୋର, ୧୫।୫ (ସମିସ): ସୋର ଥାନା ବାଗୁଡ଼ି ବଜାର ନିକଟରୁ ଖଣି ବିଭାଗ ତରଫରୁ ଚଢ଼ଉ କରି ୬ ଟି ବେଆଇନ ପଥର ବୋଝେଇ ଡମ୍ପର ଜବତ କରିଥିବା ବେଳେ ଡମ୍ପର ଚାଳକଙ୍କ ଅକ୍ରୁଶରୁ ଖଣି ଅଧିକାରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ଅଚାନକ ଚଢ଼ାଉ କରିଥିଲେ। ଏକ ଡମ୍ପରକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଏହାର ଚାଳକ ଖଣି ଅଧିକାରୀଙ୍କ ଗାଡିକୁ ସାଇଡ ମାରିଥିଲା।କିନ୍ତୁ ଖଣି ଅଧିକାରୀଙ୍କ ଗାଡି ଚାଳକଙ୍କ ଉପସ୍ଥିତ ବୁଦ୍ଧି କାରଣରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ। କିନ୍ତୁ ଖଣି ଅଧିକାରୀ ଗାଡି ଟିକୁ ଜବତ କରିଥିଲେ। ଖଣି ଅଧିକାରୀ ସମସ୍ତ ଗାଡିକୁ ଜବତ କରି ସୋର ଥାନାରେ ଜିମା ଦେଇଥିବା ଜଣାପଡିଛି।

# ଦୁର୍ଘଟଣାରେ ଯୁବକ ମୃତ

ରେମୁଣା,୧୫।୫ (ସମିସ): ଏକ ଟ୍ରକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଦିପହରେ ଶିଳ୍ପାଞ୍ଚଳ ଫାଣ୍ଡିର ଅଳ୍ପ ଦୂର ମାରୁତି ସୋ ରୁମ ସମ୍ମୁଖରେ ଏକ ଟ୍ରକ ଗୋଲେଇରୁ ବାରିପଦା ସର୍ଭିସ ରୋଡ଼ରେ ଯାଉଥିବାବେଳେ ସେହି ରାସ୍ତାର ଯାଉଥିବା ସରୋଜ କୁମାର ପଣ୍ଡା (୪୦)ଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମଙ୍ଗଳପୁର ପଞ୍ଚାୟତ ନୂଆଗାଁର ଜୟଦେବ ପଣ୍ଡାଙ୍କ ପୁଅ ସରୋଜ। ଖବର ପାଇ ପୁଲିସ ଟ୍ରକକୁ ଜବତ କରିବା ସହ ମୃତକଙ୍କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଥିଲା । ବାପା ଜୟଦେବଙ୍କ ଏତଲା ମୁତାବକ ଫାଣ୍ଡି ଅଧିକାରୀ ଚରଣ ନାୟକ ମାମଲା ରୁଜୁ କରି ଶବକୁ ହସ୍ତାନ୍ତର କରିଛନ୍ତି ।

# ବର୍ଷିଆନ ସାମ୍ୟବାଦୀ ନେତ୍ରୀ ବାୟାଣୀ ନାୟକଙ୍କ ସ୍ମୃତିସଭା

ନୀଳଗିରି, ୧୫।୫ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଞ୍ଚଳ କମିଟି ତରଫରୁ ବର୍ଷିଆନ ସାମ୍ୟବାଦୀ ନେତ୍ରୀ ବାୟାଣୀ ନାୟକଙ୍କ ଉଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଶୋକ ସଭା ରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଭାଗ ନେଇ ପ୍ରକାଶ କଲେ କି ବାୟାଣୀ ନାୟକ ବ୍ରିଟିଶ ଶାସନ ଅଧିନସ୍ଥ ମୋଗଲ ବନ୍ଦୀ ଅଞ୍ଚଳ ରେ ଜନ୍ମ ଗ୍ରହଣ କରି ନୀଳଗିରି ଗଡଜାତ ରାଜ୍ୟ ରେ ଏକ ସର୍ବରକ୍ଷକାର ପରିବାର ରେ ବିବାହ କରିଥିଲେ। ସେ ଏକାଧାରରେ ସୁ ଗୃହିଣୀର କାର୍ଯ୍ୟ ତୁଲାଇବା ସହିତ ସମାଜ ସେବା କାର୍ଯ୍ୟରେ ଅଗ୍ରଣୀ ଭାବେ ନିଜକୁ ନିୟୋଜିତ କରିଥିଲେ । ବାମପନ୍ଥୀ ଚିନ୍ତାଧାରା ରେ ଅନୁପ୍ରାଣିତ ହୋଇ ସାମ୍ପ୍ରଦାୟିକ ଭିଡ଼ ହତ୍ୟା କୁ ବିରୋଧ କରି ପୁଲିସର ଆକ୍ରୋଶର ଶିକାର ହୋଇ ବିଚାର ବନ୍ଦୀ ଭାବରେ ୩ ମାସ ଧରି ନୀଳଗିରି ଜେଲ ରେ ରହିବା ଓ ଜେଲ ରୁ ବାହାରିବା ପରେ ନିଜେ ସମାଜ ସେବା ସହିତ ଜଡିତ ହେବା ସହିତ ନିଜର ପୁତ୍ର ଓ ପୁତ୍ରବଧୂ ମାନଙ୍କୁ ସେହି ମାର୍ଗ ଅବଲମ୍ବନ କରିବା ପାଇଁ ଉତ୍ସାହିତ କରିଥିଲେ । ସେହି ମହିୟସୀ ନାରୀ ଗତ ମେ ମାସ ୯ ତାରିଖ ୧୦୩ ବର୍ଷ ବୟସରେ ତାଙ୍କ ବାସଭବନ ଗୁହାଳିଆ ଗ୍ରାମ ରେ ହୃଦ ଯନ୍ତ୍ରଣା ଅନୁଭବ କରି ସ୍ୱର୍ଗଗାମୀ ହୋଇଥିଲେ । ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରି ଏକ ଶୋକ ସଭା ନୀଳଗିରିର ବନମାଳୀ ଭବନରେ ଅନୁଷ୍ଠିତ ହୋଇଥିଲା । ଏହି ଶୋକ ସଭା ରେ ସଭାପତିତ୍ୱ କରିଥିଲେ ୮୮ ବର୍ଷୀୟ ବୟୋଜ୍ୟେଷ୍ଠ ସାଥି ସୀତାରାମ ଦାସ। ଏହି ଶୋକ ସଭାରେ ଜୋନ ସମ୍ପାଦକ ବିଜୟ ସ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା ବିକ୍ରମ କେଶରୀ ମିଶ୍ର, ରବୀନ୍ଦ୍ର ନାୟକ, ଆଦିବାସୀ ନେତା ଭାସ୍କର ଦାସ, ନାଗେନ୍ଦ୍ର ଦଳେଇ, ଲମ୍ବୋଦର ବେହେରା, ଚାଷୀ ନେତା ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ କର୍ମୀ ସମର୍ଥକ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ଲୁଟିନେଲେ ଦୁର୍ବୃତ୍ତ

ସିମୁଳିଆ, ୧୫।୫ (ସମିସ): ସିମୁଳିଆ ଅଞ୍ଚଳରେ ଚୋରୀ ଡକାୟତି ଓ ହତ୍ୟା ବୃଦ୍ଧି ପାଉଥିବା ବେଳେ ଗତ ବୁଧବାର ସନ୍ଧ୍ୟା ସମୟରେ ଏକ ଘରେ ବଡ଼ ଧରଣର ଡକାୟତି ହୋଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ରଘୁନାଥପୁର ଗ୍ରାମର ସେକ ଗଜୁଦ୍ଦିନଙ୍କ ସ୍ତ୍ରୀ ସମି ବିବି ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ବୁଧବାର ସନ୍ଧ୍ୟା ସମୟରେ ପରିବାରର ପୁରୁଷ ଲୋକ ଘରେ କେହି ନ ଥିବା ସମୟରେ ଆଠରୁ ନଅ ଜଣ ମୁହଁରେ କଳାପଟି ପିନ୍ଧି ବନ୍ଧୁକ ଧରି ଘରକୁ ପ୍ରବେଶ କରିଥିଲେ। ସମିବିବି ଓ ଶାଶୁଙ୍କୁ ମାଡପିଟ କରି ମୋବାଇଲ ଛଡାଇ ନେଇଥିଲେ। ପରେ ବନ୍ଧୁକ ଦେଖାଇବାରୁ ଜୀବନ ବିକଳରେ ଘରେ ଥିବା ନିଜର ୩ଲକ୍ଷ ଟଙ୍କାର ଉଦ୍ଧ୍ୱର୍ ସୁନାଗହଣା ଦେଇ ଦେଇଥିଲେ। ସେହି ସମୟରେ ସ୍ୱାମୀ ସେକ ଗଜୁଦ୍ଦିନ ନମାଜ ପଢ଼ି ଘରକୁ ଫେରିଥିଲେ। ଘର ଫାଟକ ନିକଟରେ ଦୁର୍ବୃତ୍ତମାନେ ଘୋଷାଡି ଘୋଷାଡି ଘରକୁ ନେଇଯାଇଥିଲେ। ଟଙ୍କା ଦେବାକୁ କହି ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ। ମାଡ଼ ମାରିବା ପରେ ଜୀବନ ବିକଳରେ ସେକ ଗଜୁଦ୍ଦିନ ବ୍ୟବସାୟ ଟଙ୍କା ୩ ଲକ୍ଷ ୨୦ହଜାର ଟଙ୍କା ଓ ଚିରି ଯାଇଥିବା ୪୦ହଜାର ଟଙ୍କା ନେଇଯାଇଥିଲେ। ଦୁର୍ବୃତ୍ତମାନେ ଚାଲିଯିବା ପରେ ଚିକ୍ରାର କରିବାରୁ ଘଟଣା ସ୍ଥଳରେ ଲୋକେ ଆସିଯାଇଥିଲେ ମାତ୍ର ସେତେବେଳକୁ ଦୁର୍ବୃତ୍ତମାନେ ସବୁ ଲୁଟି ପଳେଇ ଯାଇଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି।

# ଦେଶୀ ମଦ ସହ ବାଇକ ଜବତ, ୩ ଗିରଫ

ଚନ୍ଦନେଶ୍ୱର, ୧୫।୫ (ସମିସ) : ଭୋଗରାଇ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଅଚାନକ ଚଢାଉ କରାଯାଇ ୧୧୬ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରାଯାଇଛି। ଏହି ବେଆଇନ ମଦ କାରବାରରେ ସଂପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଭୋଗରାଇ ଅବକାରୀ ସବ୍-ଇନ୍ସପେକ୍ଟର ସୁନୀଲ କୁମାର ମାଝୀ ପ୍ରକାଶ କରିଛନ୍ତି। ଗୋଛିଦାତେଘରି ପଞ୍ଚାୟତ ଅଧୀନ କୃଷ୍ଣନଗର ଗାଁର ରାଜେନ୍ଦ୍ର ପଟ୍ଟାୟତଙ୍କ ପୁଅ ସଚ୍ଚିଦାନନ୍ଦ ପଟ୍ଟାୟତ(୨୨) ବାଇକରେ ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ଚଢାଉ କରି ତାଙ୍କୁ ଧରିଥିଲା। ଏହି ସମୟରେ ବ୍ୟବହୃତ ବାଇକକୁ ମଧ୍ୟ ଜବତ କରାଯାଇଥିଲା। ସେହିପରି କୃଷ୍ଣନଗର ଗାଁର ସ୍ୱର୍ଗତ ବଂଶୀଧର ବେହେରାଙ୍କ ପତ୍ନୀ ସାବିତ୍ରୀ ବେହେରା(୪୦)ଙ୍କଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ନିମାତପୁର ପଞ୍ଚାୟତ ଅଧୀନ କୁଚିଳାଡାଙ୍ଗର ଗାଁର ସ୍ୱର୍ଗତ ଗିରିଶ ଚନ୍ଦ୍ର ଘଡାଇଙ୍କ ପୁଅ ତ୍ରିଲୋଚନ ଘଡାଇ(୩୪)ଙ୍କ ଠାରୁ ମଧ୍ୟ ୨୧ ଲିଟର ଦେଶୀ ମଦ ଜବତ ହୋଇଥିଲା। ଅବକାରୀ ବିଭାଗର ଏହି ଚଢାଉରେ ଅବକାରୀ ଏଏସଆଇ ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ସହ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

# ପଶ୍ଚିମବଙ୍ଗକୁ ଚାଲାଣ ବେଳେ ଗୋରୁ ଉଦ୍ଧାର

ଜଳେଶ୍ୱର, ୧୫।୫ (ସମିସ): ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବେଳେ ଜଳେଶ୍ୱର ନିକଟ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରୁ ଜଳେଶ୍ୱର ଅଂଚଳର ଗୋ-ରକ୍ଷକ ମାନଙ୍କ ଦ୍ୱାରା ଏକ ପିକଅପ ଭ୍ୟାନ ଜବତ କରିବା ସହିତ ଗୋରୁ ଗୁଡିକୁ ଉଦ୍ଧାର କରାଯାଇଛି। ଉଦ୍ଧାର ଗୋରୁ ଗୁଡିକୁ ଶାନ୍ତିଆ ଷ୍ଟାଡିୟମ ମଧ୍ୟରେ ରଖାଯାଇଥିବା ବେଳେ ପିକଅପ ଭ୍ୟାନଟିକୁ ମଧ୍ୟ ଜବତ କରିଛନ୍ତି। ଜବତ ପିକଅପ ଭ୍ୟାନର ନମ୍ବର ଓଡି-୨୨ବି-୭୫୯୦ ଅଟେ। ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବନ୍ଦ ହେବାର ନା ଧରୁନାହିଁ। ପ୍ରତିଦିନ ପାର୍ଶଲ ଭ୍ୟାନ, କାର, ପିକଅପ ଭ୍ୟାନ, କଣ୍ଟେନର ଇତ୍ୟାଦି ଗାଡିରେ ବିଭିନ୍ନ ଉପାୟରେ ପଶ୍ଚିମବଙ୍ଗକୁ ଗୋ-ଚାଲାଣ ଲାଗିରହିଛି। ଗୋ ରକ୍ଷକ, ବିଜେପି ଯୁବକ ମାନେ ବିଭିନ୍ନ ସୂତ୍ରରୁ ଖବର ପାଇଁ ଏହି ଗୋଚାଲାଣ ଗାଡି ଗୁଡିକୁ ବହୁ ସମୟରେ ଧରି ଗୋ ଉଦ୍ଧାର କରି ପୋଲିସର ଜିମା ଦେବା ସହିତ ଗୋଶାଳାକୁ ପଠାଉ ଥିଲେ ମଧ୍ୟ ଗୋ ଚାଲାଣ ବନ୍ଦ ହେଉନାହିଁ। ପଶ୍ଚିମବଙ୍ଗରେ ବିଜେପି ସରକାର ଆସିଥିଲେ ମଧ୍ୟ ବିଭିନ୍ନ ଉପାୟରେ ଗୋ-ଚାଲାଣ ଲାଗି ରହିଛି। ପୋଲିସ ଓ ପ୍ରଶାସନ ସବୁ ଜାଣି ଚୁପ ରହିଛି।

# ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୧୫।୫ (ସମିସ): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ଓ ରାଇବଣିଆ ମଣ୍ଡଳ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପିଏମଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବିଇଓ ଜଗବନ୍ଧୁ ଜେନା, ବରେଣ୍ୟ ଅତିଥି ଭାବେ ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ଜେନା, ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଭବିଷ୍ୟତ ଉନ୍ନତି କାମନା କରିଥିଲେ। ସଭା ପ୍ରାରମ୍ଭରେ ପ୍ରାରମ୍ଭିକ ଅଭିଭାଷଣ ଓଷ୍ଟା ଜଳେଶ୍ୱର ସମ୍ପାଦକ ହରେକୃଷ୍ଣ ଜେନା ପ୍ରଦାନ କରିଥିବା ବେଳେ ଉପସଭାପତି ସରୋଜ କୁମାର ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ତଥା ମଂଚ ପରିଚାଳନା କରିଥିଲେ। ଜଳେଶ୍ୱର ବ୍ଲକରେ ଏ୧ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିବା ୧୮ ଜଣ ଛାତ୍ର ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ତଥା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଛାତ୍ର ଛାତ୍ରୀମାନଙ୍କର ଅଭିଭାବକ ତଥା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ରାଇବଣିଆ ଓଷ୍ଟା ସମ୍ପାଦକ ହରମୋହନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ୍ସିସ୍ ବ୍ୟାଙ୍କ ମନୋମୁଖୀ ନିଷ୍ପତ୍ତି ବିରୋଧରେ ଅଦାଲତଙ୍କ ସ୍ଥଗିତାଦେଶ

ଭଦ୍ରକ,୧୫।୫(ସମିସ): ଏକ୍ସିସ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଓଡ଼ିଆ କର୍ମଚାରୀ ମାରଣ ନୀତି ବିରୋଧରେ ଅଦାଲତ ରହିତାଦେଶ ଦେଇଛନ୍ତି। କିଛି ବର୍ଷ ହେଲା ଏକ୍ସିସ୍ ବ୍ୟାଙ୍କ କର୍ତ୍ତୃପକ୍ଷ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କ ଉପରେ ବିନା କୌଣସି କାରଣରେ ସ୍ୱେଚ୍ଛାକୃତ ଅବସର ଯୋଜନାକୁ ଲଦି ଦେବା ପାଇଁ ଚେଷ୍ଟା ଚଳାଇ ଆସୁଛନ୍ତି। ଯେଉଁମାନେ ଏହି ଯୋଜନାକୁ ବିରୋଧ କରୁଛନ୍ତି, ସେମାନଙ୍କୁ ପ୍ରଦର୍ଶନ ଖରାପ ଦର୍ଶାଇ ଚାକିରିରୁ ବହିଷ୍କାର କରିବାର ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ, ଏକ୍ସିସ୍ ବ୍ୟାଙ୍କର ଭଦ୍ରକ କ୍ଲଷ୍ଟର ହେଡ ତଥା ବ୍ୟାଙ୍କ୍ର ଉପସଭାପତି ଭାବେ ବ୍ରଜକିଶୋର ମିଶ୍ର ଗତ ୧ ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି। ଶ୍ରୀ ମିଶ୍ର ଗତ ୨୦ ବର୍ଷ ଧରି ଏକ୍ସିସ୍ ବ୍ୟାଙ୍କରେ କାର୍ଯ୍ୟ କରୁଛନ୍ତି। ବିନା ପ୍ରାକ୍ ସୂଚନାରେ, ବ୍ୟାଙ୍କ୍ କର୍ତ୍ତୃପକ୍ଷ ୧୫ ଦିନ ତଳେ, ଶ୍ରୀ ମିଶ୍ରଙ୍କୁ ଭୁବନେଶ୍ୱର ଅଫିସ୍‌କୁ ଡକାଇ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ବାଧ କରିଥିଲେ। ସେ ଅବସର ପାଇଁ ମନା କରିବାରୁ ତାଙ୍କର ବାର୍ଷିକ ପ୍ରଦର୍ଶନ ମାପଦଣ୍ଡ(ପିଏମ୍ଏସ)କୁ ଖରାପ କରାଯାଇ ଚାକିରିରୁ ବହିଷ୍କାର କରିବା ପାଇଁ ଯୋଜନା କରିଥିଲେ। କିନ୍ତୁ ଶ୍ରୀ ମିଶ୍ର ଏହା ବିରୋଧରେ ସ୍ଥାନୀୟ ମୁନସଫ ଅଦାଲତର ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶ୍ରୀ ମିଶ୍ରଙ୍କୁ କାର୍ଯ୍ୟାନ୍ତର ନକରିବା ଓ ଭଦ୍ରକ କ୍ଲଷ୍ଟର ହେଡ ଭାବେ ପୂର୍ବଭଳି କାର୍ଯ୍ୟ କରିବାପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବ୍ୟାଙ୍କର ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଅଦାଲତଙ୍କ ଏହି ଆଦେଶକୁ କର୍ମଚାରୀ ମହଲରେ ସ୍ୱାଗତ କରାଯାଇଛି। ବ୍ୟାଙ୍କ୍ର ଜୋନାଲ ମୁଖ୍ୟ ଭାବେ ସୌରଭ ଦତ ଯୋଗ ଦେବା ପରଠାରୁ, ଏହି ଓଡ଼ିଆ ମାରଣ ନୀତି ଜୋରଦାର ଆରମ୍ଭ ହୋଇଲାଏଛକ ଅଭିଯୋଗ ହୋଇଛି; ଯାହାକୁ ନେଇ ବିଭିନ୍ନ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ମଧ୍ୟରେ, ବ୍ୟାଙ୍କ ୬ ଜଣ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କୁ ଏହି ସ୍ୱେଚ୍ଛାକୃତ ଅବସର ଯୋଜନା ମାଧ୍ୟମରେ କାର୍ଯ୍ୟାନ୍ତର କରାଯାଇଛି, ଯେଉଁଥିରେ ବ୍ୟାଙ୍କର ୨ ଓଡ଼ିଆ ସର୍କଲ ହେଡ ମଧ୍ୟ ଅଛନ୍ତି। ସେମାନଙ୍କ ସ୍ଥାନରେ ପଞ୍ଜାବର ୨ ଜଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ବ୍ୟାଙ୍କ୍ ଉଚ୍ଚ କର୍ତ୍ତୃପକ୍ଷ, ତୁରନ୍ତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

# ମରାମତି ହେଲା ବିଷ୍ଣୁପୁର ବାଇପାସ୍ ରାସ୍ତା



ବାରିକପୁର, ୧୫।୫ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକଠାରେ ଜାତୀୟ ରାଜପଥ ସଂଯୁକ୍ତ ଅତିରିକ୍ତ ସଂଯୋଗୀକରଣ ରାସ୍ତାଟି ଅନେକ ଦିନ ଧରି ମରାମତି ନହୋଇ ପଡ଼ି ରହିଥିଲା। ଫଳରେ ବିଷ୍ଣୁପୁର ଗ୍ରାମ ସମେତ ଆଖପାଖର ଲୋକେ ଏହି ପଥକୁ ଅତିକ୍ରମ କରି ଜାତୀୟ ରାଜପଥକୁ ଯିବାପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ ଓ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେବାପରେ ଗତ ଅପ୍ରେଲ ୨୫ତାରିଖ ଦୈନିକ "ସକାଳ"ରେ ଖବର ପ୍ରକାଶିତ ହୋଇଥିଲା। ପ୍ରଶାସନିକ ସ୍ତରରେ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶ ମୁତାବକ ଇତିମଧ୍ୟରେ ବାଇପାସ୍ ରାସ୍ତାଟି ମରାମତି ହୋଇଛି। ଏବେ ସ୍ଥାନୀୟ ଲୋକ ମାନଙ୍କ ପାଇଁ ଦୈନନ୍ଦିନ ଯାତାୟାତ ସୁଗମ ହୋଇଛି।

# ବିଶିଷ୍ଟ ରୋଷେୟା ବୃନ୍ଦାବନ ସାହୁଙ୍କ ପରଲୋକ



ଜଳେଶ୍ୱର, ୧୫।୫ (ସମିସ): ଜଳେଶ୍ୱର ଅଞ୍ଚଳର ବିଶିଷ୍ଟ ରୋଷେୟା ବୃନ୍ଦାବନ ସାହୁଙ୍କ ପରଲୋକରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଜଳେଶ୍ୱର ମ୍ୟୁନିସିପାଲିଟିର ୭ନଂ ୱାର୍ଡ ଶାସନବାଡ ଗ୍ରାମର ବୃନ୍ଦାବନ ସାହୁ ଜଣେ ପ୍ରତିଷ୍ଠିତ ରୋଷେୟା ଭାବେ ଉତ୍ତର ବାଲେଶ୍ୱର ତଥା ସୀମାନ୍ତ ପଶ୍ଚିମବଙ୍ଗ ଅଞ୍ଚଳରେ ବହୁତ ନାମ ରହିଥିଲା। ତା ସହିତ ସେ ଶାସନବାଡ ଗ୍ରାମର ସିଦ୍ଧେଶ୍ୱର କ୍ଲବର ପ୍ରତିଷ୍ଠାତା ସଦସ୍ୟ ସହିତ ସିଦ୍ଧେଶ୍ୱର ଗଣନାଟ୍ୟର ପ୍ରତିଷ୍ଠାତା ଥିଲେ। ସେ ଦୀର୍ଘଦିନଧରି ବାର୍ଦ୍ଧକ୍ୟ ଜନୀତ ରୋଗରେ ପଡିରହିଥିବା ବେଳେ ଗତକାଲି କଟକ ବଡ ମେଡିକାଲରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କର ୭୫ବର୍ଷ ହୋଇଥିଲା। କଟକରୁ ମୃତ ଶରୀର ଗ୍ରାମକୁ ଆସିବା ପରେ ଗ୍ରାମର ମୁଖ୍ୟ ଅଜିତ କୁମାର ରାୟ, ଦୁର୍ଜୟ ପାଣିଗ୍ରାହୀ, ବନବିହାରୀ ପଟ୍ଟନାୟକ, ଅଶ୍ୱିନୀ ବେରା, ହରିହର ମହାପାତ୍ର, ସିଦ୍ଧେଶ୍ୱର କ୍ଲବର ସଭାପତି ସରୋଜ ପାଣିଗ୍ରାହୀ, ସମ୍ପାଦକ ସଂଜୟ ବେରା, ଗଣେଶ ସାହୁ, ବରେନ୍ଦ୍ର ଦାସ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିବା ବେଳେ ସୁବର୍ଣ୍ଣରେଖା ନଦୀ କୂଳରେ ଅନ୍ତିମ ସଂସ୍କାର ସମୟରେ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କର ଏକ ମାତ୍ର ପୁତ୍ର ରବି ମୁଖାଗ୍ନି ଦେଇଥିଲେ।

# ଜେଲ୍ ଗଲେ କାଡା ଜେଇ

ଭଦ୍ରକ, ୧୫।୫(ସମିସ): ଭଦ୍ରକ କମାଣ୍ଡ ଏରିଆ ଡେଭଲପମେଣ୍ଟ (କାଡା) ଡିଭିଜନର ଜେଇ ଭାବେ କାର୍ଯ୍ୟରତ ବିଜୟ କୁମାର ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଗତକାଲି ଭିଜିଲାନ୍ସ ଚଢ଼ଉ ପରେ ଆଜି ତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ଠୁଳ ପାଇଁ ବାଲେଶ୍ୱରର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି। ଜେଇ ବିଜୟଙ୍କ ଘରେ ଭିଜିଲାନ୍ସ ରେଡ ପରେ ତାଙ୍କ ପାଖରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ସ୍ପଷ୍ଟ ହୋଇଥିଲା। ଯେଉଁଥିରେ ୨ଟି ବହୁମହଲା କୋଠା, ୭ଟି ମୂଲ୍ୟବାନ ପ୍ଲଟ୍, ନଗଦ ୧.୭୩ ଲକ୍ଷ ଟଙ୍କା, ସୁନା ୩୫୦ ଗ୍ରାମ, ଜମା ୧୯.୪୬ ଲକ୍ଷ ଟଙ୍କା ଆଦି ଅନ୍ତର୍ଭୁକ୍ତ।

# ଭଦ୍ରକ ରେଳଷ୍ଟେସନରୁ ବରିଷ୍ଠ ଯାତ୍ରୀ ନିଖୋଜ



ଭଦ୍ରକ, ୧୫।୫(ସମିସ): ଭଦ୍ରକ ରେଳଷ୍ଟେସନରୁ ଗତ ୨ ତାରିଖରୁ ଅର୍ଥାତ ୧୩ ଦିନ ତଳୁ ଜଣେ ଅଣଓଡ଼ିଆ ବରିଷ୍ଠ ଯାତ୍ରୀ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଜଣାଯାଇଛି। ନିଖୋଜ ବରିଷ୍ଠ ଯାତ୍ରୀ ଜଣଙ୍କ ହେଉଛନ୍ତି ବାଲାନ। ତାଙ୍କ ବୟସ ୭୦ ବର୍ଷ ହେବ। ତାଙ୍କ ଘର ତାମିଲନାଡୁ କାଲିଡାଇକୁରୁଚ୍ଛି ଥାନା ଅଧୀନ କୁମାର କୋଭିଲ ଅଞ୍ଚଳରେ ବୋଲି ରେଳବାଇ ପୁଲିସ ସୂତ୍ରରୁ ଜଣାଯାଇଛି। ଏହି ନିଖୋଜ ହେବା ନେଇ ଭଦ୍ରକ ରେଳବାଇ ପୁଲିସ ଏକ ଏମଏମଆର(ମେନ୍ ମିସିଂ ରିପୋର୍ଟ) ନଂ-୨/୨୬ରୁଜୁ କରି ସଂପୃକ୍ତ ନିଖୋଜ ବରିଷ୍ଠ ନାଗରିକଙ୍କ ଫଟୋ ସହ ପୋଷ୍ଟର ମାରିଛି। କେହି ଯଦି ତାଙ୍କ ସନ୍ଧାନ ପାଆନ୍ତି ତେବେ ଭଦ୍ରକ ରେଳବାଇ ପୁଲିସକୁ ଯୋଗାଯୋଗ କରିବାକୁ କୁହଯାଇଛି।

# ଐତିହ୍ୟସମ୍ପନ୍ନ ପୌରାଣିକ ପୀଠ 'ସାବିତ୍ରୀ ଆଡ଼ି' ଚଳଚଞ୍ଚଳ

ବନ୍ତ/ଆଗରପଡ଼ା,୧୫।୫(ସମିସ)

ଆମ ରାଜ୍ୟର କଳା ଓ ସଂସ୍କୃତି ସାରା ଭାରତ ବର୍ଷରେ ସ୍ୱତନ୍ତ୍ର। ପ୍ରତ୍ୟେକ ଜିଲ୍ଲାରେ ଅନେକ ପୀଠ ଅଛି ଯାହା ଆମ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥି ମଧ୍ୟରୁ ଭଦ୍ରକ ଜିଲ୍ଲା ଅନ୍ୟତମ। ଏହି ଜିଲ୍ଲା ବହୁ ଐତିହ୍ୟସମ୍ପନ୍ନ ପୀଠର ବାର୍ତ୍ତା ଓ କାହାଣୀକୁ ନିଜ କୋଳରେ ଧରି ଗର୍ବ ଅନୁଭବ କରିବା ସହ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ସେହି ପୀଠମାନଙ୍କ ମଧ୍ୟରୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୋଟା ସାହିସ୍ଥିତ 'ସାବିତ୍ରୀ ଆଡ଼ି' ବା 'ସାବିତ୍ରୀ ପୀଠ' ଅନ୍ୟତମ। ହଜାର ହଜାର ବିବାହିତା ମହିଳାଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ଏହି ସାବିତ୍ରୀ ଆଡ଼ି।

ଭଦ୍ରକ ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ଟିଲୋ ଗ୍ରେନ୍ ଗୋଲାଛକଠାରୁ ଜାମ୍ବବଣି ଛକକୁ ସଂଯୋଗ କରୁଥିବା ରାସ୍ତାରେ ପାଖାପାଖି ୪ କି.ମି. ଗଲେ ରାସ୍ତାର ବାମ ପଟେ ପବିତ୍ର ସାବିତ୍ରୀ ଆଡ଼ି ପୀଠ ପଡ଼ିଥାଏ। ପୀଠଟିର ଚତୁଃପାଶ୍ୱର୍ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବା ବେଳେ, ଉତ୍ତର ପାଶ୍ୱର୍ରେ ସରୁ ସାଗର ନଦୀ ପ୍ରବାହିତ। ପୂର୍ବ ପାଶ୍ୱର୍ରେ ମାତାଙ୍କୁ ଠାବ କରିଥିବା ପୁହାଣ ପରିବାରର ବାସସ୍ଥାନ। ଏହି ପୀଠରେ ମା' ସାବିତ୍ରୀ ଓ ତାଙ୍କ କୋଳରେ ଶୟନାବସ୍ଥାରେ ଥିବା ସ୍ୱାମୀ ସତ୍ୟବାନଙ୍କର କଳା ମୁଗୁନି ପଥରର ମୂର୍ତ୍ତି ସହ ମା' ଦଶ ଭୂଜା ବନ ଦୁର୍ଗାଙ୍କ ମୂର୍ତ୍ତି ମଧ୍ୟ ପୂଜା ପାଆନ୍ତି। ଏହି ମୂର୍ତ୍ତିଗୁଡ଼ିକ ବହୁ ପୁରାତନ ହୋଇଥିଲେ ମଧ୍ୟ ଏହାର ଉପତ୍ତି ସମ୍ବନ୍ଧରେ କୌଣସି ସଠିକ ପ୍ରମାଣ ଆଜି ପର୍ଯ୍ୟନ୍ତ ମିଳପାରିନାହିଁ। ଜନଶୃତି କହେ ଯେ ଏହି ଗ୍ରାମର ହରିହର ପୁହାଣଙ୍କ ବାପା ଭାଗୀରଥି ପୁହାଣ ଏହି ମୂର୍ତ୍ତିଗୁଡ଼ିକୁ ଠାବ କରିଥିଲେ। ଏହି କଥା ପ୍ର.ରିତ ହେବା ପରେ ମିଳିଥିବା ୩ଟି ମୂର୍ତ୍ତିକୁ ପୂଜା କରାଯାଉଥିଲା। ସେହି ମୂର୍ତ୍ତିରେ ଅନନ୍ତ ମାଧବ ମୂର୍ତ୍ତି ମଧ୍ୟ ରହିଥିଲା। ୧୫୫୦ ମସିହା ପୂର୍ବରୁ ଆଗରପଡ଼ାଠାରୁ ୧୨କି.ମି. ଦୂରବର୍ତ୍ତୀ ପୂର୍ବଦକ୍ଷିଣ କୋଣରେ ଅବସ୍ଥିତ ତୋଟା ସାହିର ଠାକୁର ଗଡିଆଠାରେ ଶ୍ରୀଜୀଉଙ୍କ ପୀଠ ପ୍ରତିଷ୍ଠିତ। ଏକଦା ଉକ୍ତ ପୀଠର ଉତ୍ତର ଦିଗରେ ୬ କି.ମି. ଦୂରବର୍ତ୍ତୀ କୋଡିଆମାଳ ଗ୍ରାମର ଜଣେ ତନ୍ତିଆଣୀ ବୁଢି ସେହି ପୀଠ ଦେଇ ପଶ୍ଚିମ ଦିଗରେ ଥିବା ରାମଚନ୍ଦ୍ରପୁର ହାଟକୁ ଲୁଗା ବିକ୍ରି କରିବା ପାଇଁ ଯାଆନ୍ତି, କିନ୍ତୁ କୌଣସି ଏକ ଦିନ ବୁଢିର ଲୁଗା ବିକ୍ରି ନହେବାରୁ ସେ ନିରାଶ ହୋଇ ଘରକୁ ଫେରିବା ସହ ପରିବାର ପ୍ରତିପୋଷଣକୁ





ନେଇ ଭାରାକ୍ରାନ୍ତ ହେଲା। ପୂର୍ବରୁ ଠାକୁର ଗଡିଆ ଠାରେ ଥିବା ଶ୍ରୀ ଜିଉଙ୍କ ଅଲୌକିକ ଶକ୍ତି ବିଷୟରେ ଜାଣି ଥିବାରୁ ବୁଢିଟି ଶ୍ରୀ ଜିଉଙ୍କୁ ଧ୍ୟାନ କରି ତାଙ୍କ ଠାରେ ମାନସିକ କରେ ଯେ ତାର ସବୁ ଲୁଗା ବିକ୍ରି ହୋଇଗଲେ ସେ ଠାକୁରଙ୍କ ପାଖରେ ମୁଢି ମୁଆଁ ଭୋଗ ଲଗାଇବା ସହ ପ୍ରତ୍ୟେହ ସଂଧ୍ୟାରେ ସଂଜ ଦୀପ ଜାଳିବ। ବୁଢୀଟିର ମନସ୍କାମନା ପୂର୍ଣ୍ଣ ହୋଇଥିଲା। ଏହି ଖବର .ରିଆଡ଼େ ବ୍ୟାପିବା ସହ ଆଗରପଡ଼ାର ତତ୍କାଳିନ ମାହାଲ ରାଜବଂଶର ରାଜା ଯଶୋବନ୍ତ ସିଂହଙ୍କଠାରେ ପହଞ୍ଚିଥିଲା। ରାଜା ଅଧାର୍ମିକ ଚେତନାଧାରି ହୋଇଥିବାରୁ ତହିଁପର ଦିନ ହାତୀରେ ବସି ମନ୍ତ୍ରୀ, ସୈନ୍ୟସାମନ୍ତ ନେଇ ଠାକୁର ଗଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପହ ହାତୀ ସାହାଯ୍ୟରେ ଶ୍ରୀଜୀଉଙ୍କୁ ମାଟିରୁ ଉଠାଇବାପାଇଁ ମାହୁନ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇ ମାହୁନ୍ତ ଶ୍ରୀଜୀଉଙ୍କୁ ମାଟିରୁ ଉଠାଇବାକୁ ଅଗ୍ରସର ହେଉଥିବାବେଳେ ମାଟି ତଳୁ ଏକ ଭୟଙ୍କର ଗର୍ଜନ ବାହାରିବାର ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ପ୍ରଭୁଙ୍କ ନିର୍ଦ୍ଦେଶାନୁସାରେ

## ବିବାହିତା ମହିଳାଙ୍କ ଆଶା ଓ ବିଶ୍ୱାସର ପ୍ରତୀକ

ରାଜା କୋଡିଆମାଳ ଗ୍ରାମର ତନ୍ତିଆଣୀ ବୁଢି ସାହାଯ୍ୟରେ ଶ୍ରୀଜୀଉଙ୍କ ସହ ଅନ୍ୟ ମୂର୍ତ୍ତିଙ୍କୁ ଆଗରପଡ଼ାକୁ ଆଣି ପୂଜା ପାଠ କରିଥିଲେ। ଅନନ୍ତ ମାଧବଙ୍କ ନିର୍ଦ୍ଦେଶାନୁସାରେ ଅନ୍ୟ ୨ ବିଗ୍ରହଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯାଇଥିଲା। ସେହିଦିନଠାରୁ ଉକ୍ତ ପୀଠ ସାବିତ୍ରୀ ଆଡ଼ି ନାମରେ ଖ୍ୟାତ ଅର୍ଜନ କରିଥିଲା। ଗ୍ରାମବାସୀ ଖାଲି ସ୍ଥାନରେ ପୂଜା ପାଉଥିବା ମୂର୍ତ୍ତିଙ୍କ ନିମିତ ଏକ ମନ୍ଦିର ନିର୍ମାଣ କରିଥିଲେ। ସାବିତ୍ରୀ ପୂଜା ଦିନ ପୁହାଣ ପରିବାରର ମହିଳାମାନେ ସେଠାରେ ପୂଜାର୍ଚ୍ଚନା କରିବା ସହ ଭୋଗ ଲାଗି ଆଦି କରାଇଥାନ୍ତି। ସାଂସଦଙ୍କ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇ ଏକ କମ୍ୟୁନିଟି ସେଣ୍ଟର

## ଆଜି ସାବିତ୍ରୀ ବ୍ରତ

ଏଠାରେ ନିର୍ମିତ ହୋଇଛି। ଏଠାରେ ହେଉଥିବା ବାର୍ଷିକ ପୂଜାର୍ଚ୍ଚନା ତୋଟା ସାହି ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। କିନ୍ତୁ ସାବିତ୍ରୀ ବ୍ରତ ଦିନ ଓଡ଼ିଶାର କୋଣ ଅନୁକୋଣରୁ ଭକ୍ତମାନଙ୍କ ସମାଗମ ହୋଇଥାଏ। ଉଠା ଦୋକାନିମାନଙ୍କର ପ୍ରବଳ ଭିଡ଼ ମଧ୍ୟ ଲାଗିଥାଏ। ଓଡ଼ିଶାରେ ଏହି ପୀଠଟି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ମଧ୍ୟ ଏହାର କୌଣସି ନିୟମିତ ଆୟ ନଥିବାରୁ ଗ୍ରାମବାସୀଙ୍କ ସହାୟତା ଓ ହୁଣ୍ଡିରୁ ଆୟୋଜିତ ଅର୍ଥରୁ ମେଳା ଆୟୋଜିତ ଖର୍ଚ୍ଚ ତୁଲାଇବା କଷ୍ଟସାଧ୍ୟ ହୋଇଥାଏ। ପ୍ରସିଦ୍ଧ ଲାଭ କରିଥିବା ଏହି ମେଳା ପାଇଁ ଏଠାରେ କୌଣସି ଭିତ୍ତିଭୂମି ନଥିବା ବେଳେ ଏଠାରେ ଯାତ୍ରୀ ବିଶ୍ରାମାଗାର, ଶୋ÷ଚାଳୟ ଆଦିର ବ୍ୟବସ୍ଥା କରାଯିବା ସହ ଅଧପନ୍ତରିଆ କଲ୍ୟାଣମଣ୍ଡପ ଓ ପୀଠଟିର ଉନ୍ନୟନ ମୂଳକ କାର୍ଯ୍ୟ (ଅସମ୍ପୂର୍ଣ୍ଣ) ସମ୍ପୂର୍ଣ୍ଣ କରାଯାଇ ପାରିଲେ ପୀଠଟି ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସହ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ମନ୍ତ୍ରୀଙ୍କ ରାତିଅଧିଆ ଗସ୍ତ ଓ ସମୀକ୍ଷା ବୈଠକକୁ ବିଧାୟିକାଙ୍କ ପ୍ରଶ୍ନ**

# ସମୀକ୍ଷା ବୈଠକ ନାଁରେ ଦଳୀୟ ବୈଠକ ଅଭିଯୋଗ

**ଯାଜପୁର, ୧୫।୫(ସମିସ):** ଗତକାଲି ଠାରୁ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଦୁଇଦିନିଆ ଗସ୍ତରେ ଯାଜପୁର ଆସିଛନ୍ତି। ଗତକାଲି ଅପରାହ୍ନରେ ଯାଜପୁରରେ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଅଫିସରେ ସମୀକ୍ଷା କରିଥିଲେ। କିନ୍ତୁ ମନ୍ତ୍ରୀଙ୍କ ଏହି ସମୀକ୍ଷା ବୈଠକକୁ ନେଇ ବିବାଦ ଦେଖାଦେଇଛି। କୌଣସି ମନ୍ତ୍ରୀ ସରକାରୀ ଗସ୍ତରେ ଜିଲ୍ଲାକୁ ଆସିବା ବେଳେ ଜିଲ୍ଲାର ସମସ୍ତ ବିଧାୟକ ଓ ବିଧାୟିକାଙ୍କୁ ନିମନ୍ତ୍ରଣ କରିବାକୁ ନିୟମ ରହିଥିଲେ ମଧ୍ୟ ଯାଜପୁର



ଜିଲ୍ଲାର ବିଜୁ ଜନତା ଦଳର ବିଧାୟକ ଓ ବିଧାୟିକାମାନଙ୍କୁ ଏଥିପାଇଁ କୌଣସି ଅବଗତ କରାଯାଇନଥିବା ଅଭିଯୋଗ ହୋଇଛି। ଓଲଟି ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ବିଜେପିର ଦଳୀୟକର୍ମୀ ଓ କୁଜି ନେତାମାନେ ସାମିଲ ହେବା ଘଟଣାକୁ ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରଶ୍ନ ଉଠାଇଛନ୍ତି।

ଦ୍ୱିତୀୟ ଦିବସରେ ସେ ଆଜି ପ୍ରଥମେ ଦଶରଥପୁର ବ୍ଲକ ସିଦ୍ଧେଶ୍ୱର ସ୍ଥିତ ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଯାଇ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରକଳ୍ପର ବିଭିନ୍ନ ଅଂଶ ବୁଲି ଦେଖିବା ସହ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ପରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ସୁଫଳ କିପରି ମିଳିବ ସେ ସମ୍ପର୍କରେ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସୂଚନା ନ ଦେଇ ଓଲଟି ପୂର୍ବ ସରକାରଙ୍କୁ ସମାଲୋଚନା କରିଥିଲେ ମନ୍ତ୍ରୀ। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଛନ୍ତି ଯାଜପୁର ବିଧାୟିକା ସୁଜାତା ସାହୁ। ଗତ ଦୁଇ ବର୍ଷ ଧରି ବିଜେପି ସରକାରକୁ ଆସିଲାଣି, ଯଦି ପ୍ରକଳ୍ପରେ ତ୍ରୁଟି ରହିଛି ତେବେ ସେହି ତ୍ରୁଟିକୁ କିଭଳି ସୁଧାର ଆଣାଯିବ ସେ ନେଇ କ'ଣ ପଦକ୍ଷେପ ନିଆଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ଜିଲ୍ଲାକୁ ସମୀକ୍ଷା ବୈଠକରେ ଆସୁଥିବା ବେଳେ ଲୁଚି ଲୁଚି କାହିଁକି ଆସୁଛନ୍ତି। ସମସ୍ତ ବିଧାୟକଙ୍କୁ କାହିଁକି ଏଥିପାଇଁ ଅବଗତ କରାଯାଉନାହିଁ? ଏହା ସମୀକ୍ଷା ବୈଠକ ନା ଦଳୀୟ ବୈଠକ ବୋଲି ପ୍ରଶ୍ନ କରିବା ସହିତ ବୈତରଣୀର ଉପର ମୁଣ୍ଡରେ ବାଲି ମାଫିଆ ମାନେ ବାଲି ଚାଲାଣ କରୁଥିବା ନଦୀରେ ପାଣି ଛଡାଯାଉନାହିଁ। ଫଳରେ ସିଦ୍ଧେଶ୍ୱର ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ଆସିପାରୁନାହିଁ। କିନ୍ତୁ ମାଫିଆଙ୍କୁ ସୁରକ୍ଷା ଦେବାକୁ ଯାଇ ମନ୍ତ୍ରୀ ପୂର୍ବ ସରକାର ଉପରେ ଦେଉଥିବା ଅଭିଯୋଗ କରିଛନ୍ତି ବିଧାୟିକା। ଜିଲ୍ଲାପାଳ ଅଫିସ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ ବିଧାୟକ, ମନ୍ତ୍ରୀ

**କବାଟବନ୍ଧ, ୧୫।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବାଲିକୁଦିଆ ଠାରେ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପକୁ ପରିଦର୍ଶନ କରିଛନ୍ତି ବିଧାୟକ, ମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ। ସୋମବାର ଅପରାହ୍ନରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗୀୟ ମନ୍ତ୍ରୀ ରବି ନାଏକ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଜାଣିବା ସହିତ କମ୍ପାନୀ ଉପରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ପ୍ରାୟ



୨୧୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ ହୋଇଥିବା ଏହି ପ୍ରକଳ୍ପ ୫ ବର୍ଷ ପରେ ମଧ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ।

୨୦୨୦ ମସିହାରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଧର୍ମଶାଳା ବ୍ଲକର ୪୫ ଗୋଟି ପଞ୍ଚାୟତର ୪୭, ୭୬୫ ପରିବାରକୁ ଶୁଦ୍ଧ ପାନୀୟ ଜଳ ପାଇବାର ସୁବିଧା ପାଇବେ। ପୂର୍ବରୁ ପ୍ରକଳ୍ପର ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରକାଶ କରିଥିବା କମ୍ପାନୀ କର୍ତ୍ତୃପକ୍ଷ କିନ୍ତୁ କାମ ଶେଷ ପାଇଁ ଆଉ ପ୍ରାୟ ୨ ମାସ ସମୟ ଲାଗିବ ବୋଲି କହିଥିଲେ। ଦୁଇ ବର୍ଷ ପୂର୍ବରୁ ଅର୍ଥାତ ୨୦୨୪ ମସିହାରେ ସରିବା କାର୍ଯ୍ୟ ଅଦ୍ୟାବଧି କାହିଁକି ସରିନାହିଁ ବୋଲି ବିଧାୟକ କମ୍ପାନୀକୁ ପ୍ରଶ୍ନ କରିବା ସହିତ କମ୍ପାନୀ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ କାମ ସାରି ଜଳ ଯୋଗାଣ ପାଇଁ ତାଗିଦ୍ କରିଥିଲେ। ପ୍ରକଳ୍ପ ଅଞ୍ଚଳରେ ରହିଥିବା କିଛି ପଞ୍ଚାୟତକୁ ପ୍ରଥମ ପର୍ଯ୍ୟାୟରେ ଖୁବଶୀଘ୍ର ଜଳ ଯୋଗାଣ ପାଇଁ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ସମୀକ୍ଷା ବୈଠକରେ ମେଗା କେବଳ ହଁ ହଁରେ ସମୟ ଗଡ଼ାଇ ଚାଲୁଥିବା ବେଳେ ଏଥର ଆଉ ଛଡ଼ାଯିବ ନାହିଁ ବୋଲି କହିବା ସହିତ ଆବଶ୍ୟକ ହେଲେ ମେଗା କମ୍ପାନୀ ନାମରେ ମାମଲା ମଧ ରୁଜୁ କରାଯିବ ବୋଲି ଚେତାବନୀ ଦେଇଥିଲେ। ପୂର୍ବରୁ ମଧ ତତ୍କାଳୀନ ଜିଲ୍ଲାପାଳ ପି. ଅନ୍ୱେଶା ରେଡ୍ଡୀ ୨୦୨୫ ମସିହା ଜୁଲାଇ ୨୧ ତାରିଖରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇ ମାସରେ ପ୍ରକଳ୍ପ ଚାଲୁହେବ ବୋଲି ସମାନ କଥା କହି ଭୁଆଁ ଭୁଲାଇଥିଲେ। କମ୍ପାନୀର ଏଭଳି ଟାଳଟୁଳ ନୀତିକୁ ନେଇ ଉଭୟ ମନ୍ତ୍ରୀ ଏବଂ ବିଧାୟକ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କର, ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଧର୍ମଶାଳା ବିଡିଓ, ସହକାରୀ ଯନ୍ତ୍ରୀ ସୁକିନ୍ଦା, ଧର୍ମଶାଳା, ଯାଜପୁର, ଜିଲ୍ଲା ବିଜେପି ସଭାପତି ଦେବଜାନି ପ୍ରଧାନ, ବିଜେପି ନେତା ଗୌତମ ରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସରକାରୀ ଯୋଜନା ବଣ୍ଟନ



**ଧର୍ମଶାଳା, ୧୫।୫(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆଜି ପଞ୍ଚାୟତିରାଜ ମନ୍ତ୍ରୀ ଓ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ହିତାଧିକାରୀମାନଙ୍କୁ ସରକାରୀ ଯୋଜନା ପ୍ରଦାନ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ଓ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ସମସ୍ତ ଗରିବ ଭୂମିହିନ ମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯିବା ସହ ଅନ୍ତ୍ୟୋଦୟ ଗୃହ ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୪ ଗୋଟି ପଞ୍ଚାୟତରୁ ୯୭୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସର କାର୍ଯ୍ୟାଦେଶ, ୫୮୮ ଜଣଙ୍କୁ ରାସନ କାର୍ଡ, ୬୨୭ ଜଣ ହିତାଧିକାରୀଙ୍କୁ ଭତ୍ତା ଓ ୧୧୮ ଜଣ ଭୂମିହିନଙ୍କୁ ଜମିପଟ୍ଟା ପ୍ରଦାନ କରିଥିଲେ। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ଜିଲ୍ଲା ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ରସୁଲପୁର ବିଡିଓ ସଦାନନ୍ଦ ଦାସ, ଧର୍ମଶାଳା ତହସିଲଦାର ସମୀର ଦାସ, ବିଜେପି ଜିଲ୍ଲାସଭାପତି ଦେବଯାନୀ ପ୍ରଧାନ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ସମେତ ଯୁବ ସଂଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ପ୍ରଦୀପ ପରିଡ଼ା, ଜିତେନ୍ଦ୍ର ରାଉତ, ଅଭିଶେକ ରାଉତ, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ତପନ ମାହୁନ୍ତ, ଉପେନ୍ଦ୍ର କର ଓ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନା କରିବାରେ ସହାୟତା କରିଥିଲେ। ଏହି ଅବସରରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାସ୍ତରରେ ଏ-୧ ରଖିଥିବା ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ୧୦୪ ଜଣ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ତିନିଚକିଆ ଇ-ସ୍କୁଟର ବଣ୍ଟନ କରାଯାଇଥିଲା।

# ସୂକ୍ଷ୍ମ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

**ଦଶରଥପୁର, ୧୫।୫(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଚମ୍ପେଇପାଳ ପଞ୍ଚାୟତ ବୈକୁଣ୍ଠପୁର ଗ୍ରାମରେ ଥାନଲ ଦୟା ରିହାବିଲଷ୍ଟେସନ ଟ୍ରଷ୍ଟ ପକ୍ଷରୁ ମାଇକ୍ରୋ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ରସାନନ୍ଦ ଦାସ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ଜିଲ୍ଲା ସଂଯୋଜକ କ୍ରିଷ୍ଣା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କେନ୍ଦ୍ରର




ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ଓ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ତମ ପ୍ରଶିକ୍ଷଣ ସହିତ ଶିକ୍ଷାର୍ଥୀଙ୍କ ଗୁରୁତ୍ୱ ପ୍ରଦାନ, ଅଧାରୁ ପାଠପଢ଼ା ଛାଡିଥିବା ପିଲାମାନଙ୍କୁ ପୁନର୍ବାର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ବିଷୟରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ କେନ୍ଦ୍ର ଗାଁର ଶିକ୍ଷା ବିକାଶରେ ଏକ ଭଲ ପଦକ୍ଷେପ ବୋଲି ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ରମାକାନ୍ତ ଦାସଙ୍କ ସମେତ ଶିକ୍ଷାକେନ୍ଦ୍ରର ପ୍ରଶିକ୍ଷିକା ଝରଣା ଦାସ ସାମିଲ ହୋଇଥିଲେ।

**● ମାଣ୍ଡୁକା ପାହାଡ଼ରେ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ମାମଲା**

# ମୁଖ୍ୟଶାସନ ସଚିବଙ୍କୁ ଜରିମାନା କଲା ଏନ୍‌ଜିଟି

**ଡିଡିଏମ୍, ତହସିଲଦାର, ଲିଜ୍‌ଧାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ନିର୍ଦ୍ଦେଶ**

**ଯାଜପୁର, ୧୫।୫(ସମିସ):** ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦର୍ପଣୀ ତହସିଲ ମାଣ୍ଡୁକା ପାହାଡ଼ରେ ଚାଲିଥିବା ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ମାମଲାରେ ଏନ୍‌ଜିଟିଙ୍କ କଠୋର ଆଭିମୁଖ୍ୟ ଦେଖିବାକୁ ମିଳିଛି। ଏହି ପାହାଡ଼ରେ ବାରମ୍ବାର ବେଆଇନ ଖନନ ନେଇ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଆବେଦନକୁ ଏନ୍‌ଜିଟି ଗ୍ରହଣ କରି ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲ୍ଲାପାଳ, ଡିଡିଏମ, ଦର୍ପଣ ତହସିଲଦାର, ବନ ବିଭାଗ, ପ୍ରଦୂ୍ୟଷଣ ବିଭାଗ, ସିଆ କର୍ତ୍ତୃପକ୍ଷ, ଓର୍‌ସାକ ଏବଂ ଲିଜଧାରୀଙ୍କୁ ପକ୍ଷ କରାଯାଇଥିଲା। ଏହି ବେଆଇନ ଖନନ ସମ୍ପର୍କରେ ଏନ୍‌ଜିଟି ବାରମ୍ବାର ତଥ୍ୟ ପ୍ରଦାନ କରିବାକୁ ନୋଟିସ୍ ଦେଇଥିଲେ ମଧ ପକ୍ଷ ମାନେ ସଠିକ୍ ସମୟରେ ତଥ୍ୟ ନ ଦେବା ଏବଂ ଭ୍ରମାତ୍ମକ ତଥ୍ୟ ଦେଇଥିବା ନେଇ କ୍ଷୁବ୍ଧ ହୋଇଛନ୍ତି। ଏଥିପାଇଁ ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ସମ୍ପର୍କରେ ଆଗାମୀ ୪ ସପ୍ତାହ ମଧ୍ୟରେ ସାନି ତଥ୍ୟ ପ୍ରଦାନ କରିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହିତ ମୁଖ୍ୟ ଶାସନ ସଚିବ, ଡିଡିଏମ୍, ଦର୍ପଣ ତହସିଲଦାର ଏବଂ ଲିଜଧାରୀ ହରପ୍ରସାଦ ସେନାପତିଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜରିମାନା ଅର୍ଥ ଏନ୍‌ଜିଟିର କୋଲକତା ବେଞ୍ଚରେ ଆସନ୍ତା ୪ ସପ୍ତାହ ମଧ୍ୟରେ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ପରବର୍ତ୍ତି ଶୁଣାଣି ଅଗଷ୍ଟ ୭ ତାରିଖକୁ ରହିଥିବା ଜଣାପଡ଼ିଛି। ଏହି ମାମଲାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଏବଂ ଆଶୁତୋଷ ପାଢ଼ି ପରିଚାଳନା କରୁଥିଲେ।

# ଖରାବେଳେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ

**ଧର୍ମଶାଳା, ୧୫।୫(ସମିସ):** ଧର୍ମଶାଳା ବ୍ଲକ ଜାରକା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ ମନମୁଖୀ କାର୍ଯ୍ୟ ପାଇଁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଖରା ଦିନ ଉଦଉଦିଆ ଖରା ବେଳେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଦ୍ୟୁତ ସେବା ଠପ୍ ହୋଇ ଯାଇଥିବା କାରଣରୁ ଲୋକେ ଗରମରେ ଛଟପଟ ହୋଇଥିଲେ। ସୂଚନା ଅନୁଯାୟୀ ଶୁକ୍ରବାର ଦିନ ପ୍ରାୟ ଦିନ ୧୨.୩୦ରୁ ୨. ୩୦ ପର୍ଯ୍ୟନ୍ତ ଜାରକାରୁ କାଏମାକୁ ସଂଯୋଗ କରୁଥିବା ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ହଜାର ହଜାର ଲୋକ ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ବର୍ଷା, ପବନ, ଘଡ଼ଘଡ଼ି କିମ୍ବା ବିଜୁଳି ପାଇଁ କୌଣସି ବିଭ୍ରାଟ ନଥିବା ସତ୍ତ୍ୱେ ଖରା ଉତ୍ତାପ ଜୋର ରହିଥିବା ବେଳେ ବିଦ୍ୟୁତ୍ କଟିବାର କାରଣ କିଛି ଜଣା ପଡ଼ି ନଥିଲା। ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ବି ସେମାନଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିବା କାରଣରୁ କୌଣସି କାରଣ ଜଣା ପଡ଼ି ନଥିଲା। ଏହି ସମୟରେ ଜାରକା ଡିଭିଜନ ଏସଡିଓ ସନ୍ତୋଷ ପରିଡ଼ାଙ୍କୁ ଏ ବିଷୟରେ ପଚାରିବାରୁ ସେ ଜାଣିନାହାନ୍ତି, କହିପାରିବେ ନାହିଁ ବୋଲି କହିଥିଲେ ଏବଂ କଷ୍ଟମର କେୟାରଙ୍କୁ ପଚାରି ବୁଝିବାକୁ କହିଥିଲେ। ବିନା କାରଣରେ ବିଦ୍ୟୁତ୍ ସେବା ବନ୍ଦ ହେଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିବା ବେଳେ ଜାରକା ଏସ୍‌ଡିଓ ମହୋଦୟ କାହା ସାହସ ଓ ଇଙ୍ଗିତରେ ବାରମ୍ବାର ବିଦ୍ୟୁତ୍ ସେବା ବନ୍ଦ କରୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ଉପରେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି।

# ଗୋଟିଏ ରାତିରେ ୪ ଜଣଙ୍କ ଘରୁ ଚୋରି

**ବରୁଆଁ, ୧୫।୫(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତର ୪ ଜଣଙ୍କ ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ଏହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ପାଣ୍ଡବ ଜେନାଙ୍କ ଘରୁ ଗତ ରାତି ପ୍ରାୟ ୩ଟା ସମୟରେ ଚୋରମାନେ ଘରେ ପଶି ଆଲମିରା ଓ ବାକ୍ସ ଭାଙ୍ଗି ନଗଦ ୮୦ ହଜାର ଟଙ୍କା ସମେତ ଏକ ଗୋଟି ୧୫ ଗ୍ରାମ ଓଜନର ସୁନା ରାଣୀହାର, ୧୨ ଗ୍ରାମ ଓଜନର ଦୁଇଟି ସୁନା ଚେନ୍, ୨ ହଳ ସୁନା କାନ ଫୁଲ, ୪ ଗୋଟି ସୁନା ମୁଦି, ଗୋଟିଏ ରୂପା ଅଣ୍ଟା ବିଛା, ଗୋଟିଏ ମୋବାଇଲ୍, ବହୁ ଦାମୀ ଶାଢ଼ି ଚୋରି ହୋଇଥିବା ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚୋରମାନେ ଯିବାବେଳେ ଘରର ବାହାର ପଟୁ ବନ୍ଦ କରି ପଳାଇ ଯାଇଥିଲେ। ଅନ୍ୟଟି ସେହି ଗ୍ରାମର ପ୍ରଦୀପ ମଲିକଙ୍କ ଘରେ ଥିବା ଆଟାଚ୍ ଓ ବାକ୍ସ ଭାଙ୍ଗି ନଗଦ ୫ ହଜାର ଟଙ୍କା, ୩ ଗୋଟି ହାତ ଘଣ୍ଟା, ଏଟିଏମ୍ କାର୍ଡ, ଆଧାର କାର୍ଡ, ସାର୍ଟିଫିକେଟ ସମେତ ବହୁ ଜରୁରୀ କାଗଜପତ୍ର ଚୋରି ହୋଇଥିବା ବେଳେ ଏରବାଙ୍କ ଗ୍ରାମର ମାନସ ଜେନାଙ୍କ ଘରୁ ଆଲମିରା ଭାଙ୍ଗି ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ହାର, ଗୋଟିଏ ସୁନା ବ୍ରେସ୍‌ଲେଟ୍, ଗୋଟିଏ ସୁନା ଲକେଟ୍, ସମୁଦାୟ ସୁନା ଗହଣାର ଓଜନ ପ୍ରାୟ ୮ ଭରି ଓ ନଗଦ ୩୫୦୦ ଟଙ୍କା ଚୋରି ହୋଇଥିବା ସଦର ଥାନା ଅଭିଯୋଗ ହୋଇଛି। ସଦର ଥାନା ପକ୍ଷରୁ ପୃଥକ୍ ପୃଥକ୍ ଭାବେ କେସ ନମ୍ବର୍ ୧୮୧/୨୬ ଓ ୧୮୦/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ସଦର ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ

**ଯାଜପୁର, ୧୫।୫(ସମିସ):** ସହଭାଗୀ ନ୍ୟାୟ ଏବଂ ଲୋକଙ୍କ ନିକଟରେ ନ୍ୟାୟିକ ସେବା ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ 'ଦେଶବ୍ୟାପୀ ମଧ୍ୟସ୍ଥତାଭିତ୍ତିକ ବିଚାର ଏବଂ ବିବାଦର ସଦ୍‌ଭାବନାପୂର୍ଣ୍ଣ ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପଦକ୍ଷେପ 'ସମାଧାନ ସମାରୋହ'କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆୟୋଜନ କରୁଛନ୍ତି। ଏହା ୨୧ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୨୧, ୨୨ ଏବଂ ୨୩ ଅଗଷ୍ଟ ୨୦୨୬ରେ ଏକ ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବା ସହିତ ସମାପ୍ତ ହେବ। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାରାଧୀନ ମାମଲାର ସୌହାର୍ଦ୍ଦପୂର୍ଣ୍ଣ ସମାଧାନକୁ ସୁଗମ କରିବା। ଏହି ପଦକ୍ଷେପ ଅଧୀନରେ ବିବାଦର ପ୍ରଭାବଶାଳୀ ସମାଧାନରେ ସମସ୍ତ ଅଧିବକ୍ତା, ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ, ଯାଜପୁର ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ବିଞ୍ଝାରପୁର ଅଞ୍ଚଳରୁ ଲୀନ ହେବାକୁ ବସିଲାଣି ଖରସ୍ରୋତା

**ବିଞ୍ଝାରପୁର, ୧୩।୫(ସମିସ):** ବିଞ୍ଝାରପୁର ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଖରସ୍ରୋତା ନଦୀ ଏବେ ଗଭୀର ସଙ୍କଟ ମଧ୍ୟରେ ଗତି କରୁଛି। ବର୍ଷ ବର୍ଷ ଧରି ଏହି ନଦୀର ପାଣି ଚାଷ କାମ, ପରିବେଶ ଓ ଲୋକଜୀବନକୁ ସମୃଦ୍ଧ କରିଆସୁଥିବା ବେଳେ ବର୍ତ୍ତମାନ ବେଆଇନ ଭାବେ ମାଟି ଓ ବାଲି ଉତ୍ତୋଳନ ଯୋଗୁଁ ନଦୀର ସ୍ୱାଭାବିକ ରୂପ ଧ୍ୱଂସ ହେବାକୁ ବସିଛି। ଦିନରାତି ଟ୍ରାକ୍ଟର ଓ ହାଇୱା ମାଧ୍ୟମରେ ବାଲି ଓ ମାଟି ବାହାରକୁ ଚାଲାଣ ହେଉଥିବା ଦୃଶ୍ୟ ସାଧାରଣ ଲୋକଙ୍କୁ ଚିନ୍ତିତ କରିଛି। ଅଭିଯୋଗ ହେଉଛି, ନଦୀରୁ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାଲି ଓ ମାଟି ଉଠାଯାଇ ବାହାର ଜିଲ୍ଲାକୁ ପ୍ରେରଣ କରାଯାଉଛି। ଏହାର ପ୍ରଭାବରେ ନଦୀ ପଥ ପରିବର୍ତ୍ତନ ହେଉଥିବା ସହ ବର୍ଷା ଦିନରେ ବନ୍ୟା ଆଶଙ୍କା ବଢ଼ିବାର ସମ୍ଭାବନା ଦେଖାଦେଇଛି। ଅନେକ ସ୍ଥାନରେ ନଦୀ କୂଳ ଭାଙ୍ଗିବା ଆରମ୍ଭ ହୋଇଥିବା ବେଳେ ଚାଷଜମି ନଷ୍ଟ ହେଉଛି, ଭୂଗର୍ଭ ଜଳସ୍ତର କମୁଛି ଏବଂ ଜଳଜୀବୀ ପ୍ରାଣୀମାନେ ମଧ୍ୟ ବିପଦରେ



ପଡୁଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ଏହା କେବଳ ପରିବେଶର ପ୍ରଶ୍ନ ନୁହେଁ, ଆସନ୍ତା ପିଢ଼ିର ଭବିଷ୍ୟତ ସହ ଜଡିତ ଏକ ଗୁରୁତର ବିଷୟ। ତଥାପି ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନେଇଯାଉନଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି। ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ବେଆଇନ ଖନନକୁ ତୁରନ୍ତ ବନ୍ଦ କରାଯାଇ ନଦୀକୁ ସୁରକ୍ଷା ଦିଆଯାଉ। ପୁଲିସ, ତହସିଲ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନେ ଏହା ଉପରେ କଡ଼ା ନଜର ରଖି ଆଇନ ଅନୁଯାୟୀ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହି ସମସ୍ୟା କୌଣସି ଗୋଟିଏ ଦଳ କିମ୍ବା ବ୍ୟକ୍ତିର ନୁହେଁ, ବରଂ ସମଗ୍ର ଅଞ୍ଚଳର ସମସ୍ୟା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ସମସ୍ତ ରାଜନୈତିକ ଦଳ, ସମାଜସେବୀ ସଂଗଠନ ଓ ସାଧାରଣ ଜନତା ଏକତ୍ର ହୋଇ ଖରସ୍ରୋତା ନଦୀ ସୁରକ୍ଷା ପାଇଁ ଆଗକୁ ଆସିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। 'ନଦୀ ବଞ୍ଚିଲେ ପରିବେଶ ବଞ୍ଚିବ, ଚାଷ ବଞ୍ଚିବ ଏବଂ ମଣିଷର ଜୀବନ ବଞ୍ଚିବ' ବୋଲି ସଚେତନ ମହଲ ମତ ଦେଇଛନ୍ତି। ସମୟ ଥିବା ବେଳେ ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ବେଆଇନ ମାଟି ଓ ବାଲି ଉତ୍ତୋଳନ ବନ୍ଦ କରି ଖରସ୍ରୋତା ନଦୀକୁ ସୁରକ୍ଷା ଦେବାକୁ ବିଞ୍ଝାରପୁରବାସୀ ଦାବି କରିଛନ୍ତି।

# ଶ୍ରୀବିରଜା ସେବା ସମିତିର ଶୋକସଭା

**ଯାଜପୁର, ୧୫।୫(ସମିସ):** ଶ୍ରୀବିରଜା ସେବା ସମିତିର ବରିଷ୍ଠ ସଭ୍ୟ ତଥା ସମିତିର ଆଇନ ପରାମର୍ଶଦାତା ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସେ ଯାଜପୁର କୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଭାବେ ସୁନାମ ଅର୍ଜନ କରିଥିଲେ। ତାହା ସହିତ ଶ୍ରୀବିରଜା ସେବା ସମିତିର ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତି ରହିବା ସହିତ ମନ୍ଦିରର ପଣ୍ଡିତ ସଭାର ସଭ୍ୟ ହିସାବରେ ମନ୍ଦିର ଉନ୍ନତିମୂଳକ କାର୍ଯ୍ୟ କରିବାରେ ସହାୟକ ହେଉଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀବିରଜା ସେବା ସମିତି ପକ୍ଷରୁ ବିରଜା ମନ୍ଦିର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଏହି ସ୍ମୃତିସଭାରେ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, କୋଷାଧ୍ୟକ୍ଷ ହରିହର ବେହେରା, ସଭ୍ୟ କହ୍ନାଇ ଚରଣ ମହାନ୍ତି, କୃଷ୍ଣଚନ୍ଦ୍ର ମିଶ୍ର, ମିହିର ରଞ୍ଜନ ନାୟକ, ବ୍ରହ୍ମାନନ୍ଦ ସ୍ୱାଇଁ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ଗଦାଧର ରାଉତ, ନୃସିଂହ ଚରଣ ଜେନା, ରାମଚନ୍ଦ୍ର ବେହୁରିଆ, ଭରତ ଚନ୍ଦ୍ର ସାହୁ, ବିରଜା ପ୍ରସାଦ ପାଣି, ଦେବୀ ପ୍ରସାଦ ପାଣି, ମଳୟ କୁମାର ପଣ୍ଡା, ସୁଧାରଞ୍ଜନ ପଣ୍ଡା ପ୍ରଭୃତି ସଭ୍ୟମାନେ ଯୋଗଦେଇଥିଲେ।

# ଶ୍ରମିକଙ୍କ ଜୀବନବୀମା ବାଧ୍ୟତାମୂଳକ କରିବା ଦାବି

**ବ୍ୟାସନଗର, ୧୫।୫(ସମିସ):** ନୀଳାଞ୍ଚଳ ଇସ୍ପାତ ନିଗମ ଲିମିଟେଡ୍‌ରେ କାର୍ଯ୍ୟରତ ଇଞ୍ଜିନିଅରଙ୍କ ମୃତ୍ୟୁ ପରେ ନୀଳାଞ୍ଚଳ ମିଳିତ ମଞ୍ଚ ଶ୍ରମିକ ସଙ୍ଘ ଉଦ୍ୟମକ୍ରମେ ଟାଟା ଷ୍ଟିଲ କ୍ଷତିପୂରଣ ସହ ଜୀବନବୀମା ପ୍ରଦାନ କରିଛି। କିନ୍ତୁ ଖଣି ଠାରୁ ଶିଳ୍ପରେ କାର୍ଯ୍ୟରତ ଶ୍ରମିକଗଣଙ୍କ ଭବିଷ୍ୟତ ପାଇଁ ଜୀବନବୀମା ଏକ ପ୍ରକାର ସ୍ୱପ୍ନ ହୋଇ ରହିଯାଇଛି। ଯାହାକୁ ନେଇ ସିଭିଲ ସୋସାଇଟି ଏବଂ ଏସ୍‌ସି ଏସ୍‌ଟି ଜଏଣ୍ଟ ଆକ୍ସନ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଜୀବନବୀମାକୁ ବାଧ୍ୟତା ମୂଳକ କରିବାକୁ ଦାବି କରାଯାଇଛି।



ସୂଚନାଯୋଗ୍ୟ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାଳ ମାଳ ଶିଳ୍ପ ସଂସ୍ଥା ଗଢିଉଠିଛି। ରାଜ୍ୟ ଠାରୁ ରାଜ୍ୟ ବାହାର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଶ୍ରମିକ ନିୟୋଜିତ ହୋଇ କାର୍ଯ୍ୟକରୁଥିବା ଦେଖିବାକୁ ମିଳୁଛି। ଶ୍ରମିକବର୍ଗଙ୍କ ଝାଳ ବୁହା ପରିଶ୍ରମରେ ଶିଳ୍ପ ସଂସ୍ଥା ଗୁଡିକ ପ୍ରତିବର୍ଷ ଲାଭାଂଶ ପାଇ ଆସୁଥିବା ବେଳେ ଶ୍ରମିକମାନଙ୍କ ଅଧିକାର ପ୍ରତି ଶିଳ୍ପ ସଂସ୍ଥା ଗୁଡିକ ଆଖିବୁଜି ଦେଉଥିବା ଅନୁମେୟ ହେଉଛି। ଶ୍ରମିକମାନଙ୍କ ପାଇଁ ସାମାନ୍ୟ ଜୀବନ ବୀମାଟିଏ କରିବାକୁ ଶିଳ୍ପ ସଂସ୍ଥା ଗୁଡିକ ଧ୍ୟାନ ଦେଉନଥିବା ଅଭିଯୋଗ ଆଣି ସିଭିଲ ସୋସାଇଟି ଯାଜପୁରର ସମ୍ପାଦକ ବିଶ୍ୱନାଥ ପାତ୍ର ଏବଂ ଏସ୍‌ଟି ଏସସି ଜଏଣ୍ଟ ଆକ୍ସନ କମିଟି ଯାଜପୁରର ଦୁଷ୍ମନ୍ତ ଜେନାଙ୍କ ମିଳିତ ଆହ୍ୱାନ କ୍ରମେ ଯାଜପୁରରୋଡ୍‌ର ଉତ୍ସବ ପ୍ୟାଲେସଠାରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବିଶ୍ୱନାଥ ପାତ୍ର, ଦୁଷ୍ମନ୍ତ ଜେନାଙ୍କ ସହ ଆମ୍ବେଦକର ଫାଉଣ୍ଡେସନର କାର୍ତ୍ତିକ ମଲ୍ଲିକ, ବାବନ ମଲ୍ଲିକ, ବିଜୟ ଉପାଧ୍ୟାୟ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତେକ ଶ୍ରମିକଙ୍କ ଭବିଷ୍ୟତ, ପରିବାରର ସୁରକ୍ଷା ପାଇଁ ଜୀବନବୀମାକୁ ବାଧ୍ୟତା ମୂଳକ କରିବାକୁ ଉକ୍ତ ସଂଗଠନ ଗୁଡିକ ପକ୍ଷରୁ ଦାବି ହୋଇଛି। ନୀଳାଞ୍ଚଳ ମିଳିତ ମଞ୍ଚ ଶ୍ରମିକ ସଙ୍ଘ ସଂଘର୍ଷରେ ଟାଟା ଷ୍ଟିଲ ଯେଉଁ ଭଳି ସହାୟତା ରାଶି ପ୍ରଦାନ କରୁଛି ସେହିଭଳି ସମସ୍ତ ଶ୍ରମିକଙ୍କ ପାଇଁ ଖଣି ଠାରୁ ଶିଳ୍ପ ପର୍ଯ୍ୟନ୍ତ ଉତ୍ତରଦାୟୀ ହେବାକୁ ଦାବି କରାଯାଇଛି।

# ଛିଣ୍ଡା ଖରସ୍ରୋତା ପୁନଃରୁଦ୍ଧାର କାର୍ଯ୍ୟରେ ଅନିୟମିତତା

**କୁଆଖିଆ, ୧୫।୫(ସମିସ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ାଠାରୁ ଖଣ୍ଡିତର ପର୍ଯ୍ୟନ୍ତ ୧୩ କିମି ବିଶିଷ୍ଟ ଛିଣ୍ଡା ଖରସ୍ରୋତା ନଦୀ ପୁନଃରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଦେଖାଦେଇଛି। ସୂଚନା ଅନୁଯାଇ ଏହି ନଦୀର ଦଳ ସଫେଇ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ଦଳ ସଫେଇ ନାଁରେ ବିଭାଗ ପକ୍ଷରୁ ୧.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ ହୋଇଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ନଦୀ କୂଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟ ଚଣ୍ଡିଖୋଲ ଡ୍ରେନେଜ ବିଭାଗ ତତ୍ତ୍ୱାବଧାନରେ କରାଯାଉଥିବା ବେଳେ ଠିକାଦାର ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମାନିରେ ହେଉଥିବା ଜଣାପଡ଼ିଛି। କୋରେଇ ନିର୍ବାଚନ ମଣ୍ଡଳୀର ଟିକରପଡ଼ା, ଗନ୍ଧଣ, ବଡ଼କଳ ଭୋଟକା,



ଧର୍ମଶାଳା ନିର୍ବାଚନ ମଣ୍ଡଳୀର ରାହାମ୍ବା ନଠୁଆବର, ରସୁଲପୁର, ଶ୍ରୀବନ୍ତପୁର ଆଦି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ଜନସାଧାରଣ ଏହି ନଦୀ ଦ୍ୱାରା ଉପକୃତ ହେବାର ଲକ୍ଷ୍ୟ ଥିଲେ ହେଁ ନିମ୍ନମାନର କାମକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି। କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମରେ ନଦୀର ଉପରମୁଣ୍ଡ ଟିକରପଡ଼ାଠାରେ ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ଗେଟ୍ ଦେଇ ନଦୀ ଜଳ ନିଷ୍କାସନ ହେଲେ ନଦୀକୂଳବାସୀଙ୍କ ଜଳ ସମସ୍ୟା ଦୂର ହେବା ସହ ଅନ୍ୟ ସୁବିଧା ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏସବୁ ସତ୍ତ୍ୱେ ଦଳପୂର୍ଣ୍ଣ ନଦୀ ଗର୍ଭକୁ ସଫେଇ ନକରି ଠିକାଦାର ପାରିକଇଁଚି ନିକଟରେ ସୁରକ୍ଷା କାନ୍ଥ ନିର୍ମାଣ କାର୍ଯ୍ୟ କରୁଛନ୍ତି। କିନ୍ତୁ ନଦୀ ଗର୍ଭକୁ ସଫେଇ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ୨.୯୦ କୋଟି ବ୍ୟୟବରାଦ କରାଯାଇଛି। ଉକ୍ତ ଅର୍ଥରେ ନଦୀଗର୍ଭରେ ୧୧ କିମି ଲମ୍ବ ଓ ୧୦ ମିଟର ଚଉଡ଼ା ଅଞ୍ଚଳରୁ ବିଲାତି ଦଳ ସଫେଇ କାର୍ଯ୍ୟ ବାବଦକୁ ବିଭାଗ ପକ୍ଷରୁ ଦେଢ଼ କୋଟି ଟଙ୍କା ବିଲ୍ ପ୍ରଦାନ କରାଯାଇ ସାରିଲାଣି। କିନ୍ତୁ ଉକ୍ତ ଅର୍ଥରେ ଠିକାଦାରଙ୍କ ପକ୍ଷରୁ ବିପଦପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା କାନ୍ଥ, ଗାଧୁଆଘାଟ, କଂକ୍ରିଟ ଚଟାଣ ଆଦି ନିର୍ମାଣ ହୋଇପାରିନି। ଠିକାଦାର ନଦୀର ଉଭୟ ପାର୍ଶ୍ୱରୁ ଜେସିବି ମେସିନ ସହାୟତାରେ ବିଲାତି ଦଳକୁ କେତେକ ଜାଗାରେ ବାହାର କରି ମାତ୍ର ନଦୀ ଗର୍ଭରେ ଥିବା ଜଳପୂର୍ଣ୍ଣ ସ୍ଥାନରୁ ଦଳକୁ ଛାଡି ଦେଇଥିବା ଦେଖାଯାଇଛି। ଡ୍ରେନେଜ ବିଭାଗ ପକ୍ଷରୁ ବ୍ୟୟ ବରାଦ ହୋଇଥିବା ଅର୍ଥର ଠିକ୍ ବିନିଯୋଗ କରା ନ ଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ ହେବ ବୋଲି ଆଲୋଚନା ହେଉଛି।

## ରାଇରଙ୍ଗପୁରର ବିଭିନ୍ନ ପମ୍ପରେ ତେଲ ପାଇଁ ଭିଡ଼

# ବାଇକ୍‌କୁ ୨୦୦ ଓ ଚାରିଚକିଆକୁ ୨୦୦୦ ଟଙ୍କାର ତେଲ



**କିଛି ପମ୍ପ ମାଲିକଙ୍କ ପେଟ୍ରୋଲ ଓ ଡିଜେଲ ଅଭାବ ପାଇଁ ଯୋଜନା**

ରାଇରଙ୍ଗପୁର,୧୫।୫(ସମିସ)

ପେଟ୍ରୋଲ ଓ ଡିଜେଲ ଦରଦାମ ବୃଦ୍ଧି ପରେ ମଧ ରାଇରଙ୍ଗପୁର ସହରରେ ବିଭିନ୍ନ ପମ୍ପ ମାନଙ୍କ ଲୋକଙ୍କ ଅନେକ ଭିଡ଼ ପରିଲକ୍ଷିତ ହୋଇଛି। ପେଟ୍ରୋଲ ଓ ଡିଜେଲ ସଙ୍କଟ ନେଇ କାର୍ ଓ ବାଇକ ଆଦିରେ ତେଲ ପକାଇବା ପାଇଁ ଜନସାଧାରଣ ପମ୍ପମାନଙ୍କରେ ଲମ୍ବା ଲାଇନ ଲଗାଇଛନ୍ତି। ତେବେ ବାଇକ୍‌କୁ ୨୨୦ ଓ ଚାରିଚକିଆ ଗାଡ଼ିକୁ ୨ ହଜାର ଟଙ୍କାର ତେଲ ଦିଆଯାଉଛି। ତେବେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ ମହୁଜୁଦ ଥିବା ନେଇ ସରକାର ସ୍ତରରେ ବୟାନବାଜି ଲାଗିଥିବାବେଳେ ଅଭାବୀ ବିକ୍ରି ନେଇ ଯୋଜନା ଆରମ୍ଭ ହୋଇଛି। ରାଇରଙ୍ଗପୁର ସହରରେ ପମ୍ପରେ ଏହିପରି ପରିସ୍ଥିତି ପରିଲକ୍ଷିତ ହୋଇଛି। ତେଲ ସଙ୍କଟ ନେଇ ଫାଇଦା ପାଇଁ ଯୋଜନା କରାଯାଇଛି।

ରାଇରଙ୍ଗପୁର ସହରରେ ୪ଟି ପମ୍ପ ରହିଛି। ସେଥିରେ ସକାଳୁ ରାତି ପର୍ଯ୍ୟନ୍ତ ତେଲ ଭରିବାକୁ ଲୋକଙ୍କ ଭିଡ଼ ଜମୁଛି। ତେଲ ପକାଇବାକୁ ପେଟ୍ରୋଲ ପମ୍ପରେ ଏତେ ଲମ୍ବା ଲାଇନ ଲାଗୁଛି ଯେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଦୁଇଚକିଆ ଠାରୁ ଚାରିଚକିଆ ଯାନ ପର୍ଯ୍ୟନ୍ତ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ତେଲ ଅଭାବ ଆଶଙ୍କାରେ ଅଧିକ ତେଲ ସଂଗ୍ରହ କରିବାରେ ବ୍ୟସ୍ତ ଗ୍ରାହକ ରହିଛନ୍ତି। ଅନ୍ୟପଟେ ସରକାରୀ ସ୍ତରରେ 'ରାଜ୍ୟରେ ତେଲ ସଂକଟ ନାହିଁ ବୋଲି କହିଛନ୍ତି। କିନ୍ତୁ ରାଇରଙ୍ଗପୁର ସହରର ଯଶୋଦା ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଅଭାବୀ ବିକ୍ରି ହେଉଥିବାର ଅଭିଯୋଗ ହୋଇଛି। ଅନ୍ୟ ପମ୍ପ ମାନଙ୍କ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ ଦେଉଥିବା ବେଳେ ଯଶୋଦା ପେଟ୍ରୋଲ ପମ୍ପରେ ବାଇକକୁ ୨୦୦ଟଙ୍କା ଓ ୪ଚକିଆ ଓ ତଦୁର୍ଦ୍ଧ ଯାନକୁ ୧୦୦୦/୨୦୦୦ ଟଙ୍କାର ତେଲ ଦେଉଥିବାର ଗ୍ରାହକ ମାନେ ଅଭିଯୋଗ କରିଛନ୍ତି। ଏ ବାବଦରେ ପମ୍ପ କର୍ମଚାରୀଙ୍କୁ ପଚାରିବାରୁ ପମ୍ପ ମାଲିକଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ମୁଲ୍ୟର ପେଟ୍ରୋଲ ଓ ଡିଜେଲ ଦେଉଥିବାର କହିଛନ୍ତି। ତେବେ ଲୋକଙ୍କୁ ଅନାବଶ୍ୟକ ଭିଡ ନକରିବାକୁ ଓ ଗୁଜବରେ ବିଶ୍?ାସ ନକରିବାକୁ ଅନୁରୋଧ ସତ୍ତ୍ୱେ ଭିଡ ଲାଗିଛି। ଯାହାକୁ ନେଇ ପେଟ୍ରୋଲ ପମ୍ପ ମାଲିକ ଫାଇଦା ନେବାରେ ଲାଗିଛନ୍ତି। ତେବେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବ ଏବେ ସାରା ବିଶ୍ୱ ଅନୁଭବ କରୁଛି। ଏହି ଗୁରୁତର ପରିସ୍ଥିତି ମଧ୍ୟରେ ଦେଶବାସୀଙ୍କୁ ସଚେତନ ହେବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିବା ପରେ ଅଭାବ ବେଶୀ ପରିଲକ୍ଷିତ ହୋଇଛି। ତେବେ ଜାଣିଶୁଣି ତୈଳ ପମ୍ପ ତେଲ ଯୋଗାଣରେ ଅଙ୍କୁଶ ଆଣିଥିବା ଚର୍ଚ୍ଚା ହେଉଛି। ଏହାର ଫାଇଦା ନେଇ ତେଲ ସୀମିତ ଥିବାର ମନୁଷ୍ୟକୃତ ଏକ ଉପଲବ୍ଧ ସୃଷ୍ଟି କରାଯାଉଛି। ଏହାକୁ ନେଇ ପମ୍ପ ମାଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେଉତ୍ତର ଦେଇନଥିଲେ। ଏନେଇ ଉପ ଜିଲ୍ଲାପାଳ ଉଗ୍ରସେନ ଓରାମଙ୍କୁ ପଚରାବାରୁ ପେଟ୍ରୋଲ ଓ ଡିଜେଲ ଅଭାବ ହୋଇନି। କିନ୍ତୁ ଆମକୁ ସଚେତନ ହୋଇ ବ୍ୟବହାର କରିବାକୁ କହିଛନ୍ତି। ତେବେ ଅଭିଯୋଗ ନେଇ ସେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ଓଭରବ୍ରିଜ୍ ଉପରୁ ଯୁବକଙ୍କ ମୃତଦେହ ଜବତ

ବେତନଟୀ,୧୫।୫(ସମିସ): ୧୮ ନଂ ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ଉପରୁ ଜଣେ ଅପରିଚିତ ଯୁବକଙ୍କ ମୃତଦେହ ଗୁରୁବାର ରାତିରେ ଜବତ କରିଛି ବେତନଟୀ ପୁଲିସ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଯୁବକ ଜଣକ ଓଭରବ୍ରିଜ ଡିଭାଇଡର ଉପରେ ବସିଥିବା ସମୟରେ ହଠାତ୍ ଟଳିପଡ଼ିଥିଲେ। ଦୀର୍ଘ ସମୟ ଧରି ସେ ସେଠାରେ ପଡ଼ିରହିଥିବା ଦେଖି ସ୍ଥାନୀୟ ଲୋକ ବେତନଟୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତାଙ୍କୁ ଚିହ୍ନଟ କରିବା ପାଇଁ ଆଖପାଖ ଗ୍ରାମରେ ପୁଲିସ ପଚରାଉଚରା ଜାରି ରଖିଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଷ୍ଟମର୍ଟମ୍ ରିପୋର୍ଟ ଅପେକ୍ଷା କରାଯାଉଛି।

## ବ୍ୟାଙ୍କ ତଥ୍ୟ ମାଗି ଠକି ନେଇଗଲେ ୭.୧୯ ଲକ୍ଷ

ବାରିପଦା,୧୫।୫(ସମିସ): ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ନେଇ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଏ ନେଇ ବାରିପଦାର ବଳରାମପୁର ଅଞ୍ଚଳର ଯତୀନ୍ଦ୍ର ମୋହନ ମିଶ୍ର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ସାଇବର ଅପରାଧୀ ଫୋନ କରି ନିଜକୁ ବ୍ୟାଙ୍କ କର୍ମଚାରୀ ଭାବେ ପରିଚୟ ଦେଇଥିଲେ। ତାଙ୍କର ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ମାଗିଥିଲେ। ସେ ମଧ ତାଙ୍କ କଥାରେ ବିଶ୍ୱାସ କରି ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ ମେସେଜ ଆସିଥିଲା। ବ୍ୟାଙ୍କରୁ ୭,୧୯,୦୦୦ଟଙ୍କା ଉଠାଣ କରି ନିଆଯାଇଥିଲା। ଏ ନେଇ ସେ ପରେ ଜାଣିବା ପରେ ଠକେଇ ବାବଦରେ ଥାନାରେ ଅଭିଯୋଗ କରିଛନ୍ତି।

## ଜେଏମ୍ଏମ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଉଦଳା,୧୫।୫(ସମିସ): କପ୍ତିପଦା ଉପଖଣ୍ଡର ସମସ୍ୟାରେ ବୁଡ଼ି ରହିଥିବା ନେଇ ଜେଏମ୍ଏମ୍ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ଓ ରାଜା ହେମ୍ବ୍ରମଙ୍କ ସହିତ ଜେଏମଏମର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ମରାମତି, ଉଦଳା ଏନଏସି ଡ୍ରେନେଜ, ପାଣି, ଆବର୍ଜନା ସମସ୍ୟାର ସମାଧାନ, ଉପଖଣ୍ଡ ଡାକ୍ତରଖାନାର ଅବ୍ୟବସ୍ଥା ଓ ଦାବି ସମୂହକୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଥିଲେ ଜିଲ୍ଲା ସଭାପତି ଶ୍ରୀ ଦାସ। ଉଦଳାରେ ରାଜନୈତିକ ଆନ୍ତରିକତା ଅଭାବ କାରଣରୁ ଏଭଳି ସ୍ଥିତି ହୋଇଛି। ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଜେଏମଏମ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ସମାଜସେବୀ ଇନ୍ଦ୍ରମଣି ମହାପାତ୍ରଙ୍କ ପରଲୋକ



ବେତନଟୀ,୧୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଅଞ୍ଚଳର ଜଣେ ବରିଷ୍ଠ ସମାଜସେବୀ ଇନ୍ଦ୍ରମଣି ମହାପାତ୍ରଙ୍କ ପରଲୋକରେ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ଏହି ଅଞ୍ଚଳରେ ଅନେକ ଅନୁଷ୍ଠାନ ଗଢିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କିଛି ଦିନ ହେବ ଅସୁସ୍ଥ ଥିଲେ ଓ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ୭୭ ବର୍ଷ ବୟସରେ ଗୁରୁବାର ରାତି ୧୧ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ଶତାଧିକ ଜନସାଧାରଣ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁଅ , ପୁତୁରା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଜନତା ଦଳ ପ୍ରତିଷ୍ଠା ସମୟରେ ଇନ୍ଦ୍ରମଣି ବିଜୁ ପଟ୍ଟନାୟକଙ୍କ ନିକଟତର ଥିଲେ ଓ ସମଗ୍ର ବେତନଟୀ ବ୍ଲକ ଅଞ୍ଚଳରେ ଜନତା ଦଳର ସାଂଗଠନିକ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସେହି ସମୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ବୈଶିଙ୍ଗାଠାରେ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଓ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ। ଯୋଗାଯୋଗ କ୍ଷେତ୍ରରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକଙ୍କ ସହାୟତା ପାଇଁ ବିଜୁବାବୁଙ୍କ ନିର୍ଦ୍ଦେଶକ୍ରମେ ବୈଶିଙ୍ଗା ।୦।ରେ ବିଏସ୍ଏନ୍ଏଲ୍ ପକ୍ଷରୁ ଏକ ଟେଲିଫୋନ ଏକ୍ସଚେଞ୍ଜ ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ସମୟରେ ସରକାରୀ ଯୋଜନାରେ ଆର୍ଥିକ ତୋଷରପାତ ଘଟଣାକୁ ନେଇ ବେତନଟୀ ବ୍ଲକ ପରିସରରେ ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ ନେଇ ବୈଶିଙ୍ଗା ଥାନା ପରିସରରେ ଆମରଣ ଅନଶନରେ ବସିବା ସହିତ ଲୋକଙ୍କ ସମସ୍ୟା ସମାଧାନରେ ସହାୟକ ହୋଇପାରୁଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଯୁବକ ଗିରଫ



ତୁରୁମୁଙ୍ଗା, ୧୫।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମାଛଗଡ଼ ଗ୍ରାମର ୨୦ ବର୍ଷର ଯୁବକଙ୍କୁ ଶୁକ୍ରବାର ପାଟଣା ପୁଲିସ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଇଛନ୍ତି ଗ୍ରାମର ସରୋଜ କୁମାର ମହାନ୍ତ(୨୦)। ପାଟଣା ଥାନାଞ୍ଚଳରେ ଗତ ଫେବୃୟାରୀ ୧୮ରେ ଜଣେ ୧୭ ବର୍ଷର ନାବାଳିକାଙ୍କୁ ସରୋଜ ଅପହରଣ କରି ନେଇ ସିଲିପଦାରେ ରଖି ଦୁଷ୍କର୍ମ କରିଥିବା ପରିବାର ପକ୍ଷରୁ ପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପାଟଣା ଥାନାରେ ୧୯୯/୨୬ରେ ଏକ ମାମଲା ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପାଟଣା ଥାନାଧିକାରୀ କିରଣପ୍ରସାଦ ସାହୁ କହିଛନ୍ତି।

## ଏଡିଆରଏମ୍ ସଞ୍ଜୀବ ସିହ୍ନାଙ୍କ ବେତନଟୀ ଗସ୍ତ

# ନିର୍ମାଣାଧୀନ ପ୍ରକଳ୍ପର କଲେ ସମୀକ୍ଷା



ବେତନଟୀ, ୧୫।୫(ସମିସ): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ଏଡିଆରଏମ୍ ସଞ୍ଜୀବ କୁମାର ସିହ୍ନା ଗୁରୁବାର ସ୍ୱତନ୍ତ୍ର ଟ୍ରେନ ଯୋଗେ ବାରିପଦା ଗସ୍ତରେ ଆସି ବେତନଟୀ ଷ୍ଟେସନରେ ନିର୍ମାଣାଧୀନ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଛନ୍ତି। ଅମୃତ ଭାରତ ଯୋଜନା ଅନ୍ତର୍ଗତ ବେତନଟୀ ଷ୍ଟେସନର ବ୍ୟାପକ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଏଡିଆରଏମ୍ ସିହ୍ନା ଏଠାରେ ଦୀର୍ଘ ସମୟ ଧରି ତଦାରଖ କରିଥିଲେ। ସେ ପ୍ରଥମେ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିବା ସହ ସଂଯୋଗକାରୀ ଉଭୟ ପ୍ଲାଟଫର୍ମ ରାସ୍ତାର ସ୍ଥିତି ଯାଞ୍ଚ କରିଥିଲେ। ପରେ ସୁଉଚ୍ଚ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଯେଉଁଥିରେ ରଙ୍ଗ ଓ ସାଜସଜ୍ଜା କାମ ଜାରି ରହିଛି। ଏଡିଆରଏମ୍ ଷ୍ଟେସନ ମାଷ୍ଟରଙ୍କ ସହ ଆଲୋଚନା କରିବା ସହ ନିର୍ମାଣ ଦାୟିତ୍ୱରେ ଥିବା ଇଞ୍ଜିନିୟରଙ୍କ ସହ ମଧ ବିସ୍ତୃତ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଏଡିଆରଏମ୍ ୧ ନମ୍ବର ପ୍ଲାଟଫର୍ମରେ ଥିବା "ଏକ ଷ୍ଟେସନ୍ ଏକ ଉତ୍ପାଦ' ଷ୍ଟଲ୍ ପରିଦର୍ଶନ କରିଥିଲେ। ନିର୍ମାଣ, ସିଗନାଲ, ଇଲେକ୍ଟ୍ରିକାଲ୍ ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଆରପିଏଫ୍ ଅଧିକାରୀ ରମାକାନ୍ତ ଓଝା ସମେତ ଅନ୍ୟାନ୍ୟ ଅଧିକାରୀ ମଧ ସେଠାରେ ଉପସ୍ଥିତ ଥିଲେ। ଏଡିଆରଏମ୍ ସଞ୍ଜୀବ କୁମାର ସିହ୍ନାଙ୍କ ଏହି ଗସ୍ତ ବେତନଟୀ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। କୋଟି କୋଟି ଟଙ୍କାର ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଯାତ୍ରୀଙ୍କ ସୁବିଧା ବହୁଗୁଣ ବୃଦ୍ଧି ପାଇବ। ଷ୍ଟେସନ୍‌ଟି ଆକର୍ଷଣୀୟ ଓ ଆଧୁନିକ ରୂପ ଧାରଣ କରିବ। ଶେଷରେ ଏଡିଆରଏମ୍ ସ୍ୱତନ୍ତ୍ର ଟ୍ରେନ ଯୋଗେ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ।

## ରାସ୍ତାରୁ ପାଇଥିବା ବ୍ୟାଗ୍ ଓ ଟଙ୍କା ଫେରାଇ ହୋମଗାର୍ଡ ପ୍ରଶଂସିତ



ତେଲକୋଇ, ୧୫।୫(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାର ହୋମଗାର୍ଡ ବିର୍ଷି ମୁଣ୍ଡାଙ୍କ ଦେଖାଇଛନ୍ତି ମାନବିକତା। ତେଲକୋଇ ଅଞ୍ଚଳରେ ତାଙ୍କ ମହାନତା ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ, କାର୍ଯ୍ୟରତ ହୋମଗାର୍ଡ ବିର୍ଷି ଆଜି ସକାଳ ସମୟରେ ତେଲକୋଇ ଥାନାକୁ କାର୍ଯ୍ୟସ୍ଥଳୀକୁ ଆସିବା ବେଳେ ତେଲକୋଇ କଲେଜ ଛକ ନିକଟରେ ଏକ ଭେନିଟ ବ୍ୟାଗ୍ ପାଇଥିଲେ। ଉକ୍ତ ବ୍ୟାଗରେ ଦୁଇ ହଜାର ଟଙ୍କା ସହ ଆଧାର କାର୍ଡ, ଭୋଟର କାର୍ଡ ସହ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ବ୍ୟାଗ୍‌ଟି ଖୁଣ୍ଟାପଡ଼ା ପଞ୍ଚାୟତ କୁଲାଡେରା ଗ୍ରାମର ଜଣେ ଗରିବ ଆଦିବାସୀ ମହିଳା କୁମୁଦିନୀ ନାଏକଙ୍କର ବୋଲି ଜଣାପଡିଥିଲା। କୁମୁଦିନୀ ତାଙ୍କ ସ୍ୱାମୀ କବି ନାଏକ ସହ ଆଜି ସାପ୍ତାହିକ ହାଟକୁ ଆସୁଥିବା ବେଳେ ଅସାବଧାନତା ଯୋଗୁଁ ବ୍ୟାଗ୍‌ଟି ପଡ଼ିଯାଇଥିଲା। ବିର୍ଷି ତାଙ୍କ ପରିଚୟ ପାଇ ଯୋଗାଯୋଗ କରି କୁମୁଦିନୀଙ୍କୁ ତାଙ୍କ ଅର୍ଥ ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ। କୁମୁଦିନୀ ହଜି ଯାଇଥିବା ଜିନିଷକୁ ପାଇ ବହୁତ ଖୁସି ବ୍ୟକ୍ତ କରିଥିଲେ। ତେଲକୋଇ ଥାନାଧିକାରୀ ଅଞ୍ଜନ କୁମାର ପାତ୍ର ଓ ସମସ୍ତ କର୍ମଚାରୀ ତଥା ତେଲକୋଇ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ବିର୍ଷିଙ୍କୁ ପ୍ରଶଂସା କରାଯାଇଛି।

## ପମ୍ପରେ ଲମ୍ବା ଲାଇନ୍, ଲୋକଙ୍କ ଅସନ୍ତୋଷ



କରଞ୍ଜିଆ, ୧୫।୫(ସମିସ): ରାଜ୍ୟରେ ଚାଲିଥିବା ତେଲ ସଙ୍କଟକୁ ନେଇ ସାଧାରଣ ଲୋକଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ୁଛି। ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ଲୋକ ଏବେ ସରକାରୀ ବ୍ୟବସ୍ଥାକୁ ଲାଇନ୍ ଲଗା ସରକାର ବୋଲି କଟାକ୍ଷ କରୁଛନ୍ତି। ସାଧାରଣ ଜନତାଙ୍କ କହିବା ଅନୁସାରେ, ଗତ କିଛିବର୍ଷ ଧରି ପ୍ରାୟ ପ୍ରତ୍ୟେକ ସେବା ଓ ସୁବିଧା ପାଇଁ ସେମାନେ ଧାଡ଼ିରେ ଠିଆ ହେବାକୁ ବାଧ ହୋଇଛନ୍ତି । ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବନ୍ଦ ପରେ ବିମୁଦ୍ରୀକରଣ ସମୟରେ ଏଟିଏମ୍ ଓ ବ୍ୟାଙ୍କ ସାମ୍ନାରେ ଲୋକମାନେ ଦିନରାତି ଲାଇନ୍‌ରେ ଠିଆ ହୋଇଥିବା ଘଟଣା ଏବେ ମଧ ସେମାନଙ୍କ ମନରେ ତାଜା ରହିଛି। ଏହାପରେ ଗ୍ୟାସ୍ ସିଲିଣ୍ଡର, ବିଭିନ୍ନ ସରକାରୀ ଯୋଜନା, ଯାନବାହନର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ଓ ଫିଟନେସ୍ ସାର୍ଟିଫିକେଟ୍ ପାଇଁ ମଧ ଲୋକମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା କରିଥିବା କଥା ସ୍ମରଣ କରୁଛନ୍ତି। ଏବେ ପୁଣି ପେଟ୍ରୋଲ ସଙ୍କଟ ଯୋଗୁଁ ପେଟ୍ରୋଲ ପମ୍ପ ସାମ୍ନାରେ ଲମ୍ବା ଲାଇନ୍ ଲାଗିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢ଼ିଛି। ସହରର ବିଭିନ୍ନ ପମ୍ପରେ ସକାଳୁଠାରୁ ଯାନବାହନର ଲମ୍ବା ଧାଡ଼ି ଦେଖିବାକୁ ମିଳୁଥିବାବେଳେ ଅନେକ ଲୋକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ ତେଲ ନ ମିଳି ଫେରିଯାଉଥିବା ଅଭିଯୋଗ କରିଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ସତ୍ୟସାଇ ବିଦ୍ୟାବିହାରର ସଫଳତା



ବାରିପଦା, ୧୫।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶ୍ରୀସତ୍ୟ ସାଇ ବିଦ୍ୟାବିହାର ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ୭୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦.୫ ପ୍ରତିଶତ ନମ୍ବର ରଖି ଭୂମିକା ମଣ୍ଡଳ ପ୍ରଥମ ହୋଇଥିବାବେଳେ ଶିବାଂଶ ମହାନ୍ତି ୮୪.୬ ପ୍ରତିଶତ, ସଞ୍ଜିଦା ପରବିନ ୮୪.୫ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ୬୩ ଜଣ ପ୍ରଥମ ଶ୍ରେଣୀରେ ଓ ୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ପରିଚାଳନା ସମିତି ସଭାପତି ସନ୍ଦୀପ ଆଚାର୍ଯ୍ୟ, ପରିଚାଳକ ଦେବାଶିଷ ମହାପାତ୍ର ଓ ବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା ଶଙ୍କର ମହାନ୍ତି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ଲୋକ ଭବନରେ ସମ୍ବର୍ଦ୍ଧନା



ରାଇରଙ୍ଗପୁର,୧୫।୫(ସମିସ): ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଅସାଧାରଣ ଅବଦାନ ପାଇଁ ରାଇରଙ୍ଗପୁରର ଚରଣ ହେମ୍ବ୍ରମ ପଦ୍ମଶ୍ରୀ ପାଇଁ ଚୟନ ହୋଇଛନ୍ତି। ତେବେ ଏହାକୁ ନେଇ ଭୁବନେଶ୍ୱର ସ୍ଥିତ ଲୋକ ଭବନରେ ରାଜ୍ୟପାଳ ହରିବାବୁ କୁମ୍ଭମପଟି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ଲୋକ ଭବନରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତିକାରୀ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବିଜୟୀ ଓ ସିଭିଲ୍ ସର୍ଭିସ୍ ଉତ୍ତୀର୍ଣ୍ଣଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ସମର୍ପଣ, ଅଧ୍ୟବସାୟ, ସୃଜନଶୀଳତା ଏବଂ ସମାଜ ସେବାର ଉଜ୍ଜ୍ୱଳ ନିଦର୍ଶନ ଭାବେ ଶ୍ରୀ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଜୀବନ ବ୍ୟାପି ଅବଦାନ ପାଇଁ ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବାକୁ ଯାଉଛି। ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ପୁରୁଣାଘାଟି ସ୍ଥିତ ନୂଆ ଗାଁ ଗ୍ରାମରେ ୯/୦୨/୧୯୫୨ ମସିହାରେ ସାନ୍ତାଳୀ ସମ୍ପ୍ରଦାୟରେ ସେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା ପ୍ରତି ପିଲା ବେଳୁ ତାଙ୍କର ଅନେକ ଇଚ୍ଛା ଶକ୍ତି ରହିଥିଲା। ୧୯୭୧ ମସିହାରେ ମେଟ୍ରିକ ପାସ କରିବା ପରେ ଶିକ୍ଷକତା ନେଇ ତାଲିମ ଗ୍ରହଣ କରିଥିଲେ। ଏହାପରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ନିମନ୍ତେ ତାଙ୍କର କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲେ। ବିଭିନ୍ନ ସ୍ଥାନରେ ତାଲିମ ଗ୍ରହଣ କରିବା ପରେ ଆସେକା ସାଂସ୍କୃତିକ ସହ ଜଡ଼ିତ ହୋଇଥିଲେ। ଆଦିବାସି ଭାଷା, ସଂସ୍କୃତି ଆଦି ବିକାଶ ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିଲେ। ବିଭିନ୍ନ ବିଦ୍ୟାଳୟ, ସଙ୍ଗଠନ ଆଦି ସ୍ଥାନରେ ଅଲଚିକି ଲିପି ବିକାଶ ନିମନ୍ତେ ଶିକ୍ଷା ଦାନ କରୁଥିଲେ। ଏହାକୁ ସୁଦୂର ପ୍ରସାରି କରିବା ପାଇଁ ନିୟମିତ ଲେଖନୀ ଯାତ୍ରା ଜାରି ରଖିଛନ୍ତି। ଅଲଚିକି ଲିପିର ବିକାଶ ନିମନ୍ତେ ଅନେକ ପୁସ୍ତକ, ବହି ଓ ଜର୍ଣ୍ଣାଲ ଆଦି ଲେଖି ଥିବା ବେଳେ ତାହା ପ୍ରକାଶିତ ହୋଇ ବେଶ ପ୍ରଶଂସା ସାଉଁଟିଛି। ଏହାସହିତ ସଙ୍ଗୀତ ପ୍ରତି ମଧ ତାଙ୍କର ରୁଚି ରହିଛି। ଏକଧାରାରେ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ ଆଦିବାସି ଡ୍ରାମା ନିର୍ଦ୍ଦେଶକ, ଶ୍ରେଷ୍ଠ ଆଦିବାସି ନୃତ୍ୟ ନିର୍ଦ୍ଦେଶକ ଆଦି ଅନେକ ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଅସାଧାରଣ ଅବଦାନକୁ ନେଇ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବାକୁ ଯାଉଛନ୍ତି। ଯାହାକି ତାଙ୍କ ସଂଘର୍ଷ, କଷ୍ଟ ଏବଂ ଦୁଃଖଦ ପରିସ୍ଥିତି ସତ୍ତ୍ୱେ ଉଲ୍ଲେଖନୀୟ ଯାତ୍ରାକୁ ଲୋକ ଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି। ପଦ୍ମଶ୍ରୀ ପାଇଁ ତାଙ୍କ ନାମ ରାଷ୍ଟ୍ରପତି ଭବନରୁ ଘୋଷଣା ହୋଇଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସରେ ପଦ୍ମଶ୍ରୀ ପ୍ରଦାନ କରିବାର ସମ୍ଭାବନା ରହିଛି।

## ପାରିବାରିକ କଳହକୁ ନେଇ ଆତ୍ମହତ୍ୟା ଉଦ୍ୟମ

## ବୃଦ୍ଧାଙ୍କୁ ଉଦ୍ଧାର କଲେ ସୁରକ୍ଷା କର୍ମୀ



ତୁରୁମୁଙ୍ଗା, ୧୫।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟ ବାଲିଯୋଡ଼ିସ୍ଥିତ ବୈତରଣୀ ନଦୀର ସାନକୁଣ୍ଡରେ ଶୁକ୍ରବାର ଜଣେ ବୃଦ୍ଧା ସ୍ୱାମୀଙ୍କ ସହ କଳହ ପରେ ଭୀମ କୁଣ୍ଡର ସାନ କୁଣ୍ଡକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଆତ୍ମହତ୍ୟା ଉଦ୍ୟମ କରିଥିବା ବୃଦ୍ଧା ଜଣକ ଘାଟବାଲିଯୋଡି ଗ୍ରାମର ଗଙ୍ଗାଧର ମହାନ୍ତଙ୍କ ସ୍ତ୍ରୀ ସାବିତ୍ରୀ ମହାନ୍ତ (୬୦) ବୋଲି ଜଣାପଡିଛି। ଅପର ପାର୍ଶ୍ୱ ଭୀମ କୁଣ୍ଡର କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ରଣଜିତ୍ ନାଏକ ଅଣ୍ଟାରେ ଦଉଡି ବାନ୍ଧି ନଦୀର କୁଣ୍ଡକୁ ଡେଇଁ ସାହସର ସହ ସାବିତ୍ରୀଙ୍କୁ ଉଦ୍ଧାର କରିଥିଲେ। ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସାବିତ୍ରୀ ପାଣି ଭିତରେ ରହିବା ସହ ଛାତିରେ ବ୍ୟଥା ଥିବାରୁ ଉଚ୍ଚ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଏବେ ବି ୭ରୁ ଅଧିକ ଘାଟରୁ ଚୋରା ବାଲି ଉଠୁଛି





**● ମିଳିତ ଟିମ୍ ପକ୍ଷରୁ ୬ଟି ସ୍ଥାନରୁ ବାଲି ଗଦା ନିଲାମ**

**● ବିଭିନ୍ନ ବେଆଇନ ଘାଟ ସିଲ୍ କରିବା ପାଇଁ ଦାବି**

ଆନନ୍ଦପୁର, ୧୫।୫(ସମିସ)

ପୁଲିସ, ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଧରପଗଡ଼ ଚାଲିଥିଲେ ବି ହାଟଡିହି ତହସିଲ ଇଲାକାରେ ଏବେ ବି ୭ରୁ ଅଧିକ ଘାଟରୁ ଚୋରା ବାଲି ଚାଲାଣ ଚାଲିଛି। ହାଟଡିହି ତହସିଲ ଅନ୍ତର୍ଗତ ଡ଼ିମିରିଆ ଅମୃତପୁର ହାବଳେଶ୍ୱର ଗୋବିନ୍ଦପୁରା ଜମ୍ବରା ସମେତ ଅନେକ ଘାଟରେ ସଞ୍ଜ ନଇଁଲେ ଗର୍ଜୁଛି ମେସିନ ବଡ ବଡ ହାଇୱା। ରାତି ସାରା ବାଲି ଚାଲାଣ ହୋଇଥାଏ। ଅନ୍ୟପକ୍ଷରେ, ଶୁକ୍ରବାର ପୁଣି ପୁଲିସ, ଖଣି ଓ ରାଜସ୍ୱ ବିଭାଗ ଅଧିକାରୀମାନେ ମିଳିତ ଭାବେ ବେଆଇନ ବାଲି ଡିପୋ ଠାବ କରି ନିଲାମ କରିଥିବା ଜଣାପଡ଼ିଛି। ଏନେଇ ସରକାର ରାଜକୋଷକୁ ୧୫ ଲକ୍ଷରୁ ଅଧିକ ଟଙ୍କା ପଇଠ ହୋଇଥିବା ସୂଚନା ମିଳିଛି। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖଣି ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଧକୋଠା ବୀରଗୋବିନ୍ଦପୁର ଯୁଗଳକିଶୋରପୁର ମାର୍ଶାପାଳ ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲି ଗଦାକୁ ଠାବ କରିଥିଲେ। ଆଜି ୬ଟି ସ୍ଥାନ ଧକୋଠା, ବୀରଗୋବିନ୍ଦପୁର, ଯୁଗଳକିଶୋରପୁର, ଖଡ଼ିପାଳ, କେଶଦୁରାପାଳ, ରେକୁଟିଆରେ ଗଚ୍ଛିତ ଥିବା ବାଲି ଗଦା ନିଲାମ ହୋଇଛି। ତେବେ, ଲଘୁ ଖଣିଜ ସମ୍ପଦ ଲୁଟ୍ ରୋକିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ହୋଇଥିଲେ ବି ଚୋରି ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍କ୍ୱାଡ ଗଠନ ଦ୍ୱାରା ସେପରି କୌଣସି ପ୍ରଭାବ ହାଟଡିହି ଅଞ୍ଚଳରେ ପଡୁ ନଥିବାରୁ ବାଲି ଚୋରା କାରବାର ଦିନକୁ ଦିନ ବଢ଼ୁଥିବା ନେଇ ଅଭିଯୋଗମାନ ହେଉଛି।

# ଲକ୍ଷ୍ୟଠାରୁ ଦୂରରେ ଇଭି ଅଭିଯାନ

## ସରକାରୀ କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ବି ବନ୍ଦ

## ଚାର୍ଜିଂ ଷ୍ଟେସନ୍ ଅଭାବ ପାଇଁ ଗ୍ରାହକ ପଛଘୁଞ୍ଚା

ଭୁବନେଶ୍ୱର, ୧୫।୫ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତୈଳ ଦରରେ ବୃଦ୍ଧି, ଗତ ୨ ଦିନ ହେଲା ରାଜ୍ୟର ପେଟ୍ରୋଲ ପମ୍ପ ଆଗରେ ଦିନରାତି ଲମ୍ବା ଲାଇନ୍ ଏବଂ ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟ ସରକାରଙ୍କ 'ଇଭି' ଅଭିଯାନ। ପେଟ୍ରୋଲ-ଡିଜେଲ୍ ପାଇଁ ଏବେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଇଭି ଗାଡ଼ି ଏହାର ବିକଳ୍ପ ବୋଲି କୁହାଯାଉଛି। କିନ୍ତୁ, ଗୋଟେପଟେ ୨୦୩୦ ସୁଦ୍ଧା ଇଭି ପଞ୍ଜୀକରଣ ୫୦%ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଚାର୍ଜିଂ ଷ୍ଟେସନ୍‌ର ଘୋର୍ ଅଭାବ ଇଭି ପ୍ରତି ଲୋକଙ୍କୁ ବିମୁଖ କରୁଛି। ବାକି ଛୋଟବଡ଼ ସହର କଥା ଛାଡ଼, ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମାତ୍ର ୧୨ଟି ଚାର୍ଜିଂ ଷ୍ଟେସନ୍ ରହିଛି। ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ, ଗ୍ରାହକ ଇଭି ଗାଡ଼ି କିଣିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ସେହିପରି, ଇଭି ଗାଡ଼ି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରିବା ସାଙ୍ଗକୁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଛନ୍ତି। କିନ୍ତୁ, ଏହା ସତ୍ତ୍ୱେ ରାଜ୍ୟରେ ଇଭି ଅଭିଯାନ ବାଟବଣା ହୋଇଥିବା କୁହାଯାଉଛି। ଇଭି ଗାଡ଼ି ଓ ଏ ସମ୍ପର୍କିତ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ପୂର୍ବ ସରକାର ବଳିଷ୍ଠ ଇଭି ନୀତି ପ୍ରଣୟନ କରିଥିଲେ। ନୂଆ ସରକାର ଗତବର୍ଷ ସେଥିରେ ସଂସ୍କାର ଆଣିଥିଲେ ହେଁ ମଧ୍ୟ ଇଭି ଅଭିଯାନ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଥିବା କୁହାଯାଉଛି।

ଗୋଟିଏପଟେ, ପୂର୍ବାପେକ୍ଷା ଇଭି କ୍ରୟ ବୃଦ୍ଧି ପାଇଛି। କିନ୍ତୁ ପଞ୍ଜୀକରଣ ହାର ଉତ୍ସାହିତ କରିପାରୁନାହିଁ। ଭିତ୍ତିଭୂମି ନିର୍ମାଣରେ ଗୋଟିଏ ବିଭାଗ ଅନ୍ୟ ବିଭାଗକୁ ସହଯୋଗ କରୁନଥିବା ଜଣାଯାଇଛି। ଭୁବନେଶ୍ୱରରେ ପରିବହନ ବିଭାଗ ପକ୍ଷରୁ ନିର୍ମିତ ଚାର୍ଜିଂ ଷ୍ଟେସନକୁ ଶକ୍ତି ବିଭାଗ ବିଦ୍ୟୁତ୍ ସଂଯୋଗ ଦେବାରେ ଅବହେଳା କରୁଥିବା ନେଇ ପରିବହନ ବିଭାଗର ସଚିବଙ୍କୁ ପତ୍ର ଲେଖି ଅନୁରୋଧ କରିବାକୁ ପଡୁଛି। ଏପଟେ ଇଭି କିଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁଧବିହୀନ ଋଣ ଚଳିତ ମାସରୁ ବନ୍ଦ ହୋଇଯାଇଥିବାରୁ ଗ୍ରାହକମାନେ ମଧ୍ୟ ଏଥିରୁ ମୁହଁ ଫେରାଇଲେଣି। କେବଳ ସେତିକି ନୁହେଁ, ଯେଉଁମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିଛନ୍ତି ସେମାନେ ପୁନର୍ବାର ଇଭି ଗାଡ଼ି କିଣିବା ଅସମ୍ଭବ ବୋଲି କହୁଛନ୍ତି। ସେହିପରି ଇଭି ଉପରେ ଗବେଷଣା ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରଚଳିତ ନୀତିରେ ବ୍ୟବସ୍ଥା ଥିଲେ ସୁଦ୍ଧା ତାହାର ଚିହ୍ନବର୍ଣ୍ଣ ନାହିଁ।

ଇଭି ଅଭିଯାନକୁ ବଳ ଦେବା ପାଇଁ ସରକାର ଗତବର୍ଷ ସେପ୍ଟେମ୍ବରରୁ ଇଭି ଚିଠା ନୀତି ପ୍ରସ୍ତୁତ କଲେଣି। କିନ୍ତୁ ଆଜି ଯାଏ ତାହାର ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ପ୍ରସ୍ତାବିତ ଚିଠା ନୀତି ଅନୁସାରେ ନୂଆ ନୀତି ଲାଗୁ ହେବାର ୬ ମାସ ମଧ୍ୟରେ ସମସ୍ତ ସରକାରୀ ବିଭାଗ ଇଭି ବ୍ୟବହାର କରିବା ବାଧ୍ୟତାମୂଳକ ହେବ। ଅଳିଆ ବୁହା ଗାଡ଼ି, ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ଇଭି ଚାଲିବ। ସମସ୍ତ ସରକାରୀ ନୌକା ଏବଂ ଲଞ୍ଚଗୁଡ଼ିକୁ ଇଭିରେ ପରିବର୍ତ୍ତନ କରାଯିବ। ଇଭି ସମ୍ପର୍କିତ ଗବେଷଣା ଓ ବିକାଶ ପାଇଁ ଅନ୍ୟୂନ ୩ ଟି ଉତ୍କର୍ଷ କେନ୍ଦ୍ର ତଥା ଷ୍ଟାର୍ଟ-ଅପ୍ ପାଇଁ ଇନ୍‌କ୍ୟୁବେସନ ସେଣ୍ଟର ଖୋଲାଯିବ। ଗବେଷଣା ଓ ବିକାଶ ପାଇଁ ସରକାର ୧୫ କୋଟି ଟଙ୍କାର ପାଣ୍ଠି ଗଠନ କରିବେ। ଇଭି ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଦକ୍ଷତା ବିକାଶ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ କରାଯିବ। ଏହାଦ୍ୱାରା ରାଜ୍ୟରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି ହେବ। ସେହିପରି ୭ ସହରର ମୁଖ୍ୟ ରାସ୍ତାରେ ୩୦୦ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯିବ। ପ୍ରତି ଇଭି ଚାର୍ଜିଂ ଷ୍ଟେସନ ପାଇଁ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରିବେ। ବ୍ୟାଟେରୀ ସ୍ୱାପିଂ ଷ୍ଟେସନ ସ୍ଥାପନ ପାଇଁ ୨ ଲକ୍ଷ ଟଙ୍କା ସବ୍‌ସିଡି ଦିଆଯିବ ବୋଲି ଏଥିରେ ଯୋଜନା ରହିଥିଲା। କିନ୍ତୁ, ଏହି ନୀତି କେବେ କାର୍ଯ୍ୟକାରୀ ହେବ ଏବଂ ଓଡ଼ିଶା ଇଭି ଅଭିଯାନ ଆଗକୁ ବଢ଼ିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବେତନଟୀ ଡାକ୍ତରଖାନା ଏକ୍ସ-ରେ ବିଭାଗର ଦାୟିତ୍ୱହୀନତା

# ୮ ବର୍ଷର ଝିଅକୁ ବୟସ୍କ ବ୍ୟକ୍ତିଙ୍କ ଏକ୍ସ-ରେ' ରିପୋର୍ଟ

ବେତନଟୀ, ୧୫।୫ (ସମିସ): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରଞ୍ଜନରଶ୍ମି (ଏକ୍ସ-ରେ') ବିଭାଗର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ୮ ବର୍ଷର ଜଣେ ନାବାଳିକାକୁ ଭୁଲ୍ ଏକ୍ସ-ରେ' ରିପୋର୍ଟ ଦେବା ଏବଂ ଅନାବଶ୍ୟକ ଭାବେ ଛାତ୍ରୀଙ୍କ ଗୋଡ଼ ପ୍ଲାଷ୍ଟର୍ କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି। ପରିବାରଲୋକେ ଏହି ଘଟଣାରେ ସମ୍ପୃକ୍ତ ଏକ୍ସ-ରେ' ଟେକ୍ନିସିଆନ୍ ଓ ଡାକ୍ତରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ବହାନଡ଼ା ଗ୍ରାମର ଜଣେ ୮ ବର୍ଷୀୟା ନାବାଳିକା ସୋମବାର ଦିନ ଘର ପାଖରେ ସାଇକେଲ ଚଳାଉଥିବା ବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ପରିବାରଲୋକ ତାଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ନାବାଳିକାଙ୍କ ଏକ୍ସ-ରେ' କରାଯାଇଥିଲା। କିନ୍ତୁ, ରଞ୍ଜନରଶ୍ମି ବିଭାଗର ଟେକ୍ନିସିଆନ୍ ନାବାଳିକାଙ୍କ ବଦଳରେ ଅନ୍ୟ ଜଣେ ବୟସ୍କ ବ୍ୟକ୍ତିଙ୍କ ରିପୋର୍ଟ ନାବାଳିକାଙ୍କ ପରିବାର ଲୋକଙ୍କୁ ଦେଇଥିଲେ। ଡାକ୍ତର ମଧ୍ୟ ଉକ୍ତ ରିପୋର୍ଟ ଭଲ ଭାବେ ଯାଞ୍ଚ ନ କରି ଗୋଡ଼ ଭାଙ୍ଗିଥିବା ଦେଖି ଅପରେସନ୍ ସହ ପ୍ଲାଷ୍ଟରିଂ କରିବାକୁ ପରାମର୍ଶ ଦେଇ ବାରିପଦା ରେଫର୍ କରିଥିଲେ। ଅପରେସନ୍ କଥା ଶୁଣି ପରିବାର ବିଚଳିତ ହୋଇପଡ଼ିଥିଲା। ବ୍ୟସ୍ତବିବ୍ରତ ହୋଇ କରଜ କରି ଟଙ୍କାନେଇ ଅପରେସନ ପାଇଁ ଯାଉଥିଲେ। ଏହି ସମୟରେ ଜଣେ ସମ୍ପର୍କୀୟଙ୍କ ସନ୍ଦେହ ହେବାରୁ ନାବାଳିକାଙ୍କୁ ନେଇ ଏକ ଘରୋଇ କ୍ଲିନିକ୍‌କୁ ଯାଇ ପୁନଃ ଏକ୍ସ-ରେ' କରାଯାଇଥିଲା। ନୂଆ ରିପୋର୍ଟ ଭିନ୍ନ ଆସିଥିଲା। ପରେ ଉକ୍ତ ନାବାଳିକାଙ୍କ ପିତାମାତା ଡାକ୍ତରଖାନାରେ ପହଞ୍ଚି ଭୁଲ୍ ପ୍ଲାଷ୍ଟର୍ ଖୋଲିବାକୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପରାମର୍ଶକ୍ରମେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେଇଥିଲେ। ଏ ସମ୍ପର୍କରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିପୁନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ତଦନ୍ତ ପାଇଁ ଅନୁରୋଧ କରିଛି।

## ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ପେନସନ୍ ପ୍ରସଙ୍ଗ

# ସରକାର ବାରମ୍ବାର ସମୟ ଲୋଡ଼ିବା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୧୫।୫(ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କ ତରଫରୁ ବାରମ୍ବାର ସମୟ ଲୋଡ଼ାଯିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରାଯାଇଥିବା ନେଇ ସରକାର ପୂର୍ବରୁ ଅବଗତ କରିଥିଲେ। ତେବେ ଏହି କମିଟି କଣ କରିଛି ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ହାଇକୋର୍ଟ କହିବା ସହ କମିଟି ସଦସ୍ୟ ମାନଙ୍କ ନାମ ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ତାରିଖକୁ ସ୍ଥିର କରିଛନ୍ତି। ଗତ ୨୦୨୬, ଫେବୃଆରି ୧୭ରେ ରାଜ୍ୟ ସରକାରଙ୍କୁ ଆଉ ସମୟ ପ୍ରଦାନ କରାଯିବ ନାହିଁ ବୋଲି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ଥିବା ପ୍ରତିପକ୍ଷଙ୍କ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାମଲାରୁ ପ୍ରକାଶ ଯେ ବ୍ଲକ୍‌ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକାଧିକ ରିଟ୍ ଅପିଲ ଦାୟର କରିଥିଲେ। ସେହିଭଳି ନିର୍ଦ୍ଦେଶ ଅନୁପାଳନ କରିବା ପ୍ରାର୍ଥନା କରି ଅବସରପ୍ରାପ୍ତ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**TPNODL** TP NORTHERN ODISHA DISTRIBUTION LIMITED (A Joint Venture of Tata Power and Government of Odisha)

## TP Northern Odisha Distribution Limited

Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) May 16th, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001185 | Purchase Order for Supply of various AB Cables |
| 2 | TPNODL/OT/2026-27/2500001189 | Purchase Order for Construction of a New DT Workshop |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com.** All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

**OFFICE OF THE REGULATED MARKET COMMITTEE, KORAPUT.**
**At/Po- Koraput,**
**Dist.:-Koraput (Odisha), PIN- 764020**
**TENDER CALL NOTICE NO. 1108/ RMC dated: - 13.05.2026**
Bid Identification no. 01/ RMC-Koraput /2026-27

***E-procurement notice IFB (Invitation for bids)***

| Sr.No. | Item | Details |
|---|---|---|
| 1 | The Sub-Collector Koraput-cum-Chairman, RMC Koraput invites percentage rate bids in **Single cover system** in ONLINE MODE only for work as detailed below: | |
| 2 | Nature of the work | Construction of different developmental works at 04 Market Yards of RMC Koraput. |
| 3 | No of work | 04 Nos |
| 4 | Bid Cost | Rs 6000.00 online transfer. |
| 5 | Value of Tender | Rs 17.80 to 37.93 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt 15.05.2026 to 25.05.2026 |
| 8 | Last date/time of Receipt of bids in the portal | Dt 25.05.2026 up to 5.00 P.M |
| 9 | Date of opening of bid | Dt 28.05.2026 at 11.00 A.M |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website:https://tendersorissa.gov.in. | |

**Corrigendum-** Due to technical error in the tender process/ portal, the Tender Call Notice No.1086 Dtd.02.05.2026 is hereby cancelled vide this office Corrigendum Letter No. 1102 Dtd.12.05.2026.

**Sd/- Sub- Collector Koraput-cum chairman**
**Regulated Market Committee, Koraput.**

24001/112/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAA-BLS-0001-2026- 5413 /R&DM, dated 05.02.2026**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା - କାହାଳିଆ(ଅତିରିକ୍ତ), ଥାନା-ନୀଳଗିରି, ସଂଖ୍ୟା-୬୯, ତହସିଲ- ନୀଳଗିରି, ଜିଲ୍ଲା- ବାଲେଶ୍ୱର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୧୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜଳସେଚନ ପ୍ରକଳ୍ପ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧକ୍ଷଣ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରିବା । ସାର୍ବଜନୀନ
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ନୀଳଗିରି (ପ୍ରଯୁଜ୍ୟ ନୁହେଁ) ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | କାହାଳିଆ (ଅତିରିକ୍ତ) | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୧୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅନସ୍ଥ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ଖନନ କାର୍ଯ୍ୟ ନିମନ୍ତେ ଅତିରିକ୍ତ ଜମି ଅଧିଗ୍ରହଣ । ଗ୍ରାମ-କାହାଳିଆ (ଅତିରିକ୍ତ), ଥାନା-ନୀଳଗିରି, ଥାନା ନଂ-୬୯, ତହସିଲ- ନୀଳଗିରି, ଜିଲ୍ଲା-ବାଲେଶ୍ୱର, L.A.Case No.୦୧/୨୦୨୫

| କ୍ର:ନଂ | ଖାତା ନଂ | ଜମି ମାଲିକଙ୍କ ନାମ-ଜାତି ଓ ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା(ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୬୮/ ୧୨୦୮ | ଦିନେଶ ଦେବେନ ବିଶ୍ୱାଳ, ଦେବଶ୍ରୀ ବିଶ୍ୱାଳ, ପି:- ଭାସ୍କର ଚନ୍ଦ୍ର ବିଶ୍ୱାଳ, ଚକ୍ରଧର ବିଶ୍ୱାଳ, ପି:- ଗଦାଧର ବିଶ୍ୱାଳ, ଜା:- ଖଣ୍ଡାୟତ, ବା:- କାହାଳିଆ | ୯୭୭ | ଶାରଦ ଦୁଇ/୬ | ୦.୭୪ | ୦.୧୫ |
| | | | | ମୋଟ | ୦.୭୪ | ୦.୧୫ |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0017

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ) **obcc** ODISHA BRIDGE & CONSTRUCTION CORPORATION LIMITED (A Government of Odisha Undertaking Works Department)

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଦୂରଭାଷ - ୦୬୭୪- 1400089, CIN U482030 1953500001163
Vikash Bhavan, Nayapalli, Bhubaneswar-751012, Tel: 0674-2390043, Website: www.obcc.in, Email: md@obcc.in; info@obcc.in

No. 36164 Date: 13.05.2026
File: SMT-2115

**NOTICE INVITING TENDER** 34001/205/2627

| | | | |
|---|---|---|---|
| 1. | **Name of Work** | : | Construction of RCC Bridge over river Brahmani near Vedvyas and Beautification of Vedvyas Riverbank, Rourkela. |
| 2. | **Bid Identification No** | : | **12/Tender/OBCC/2026-27** |
| 3. | **Class of Contractor** | : | Special Class & Super Class |
| 4. | **Bid Security Fee/ EMD (In online mode/ In shape of e-Bank Guarantee)** | : | ₹ 48,31,500.00 |
| 5. | **Bid Processing Fee (Online mode only)** | | ₹ 48,315/- (Including GST) |
| 6. | **Date of availability of bid document in e-procurement portal** | : | From Dt.19.05.2026 up to 5:00 PM of Dt.10.06.2026 |
| 7. | **Last Date & Time of receipt of online bid** | : | Up to 5.00 PM on Dt.10.06.2026 |
| 8. | **Last Date of Pre-Bid Queries** | | Till 5:00 PM on Dt.25.05.2026 |
| 9. | **Date & Time for Pre-bid meeting** | | At 11:30 AM on Dt.26.05.2026 (Through Video Conferencing) https://meet.google.com/qwg-acif-uuj |
| 10. | **Date of Bid Opening** | : | At 11:30 AM on Dt.11.06.2026 |
| 11. | **Project Completion Duration** | | 24 (Twenty-Four) Calendar Months |

12. Further details can be seen from the e-Procurement portal https://www.tendersodisha.gov.in.
13. OBCC has the right to accept or reject the Notice / RFP without assigning any reasons thereof.

**Chief Engineer -I**
**OB&CC Ltd**

OIPR-34001/34161/1/26-27/0010

24001/119/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**ସଂଖ୍ୟା RDM-LAC-KNJ-0006-2022- 4998 /R&DM, ତା- 03 FEB 2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝର ଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ଶୈଲଙ୍ଗ (ଅତିରିକ୍ତ)**, ଥାନା- ଘଷିପୁରା, ତହସିଲ- **ଘଷିପୁରା**, ଜିଲ୍ଲା-କେନ୍ଦୁଝର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, ଶାଳପଡା, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୧୧୦୦୨ ତା ୦୬.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଶୈଲଙ୍ଗ (ଅତିରିକ୍ତ)**, ଥାନା- ଘଷିପୁରା, ତହସିଲ- **ଘଷିପୁରା**, ଜିଲ୍ଲା-କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅଧିସୂଚନା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ଏହି ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ପରିବର୍ତ୍ତିତ ଭୂମି ଅନୁସୂଚି

| ପ୍ଲଟ ନଂ | ଅଧିସୂଚିତ ରକବା | ପରିବର୍ତ୍ତିତ ରକବା | ମନ୍ତବ୍ୟ |
|---|---|---|---|
| ୧୮୨୪/୬୬୩୦/୭୨୫୬ | ୦.୧୨ | ୦ | ବାଦ୍ ଦିଆଗଲା |
| ୧୮୨୪/୭୦୦୮ | ୦.୦୬ | ୦ | ବାଦ୍ ଦିଆଗଲା |

**ତଫସିଲ- କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: - **ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶୈଲଙ୍ଗ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ ୧.୨୯ | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ- ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା:- କେନ୍ଦୁଝର ତହସିଲ: - **ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

- **ଅଧିସୂଚନାର ବୈଧ ତାରିଖ :- ୧୧ /୦୩ /୨୦୨୬ ।**

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନ ସଚିବ

**LAND SCHEDULE**

Addl. Land Acquisition for Construction of Anandapur Barrage Project (Baitarani Right Bank Canal) of Vill- Sailong (Addl), Tahasil- Ghasipur, Ps.- Ghasipura, Dist.- Keonjhar after withdrawal.
L.A. Case No. LACN/1/10/2022

| କ୍ରମିକ ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ ଜାତି, ବାସସ୍ଥାନ | ପ୍ଲଟ୍ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ଆଇଁଠୁ ଚରଣ ସା, ବା: ନିଜଗାଁ, କୁନ୍ତଳା ବଳ, ବା: ନାକଝରୀ, ପି: ନିଶାକର ସା, ଚିତ ସା, ସ୍ୱା: ନିଶାକର ସା, ଜାତି: ଖଣ୍ଡାୟତ, ବା: ନିଜଗାଁ | ୧୮୨୫ | ଶାରଦ-୨ | ୦.୫୩ | ୦.୧୮ |
| ୨ | ୧୩ | ଅର୍ଜୁନ ସାହୁ, ପି: ଗୋପିନାଥ ସାହୁ, ଜା: ତେଲି, ବା ଘଷିପୁରା | ୧୮୪୧ | ଶାରଦ-୨ | ୦.୨୩ | ୦.୧୩ |
| ୩ | ୬୮ | କୃଷ୍ଣ ଚନ୍ଦ୍ର ବଳ, ନରହରି ବଳ, ଚକ୍ରଧର ବଳ, ଦୁଃଶାସନ ବଳ, ପି: ମିଛୁ ବଳ, କାଳିପ୍ରସନ୍ନ ବଳ, ପି: କାହ୍ନୁଚରଣ ବଳ, ଦାବୋଦର ବଳ, ରଙ୍ଗାଧର ବଳ, ପି: ହୃଷିକେଶ ବଳ, ଜାତି: ଖଣ୍ଡାୟତ, ବା: ପୁରୁଣିଆ | ୧୮୧୭ | ଶାରଦ-୨ | ୦.୦୯ | ୦.୦୪ |
| ୪ | ୮୪ | ଗାଣ୍ଡୁ ସାହୁ, ପି: ବିଜଳ ସାହୁ, ଜାତି: ତେଲି, ବା: ନିଜଗାଁ | ୧୮୨୮ | ଶାରଦ-୨ | ୦.୧୫ | ୦.୧୫ |
| ୫ | ୨୨୪ | ବଂଶୀଧର ସାହୁ, ପି: ବନେଇ ସାହୁ, ଜାତି: ତେଲି, ବା: ଜଇନପୁରା | ୧୮୩୩ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୮୩୫ | ଶାରଦ-୨ | ୦.୦୫ | ୦.୦୫ |
| ୬ | ୨୫୪ | ବୈଲୋଚନ ସାହୁ, ପି: ବିକଳ ସାହୁ, ଜାତି: ତେଲି, ବା: ନିଜଗାଁ | ୧୮୨୭ | ଶାରଦ-୨ | ୦.୧୬ | ୦.୦୯ |
| ୭ | ୨୭୪ | ମୂଷା ସେଠୀ, ପି: ବୋଧି ସେଠୀ, ଜା: ଧୋବା, ବା: ଘଷିପୁରା | ୧୮୨୩ | ଶାରଦ-୨ | ୦.୪୦ | ୦.୨୨ |
| ୮ | ୩୬୪/୪୧ | ବନମାଳୀ ସାହୁ, ପି: କାଳି ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୧୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୮୧୬ | ଶାରଦ-୨ | ୦.୦୬ | ୦.୦୬ |
| | | | ୧୮୧୮ | ଶାରଦ-୨ | ୦.୦୪୧ | ୦.୦୧ |
| ୯ | ୩୬୪/୪୯ | ପୁରନ୍ଦର ସାହୁ, ପି: ଗଣି ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୩୧ | ଶାରଦ-୨ | ୦.୧୬ | ୦.୧୧ |
| | | | ୧୮୩୪ | ଶାରଦ-୨ | ୦.୦୪ | ୦.୦୪ |
| | | | ୧୮୩୭ | ଶାରଦ-୨ | ୦.୦୫ | ୦.୦୧ |
| ୧୦ | ୩୬୪/୧୦୭ | ଯଦୁନାଥ ସାହୁ, ପି: ବନମାଳୀ ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୩୧ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୮୩୬ | ଶାରଦ-୨ | ୦.୦୪ | ୦.୦୪ |
| ୧୧ | ୩୬୪/୪୭୫ | ଅଜୟ କୁମାର ସାହୁ, ଅକ୍ଷୟ କୁମାର ସାହୁ, ଅଜୟ କୁମାର ସାହୁ, ପି: ନାରାୟଣ ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୨୪ | ଶାରଦ-୨ | ୦.୧୭ | ୦.୦୫ |
| ୧୨ | ୩୬୪/୬୪୩ | ମାଧବନନ୍ଦ ସାହୁ, ପି: ଶ୍ୟାମସୁନ୍ଦର ସାହୁ, ଜା: ତେଲି, ବା: କଏନପୁରା | ୧୭୦୪/ ୭୨୦୯ | ଶାରଦ-୨ | ୦.୦୫ | ୦.୦୫ |
| | | | | ମୋଟ ରକବା ଏ | ୧.୨୯ | ୦.୦୫ |

LA, Amin REVENUE INSPECTOR Special Land Acquisition Officer, ABP, Salapada, Keonjhar

OIPR-24001/24001/3/26-27/0024

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### ଚମକିଲେ ଏଲ୍‌ଏସ୍‌ଜିର ଆକାଶ ମହାରାଜ ସିଂ

# ସିଏସ୍‌କେ ସମ୍ମାନ ରଖିଲେ କାର୍ତ୍ତିକ-ଡିୱାଲ୍ଡ

ଲକ୍ଷ୍ନୌ,୧୫।୫(ଏଜେନ୍ସି): ଯୁବ ଖେଳାଳି କାର୍ତ୍ତିକ ଶର୍ମା ଓ ଡିୱାଲ୍ଡ ବ୍ରେଭିସ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ବିପକ୍ଷ ଆଇପିଏଲର ୫୯ତମ ଲିଗ୍ ମ୍ୟାଚ୍‌ରେ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗସ)ର ସମ୍ମାନ ରକ୍ଷା ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ୮ମ ଓଭର ଖେଳରେ ୫୨ ରନ୍ ମଧ୍ୟରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ କାର୍ତ୍ତିକ ଓ ଡିୱାଲ୍ଡ ଉତ୍ତମ ବୁଝାମଣା ଓ ସମନ୍ୱୟ ରକ୍ଷା କରି ବ୍ୟାଟିଂ କରିବା ଫଳରେ ନିର୍ଦ୍ଧାରିତ ୨୦ ଓଭର ସୁଦ୍ଧା ସିଏସ୍‌କେ ୫ ୱିକେଟ ହରାଇ ୧୮୭ ରନ୍ ସଂଗ୍ରହ କରିନେଇଛି। କାର୍ତ୍ତିକଙ୍କ ସହ ଚତୁର୍ଥ ୱିକେଟରେ ୪୪ ବଲ୍‌ରୁ ୭୦ ରନ୍ ଉଠାଇବା ପରେ ଡିୱାଲ୍ଡ ଆଉଟ ହୋଇଥିଲେ। ସେ ୧୬ ବଲ୍‌ରୁ ୨ ଛକା ସହ ୨୫ ରନ୍ କରି ମହମ୍ମଦ୍ ସାମିଙ୍କ ପ୍ରଥମ ଶିକାର ବନିଥିଲେ। ପରେ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିବା ପରେ କାର୍ତ୍ତିକ ୪୨ବଲ୍‌ରୁ ୬ଚୌକା ଓ ୫ଛକା ସହ ୭୧ ରନ୍‌ରେ ଆଉଟ ହୋଇଥିଲେ। ପ୍ରତିପକ୍ଷ ଏଲ୍‌ଏସ୍‌ଜିର ବାମହାତୀ ଫାଷ୍ଟ ବୋଲର ଆକାଶ ମହାରାଜ ସିଂ ତାଙ୍କ ପ୍ରଥମ ସ୍ପେଲ୍‌ରେ ସିଏସ୍‌କେର ଋତୁରାଜ ଗାଏକ୍ୱାଡ (୧୩), ଉର୍ଭିଲ ପଟେଲ (୬) ଓ ନିର୍ଭରଯୋଗ୍ୟ ସଞ୍ଜୁ ସାମସନ (୨୦)ଙ୍କୁ ଆଉଟ କରି ବିପର୍ଯ୍ୟୟ ଘଟାଇଥିଲେ। ୬ଷ୍ଠ ୱିକେଟରେ ଶିବମ ଦୁବେ ଓ ପ୍ରଶାନ୍ତ ବୀର ୨୪ବଲ୍‌ରୁ ୪୫ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ଦୁବେ ୧୬ବଲ୍‌ରେ ୨୩ ଓ ବୀର ୧୦ ବଲ୍‌ରେ ୧୩ ରନ୍ କରିଥିଲେ। ସାମି ଓ ଶେହବାଜଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ଏହି ମୁକାବିଲା ପୂର୍ବରୁ ୧୧ଟି ଲିଗ୍ ଖେଳି ୬ଟି ମ୍ୟାଚ୍ ଜିତିଥିବା ସିଏସ୍‌କେ ୧୨ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ଦଳ ତାହାରେ ଶେଷ ୩ଟି ମ୍ୟାଚ୍‌ରେ ବିଜୟୀ ହେଲେ ପ୍ଲେ ଅଫ୍ ଖେଳିବା ଆଶା ରହିବ। ଅନ୍ୟ ପକ୍ଷରେ ପଏଣ୍ଟ ଟେବୁଲର ୧୦ମ ସ୍ଥାନରେ ରହି ପ୍ଲେ ଅଫ୍ ଦୌଡ଼ରୁ ଏଲ୍‌ଏସ୍‌ଜି ବାଦ୍ ପଡ଼ିଛି। ଏବେ ଏହି ଦଳ ନିକଟରେ କେବଳ ସମ୍ମାନ ରକ୍ଷା ଲାଗି ଖେଳୁଛି।


ଆକାଶ ମହାରାଜ


ଉର୍ଭିଲ ପଟେଲ



**ଆଜିର ଆଇପିଏଲ୍ ମ୍ୟାଚ୍**
**କୋଲକାତା** ବନାମ **ଗୁଜରାଟ**
ଭେନ୍ୟୁ-କୋଲକାତା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ପଞ୍ଜାବର ପଞ୍ଚମ ପରାଜୟ

**ଧର୍ମଶାଳା:** ତିଳକ ବର୍ମା ଓ ୱିଲ ଜ୍ୟାକ୍ସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଆଇପିଏଲ୍‌ର ୫୮ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗସ୍‌କୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ୫ମ ପରାଜୟ ସହ ଶ୍ରେୟସ ଆୟରଙ୍କ ପଞ୍ଜାବ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଦଳ ଏବେ ୧୨ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ପୂର୍ବପରି ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ମୁମ୍ବଇ ଏଠାରେ ଚତୁର୍ଥ ବିଜୟ ହାସଲ କରି କିଛିଟା ଆତ୍ମସମ୍ମାନ ରକ୍ଷା କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ୨୦୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବଇ ଇଣ୍ଡିଆନ୍ସ ୧୯.୫ ଓଭରରେ ୪ ରନ କରିଥିଲା। ଦଳ ପକ୍ଷରୁ ୨୫ ବଲ୍‌ରେ ୫୦ରନ୍ ପୂରଣ କରିଥିବା ତିଳକ ବର୍ମା ୩୩ ବଲ୍‌ର ସାମ୍ନା କରି ୬ଟି ଚୌକା ଓ ୬ଟି ଛକା ସହାୟତାରେ ସର୍ବାଧିକ ୭୫ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଶେଷଭାଗରେ ୱିଲ ଜ୍ୟାକ୍ସ ୧୦ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୨୫ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ରିୟାନ ରିକେଲଟନ୍ ୨୩ବଲ୍‌ରେ ୪୮, ରୋହିତ ଶର୍ମା ୨୬ବଲ୍‌ରେ ୨୫ ରନ୍ କରିଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଆର୍‌ସିବି | ୧୨ | ୮ | ୪ | ୦ | ୧୬ | +୧.୦୫୩ |
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୨ | ୬ | ୫ | ୧ | ୧୩ | +୦.୩୫୫ |
| ଚେନ୍ନଇ* | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| କୋଲକାତା | ୧୧ | ୪ | ୬ | ୧ | ୯ | -୦.୧୯୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ)* | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଖଲୀଲଙ୍କ ସ୍ଥାନରେ କୁଲଦୀପ, ଥୁସାରାଙ୍କ ସ୍ଥାନରେ ଗ୍ଲିସନ

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଆଇପିଏଲ୍ ଶେଷ ହେବା ଯେତେ ନିକଟତର ହେଉଛି ଖେଳାଳିଙ୍କ ଆହତ ସମସ୍ୟା ସେତେ ବୃଦ୍ଧି ପାଉଛି। ଏହା ମଧ୍ୟରେ ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ଦୁଇ ଖେଳାଳିଙ୍କ ବଦଳ ଖେଳାଳି ଚିହ୍ନଟ ହୋଇଛି। ଦଳରୁ ବାଦ୍ ପଡ଼ିଥିବା ସିଏସ୍‌କେର ଫାଷ୍ଟ ବୋଲର ଖଲୀଲ ଅହମ୍ମଦ୍‌ଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ୩୦ ଲକ୍ଷ ଟଙ୍କାରେ ଦଳ ସାମିଲ କରିଛି। ସେହିପରି ନୁୱାନ ଥୁଷାରାଙ୍କ ସ୍ଥାନରେ ଇଂଲଣ୍ଡର ରିଚାର୍ଡ ଗ୍ଲିସନଙ୍କୁ ଆର୍‌ସିବି ୧.୬ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରିଛି। ଏମାନେ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ସମୟ ଲାଗି ଦଳ ପକ୍ଷରୁ ଖେଳିବେ। ଉଭୟ ଖେଳାଳି ପୂର୍ବରୁ ଆଇପିଏଲ୍‌ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି।

## କେକେଆର୍ ଛାଡ଼ିଲେ ରାଚିନ ରବୀନ୍ଦ୍ର



କୋଲକାତା,୧୫।୫(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ଟୁର୍ ଲାଗି ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର କେକେଆର୍ ଟିମ୍ ଛାଡିଛନ୍ତି। ଗତ ଆଇପିଏଲ୍ ନିଲାମିରେ କେକେଆର୍ ତାଙ୍କୁ ତାଙ୍କ ମୂଳ ମୂଲ୍ୟ ୨କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସେ ଆରମ୍ଭରୁ ଦଳ ସହ ଥିଲେ ମଧ୍ୟ କେକେଆର୍ ପକ୍ଷରୁ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିଲେ। ଆଇପିଏଲ୍ ପ୍ଲେ ଅଫ୍‌ରେ ପ୍ରବେଶ କରିବାର ସାମାନ୍ୟ ଆଶା ଥିବା କେକେଆର୍ ତାହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଗୁଜରାଟ ଟାଇଟାନ୍ସ ସହ ଶନିବାର ଖେଳିବ।

## ଇଶାନ୍‌ଙ୍କୁ ୧ କୋଟି ଟଙ୍କା




ପାଟନା, ୧୫।୫ (ଏଜେନ୍ସି): ଭାରତୀୟ ଦଳର ବିସ୍ଫୋରକ ବ୍ୟାଟର୍ ଇଶାନ କିଶାନ ଶୁକ୍ରବାର ବିହାରର ନୂଆ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସମ୍ରାଟ ଏକ କୋଟି ଟଙ୍କାର ଚେକ୍ ପାଟନାର ତାରକା ଇଶାନଙ୍କୁ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତକୁ ରେକର୍ଡ ୩ୟଥର ଲାଗି ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇବାରେ ଇଶାନଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା। ଏହି ଅବଦାନ ଲାଗି ବିହାର ସରକାର ଇଶାନଙ୍କୁ ପୁରସ୍କୃତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବିହାରର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତ, ଇଶାନଙ୍କ ନିକଟତମ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ ନୱାଡା ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଏବଂ ପାଟନାରେ ଶୈଶବ ବିତାଇଥିବା ଇଶାନ ଗତ ଟି-୨୦ ବିଶ୍ୱକପରେ ୯ଟି ମ୍ୟାଚରୁ ୩୫.୨୨ ହାରରେ ୩୧୭ ରନ ସଂଗ୍ରହ କରିଥିଲେ।

## ରୁଷ୍ ଓ ବେଲାରୁଷ୍ ଉପରୁ କଟକଣା ଉଠିଲା

ମସ୍କୋ,୧୫।୫(ଏଜେନ୍ସି): ରୁଷ ଓ ବେଲାରୁଷର କୁସ୍ତିଯୋଦ୍ଧାଙ୍କ ଉପରୁ କଟକଣା ଉଠାଇଦେଇଛି ୟୁନାଇଟେଡ ୱାର୍ଲ୍ଡ ରେସଲିଂ। ଏହା ଫଳରେ ଉଭୟ ଦେଶର କୁସ୍ତିଯୋଦ୍ଧାମାନେ ଏବେ ନିଜ ଦେଶର ବ୍ୟାନରରେ ସମସ୍ତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ମାର୍ଚ୍ଚ ୨୦୨୨ରେ ଉଭୟ ଦେଶର ପ୍ରତିଯୋଗୀଙ୍କୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ କଟକଣା ଲଗାଯାଇଥିଲା। ଏବେ ଏହି କଟକଣା ଉଠାଇ ଦିଆଯାଇଛି ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂର ସଭାପତି ନେନାଦ ଲାଲୋଭିଚ୍ କହିଛନ୍ତି।

## ୪୫ ବର୍ଷରେ ଖେଳିବେ ଭେନସ

ପ୍ୟାରିସ୍,୧୫।୫(ଏଜେନ୍ସି): ଆମେରିକାର ବରିଷ୍ଠ ଖେଳାଳି ଭେନସ ୱିଲିୟମ୍ସ ମେ ୨୪ରୁ ଆରମ୍ଭ ହେବାକୁ ଯାଉଥିବା ଫ୍ରେଞ୍ଚ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଡବଲ୍ସରେ ଭାଗନେବେ। ଏହି ସମୟରେ ତାଙ୍କୁ ୪୫ବର୍ଷ ହୋଇଥିବ ଓ ସେ ତାଙ୍କଠାରୁ ୨୧ ବର୍ଷ କମ୍ ବୟସର ଖେଳାଳି ହେଲି ବାପ୍ଟିଷ୍ଟଙ୍କୁ ପାର୍ଟନର କରିବେ। ଏଠାରେ ସେ ମହିଳା ସିଙ୍ଗଲ୍ସରେ ଖେଳିବେ ନାହିଁ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭେନସ ପୂର୍ବରୁ ନଂ-୧ ଖେଳାଳି ରହିଥିଲେ। ସେ ତାଙ୍କ କ୍ୟାରିୟରରେ ୭ଥର ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିଲେ। ଶେଷଥର ଲାଗି ୨୦୦୨ ଫ୍ରେଞ୍ଚ ଓପନର ସିଙ୍ଗଲ୍ସ ଫାଇନାଲରେ ସାନ ଭଉଣୀ ସେରେନାଙ୍କଠାରୁ ଭେନସ ପରାଜିତ ହୋଇଥିଲେ। ସେରେନାଙ୍କୁ ପାର୍ଟନର କରି ଭେନସ ୧୯୯୯ ଓ ୨୦୧୦ରେ ଡବଲ୍ସ ଟାଇଟଲ ଜିତିଥିଲେ।



### ୨୦୨୭ ବିଶ୍ୱକପ୍ ଲାଗି ଯୋଜନା

# ଖେଳିବାକୁ ସର୍ତ୍ତ ରଖିଲେ ବିରାଟ

ବେଙ୍ଗାଲୁରୁ,୧୫।୫(ଏଜେନ୍ସି)



ଦିନିକିଆ ବିଶ୍ୱକପ୍‌ର ୨୦୨୭ ସଂସ୍କରଣ ଖେଳିବା ଲାଗି ମୁଁ ଭୋକିଲା ରହିଛି। କିନ୍ତୁ ଭାରତୀୟ ବ୍ୟବସ୍ଥା ଚାହିଁଲେ ଏବଂ ଉପଯୁକ୍ତ ସମ୍ମାନ ମିଳିଲେ ମୁଁ ଏହି ବିଶ୍ୱକପ୍‌ରେ ଖେଳିବାକୁ ଯିବି ବୋଲି ଭାରତୀୟ କ୍ରିକେଟର କିଂବଦନ୍ତୀ ବ୍ୟାଟର ବିରାଟ କୋହଲି କହିଛନ୍ତି। ବେଙ୍ଗାଲୁରୁ ଟିମ୍‌ର ପୋଡକାଷ୍ଟରେ ସେ କହନ୍ତି, ଦଳରେ ମୋତେ ସ୍ଥାନ ମିଳିବ ବୋଲି ବାରମ୍ବାର ପରୀକ୍ଷା ଦେବାକୁ ମୋର ଆଦୌ ଆଗ୍ରହ ନାହିଁ। ବିଶ୍ୱକପ୍ ହେଉ କିମ୍ବା ଆଇପିଏଲ୍ ମୁଁ ସର୍ବଦା ଖେଳିବାକୁ ପ୍ରସ୍ତୁତ ରହିଛି। କ୍ରିକେଟ ଖେଳ ମୋ ଦୈନନ୍ଦିନ ଜୀବନର ସହ ଜଡିତ। ଖେଳସୂଚୀ ଥାଉ କି ନ ଥାଉ ମୁଁ ସର୍ବଦା ମ୍ୟାଚ୍ ଖେଳିବା ଲାଗି ନିଜକୁ ପ୍ରସ୍ତୁତ କରି ରଖିଥାଏ। ଏଣୁ ମୋତେ ପ୍ରମାଣ କରିବାର ଆବଶ୍ୟକତା ନାହିଁ ବୋଲି କୋହଲି କହିଛନ୍ତି।

କୋହଲି ୨୦୨୪ରେ ଟି-୨୦ ଅନ୍ତର୍ଜାତୀୟ ଓ ୨୦୨୫ରେ ଟେଷ୍ଟ ମ୍ୟାଚ୍‌ରେ ଅବସର ନେଇଛନ୍ତି। ଏବେ ସେ ଅନ୍ତର୍ଜାତୀୟସ୍ତରରେ କେବଳ ଦିନିକିଆ ମ୍ୟାଚ୍ ଖେଳୁଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ସେ ଖେଳିବେ କି ନାହିଁ ବୋଲି ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ କୋହଲି କହନ୍ତି, ଏହାର ଉତ୍ତର ମୋ ନିକଟରେ ରହିଛି। ମୋତେ ଭାରତୀୟ ସେଟ୍‌ଅପରେ ଆବଶ୍ୟକ ପଡ଼ିଲେ ସମ୍ମାନର ସହ ଖେଳିବି। କିନ୍ତୁ ମୋର ଦକ୍ଷତା ଓ ଫିଟ୍‌ନେସ ଉପରେ ପ୍ରଶ୍ନ ଉଠାଇଲେ କିମ୍ବା ଏଥିଲାଗି ବାରମ୍ବାର ପରୀକ୍ଷା ଦେବାକୁ ହେଲେ ମୁଁ ଏହି ଦୌଡ଼ରୁ ଓହରିଯିବି ବୋଲି କହିଛନ୍ତି। ପରୋକ୍ଷରେ ସେ ବିସିସିଆଇ, ସିଲେକ୍ସନ କମିଟି ଓ ଟିମ୍ ମ୍ୟାନେଜ୍‌ମେଣ୍ଟରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ସୂଚନା ଦେଇଛନ୍ତି। ଏହି ସଂସ୍ଥା ଓ ଖେଳାଳିଙ୍କ ମଧ୍ୟରେ ବିଶ୍ୱାସ ରହିବା ଉଚିତ। ଦଳରେ ମୋର ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଲେ ମୋର ଖେଳିବା କଷ୍ଟକର ହୋଇ ପଡ଼ିବ। ଏଣୁ ମୁଁ ଏଥିରୁ ଓହରିଯିବି ବୋଲି ସେ କହିଛନ୍ତି। ଭାରତ ପକ୍ଷରୁ କୋହଲି ୩୧୧ଟି ଦିନିକିଆ ମ୍ୟାଚ୍ ଖେଳି ୫୮.୭୧ ହାରରେ ୧୪,୭୯୭ ରନ୍ କରିଛନ୍ତି। ଏହା ମଧ୍ୟରେ ୫୪ଟି ଶତକ ଓ ୭୭ଟି ଅର୍ଦ୍ଧଶତକ ରହିଛି।

## ନେତୃତ୍ୱ ନେବା ଲାଗି ସାମ୍‌ସନ୍ ଶ୍ରେଷ୍ଠ



ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଏଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ୨୦୨୮ରେ ପରବର୍ତ୍ତୀ ବିଶ୍ୱକପ୍ ହେବାକୁ ଯାଉଛି। ଏହା ଆରମ୍ଭ ହେଲାବେଳକୁ ସୂର୍ଯ୍ୟକୁମାରଙ୍କ ବୟସ ୩୭ ହୋଇଥିବ। ଏଣୁ ଏବେଠାରୁ ଭାରତୀୟ ଚୟନକର୍ତ୍ତା ଜଣେ ନୂଆ ଅଧିନାୟକ ଖୋଜିବା ଆରମ୍ଭ କରିଦେଇଛନ୍ତି। ଏହି ସ୍ଥାନ ଲାଗି ଗତଥର ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ସଞ୍ଜୁ ସାମସନ ଶ୍ରେଷ୍ଠ ବୋଲି ପୂର୍ବତନ କୋଚ୍ ତଥା ଭାଷ୍ୟକାର ରବି ଶାସ୍ତ୍ରୀ କହିଛନ୍ତି। ୩୧ ବର୍ଷିୟ ସାମସନଙ୍କର ନେତୃତ୍ୱ ନେବାର ବେଶ ଅଭିଜ୍ଞତା ରହିଛି ଓ ସେ ଏବେ ହଟ ଫର୍ମରେ ରହିଛନ୍ତି। ଭାରତର ନେତୃତ୍ୱ ନେବା ଲାଗି ସେ ଏବେ ଶ୍ରେଷ୍ଠ ଖେଳାଳି ବୋଲି ଶାସ୍ତ୍ରୀ ମତ ଦେଇଛନ୍ତି।

## ବେକ୍‌ହାମ ବ୍ରିଟେନ୍‌ର ପ୍ରଥମ ଅରବପତି ଖେଳାଳି

ଲଣ୍ଡନ,୧୫।୫(ଏଜେନ୍ସି): ଇଂଲଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ଫୁଟବଲ ଖେଳାଳି ଡେଭିଡ୍ ବେକ୍‌ହାମ୍ ବ୍ରିଟେନର ପ୍ରଥମ ଅରବପତି ବା ବିଲେନେୟାର ଖେଳାଳି ହୋଇଛନ୍ତି। ବ୍ରିଟେନ୍‌ର ସନ୍‌ଡେ ଟାଇମ୍ସ ପକ୍ଷରୁ ପ୍ରକାଶିତ ଧନୀ ତାଲିକାରେ ବେକ୍‌ହାମ୍‌ଙ୍କ ମୋଟ ସମ୍ପତିର ମୂଲ୍ୟ ୧.୧୮୫ ପାଉଣ୍ଡ ବିଲିଅନ ବା ୧.୫୮୩ ବିଲିଅନ ଡଲାର ବୋଲି ଉଲ୍ଲେଖ କରିଛି। ତେବେ ବ୍ରିଟେନର ଧନୀ କ୍ରୀଡ଼ାବ୍ୟକ୍ତିତ୍ୱ ତାଲିକାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫର୍ମୁଲା ୱାନ୍‌ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ବର୍ଣ୍ଣି ଇକ୍ଲେଷ୍ଟୋନ୍‌ଙ୍କ ସମ୍ପତି ମୂଲ୍ୟ ୨ ନିୟୁତ ପାଉଣ୍ଡ ବିଲିଅନ ରହିଛି। ସେ ନମ୍ବର ୱାନ୍ ସ୍ଥାନରେ ରହିଛନ୍ତି। ୨୦୧୩ରେ ଫୁଟବଲ ଖେଳରୁ ଅବସର ନେଇଥିବା ବେକ୍‌ହାମ୍ ଏବେ ଇଣ୍ଟର ମିଆମିର ସହ ମାଲିକ ରହିଛନ୍ତି। ମେଜର ଲିଗ୍ ସକ୍କରରେ ଏହି କ୍ଲବ୍‌କୁ ବିଶ୍ୱର ଅନ୍ୟତମ ଧନୀ ଫୁଟବଲ କ୍ଲବ୍ ମଧ୍ୟରେ ଗଣାଯାଉଛି। ସେ ଏବେ ମଧ୍ୟ ଆଡିଡାସ ଓ ହୁଗୋ ବସ୍‌ର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି।



ବେକହାମ୍‌ଙ୍କ ସହ ଧନୀ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଲୁଇସ ହାମିଲଟନ (୪୩୫ ମିଲିଅନ୍ ପାଉଣ୍ଡ-୫ମ), ମାଷ୍ଟର୍ସ ଗଲ୍ଫ ଚାମ୍ପିଅନ ରୋରି ମ୍ୟାକ୍‌ଲୋରୀ (୩୨୫ ମିଲିଅନ ପାଉଣ୍ଡ-୭ମ), ବକ୍ସର ଆନ୍ଥୋନୀ ଜୋଶୁଆ (୨୪୦ ମିଲିଅନ ପାଉଣ୍ଡ -୮ମ), ହେଭିୱେଟ୍ ବକ୍ସର ଟାଇସନ ଫ୍ୟୁରୀ (୧୬୨ ମିଲିଅନ ପାଉଣ୍ଡ-୯ମ), ଫୁଟବଲ ଖେଳାଳି ହ୍ୟାରୀ କେନ୍ ଓ ଟେନିସ ଖେଳାଳି ଆଣ୍ଡି ମୁରେ (୧୧୦ ମିଲିଅନ ପାଉଣ୍ଡ- ଯୁଗ୍ମ ୧୦ମ) ରହିଛନ୍ତି। ଏହି ତାଲିକାରେ ଜଣେ ହେଲେ କ୍ରିକେଟ ଖେଳାଳି ନାହାନ୍ତି।

## ପୋଲାର୍ଡଙ୍କୁ ଜରିମାନା

ଧର୍ମଶାଳା, ୧୫।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ଏକ ରୋମାଞ୍ଚକ ମ୍ୟାଚରେ ଗୁରୁବାର ମୁମ୍ବଇ ଇଣ୍ଡିଆନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏହି ସାନ୍ତ୍ୱନାମୂଳକ ବିଜୟ ପରେ ଦଳର କୋଚ୍ କାଇରନ ପୋଲାର୍ଡଙ୍କୁ ଏକ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଚରଣ ସଂହିତା ଉଲ୍ଲଂଘନ ଲାଗି ବିସିସିଆଇ ପୋଲାର୍ଡଙ୍କୁ ଜରିମାନା ଲଗାଇଛି। ପୋଲାର୍ଡଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏଥିସହ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ମିଳିଛି। ପଞ୍ଜାବ ଇନିଂସର ୧୯ତମ ଓଭରରେ ପୋଲାର୍ଡ ଚତୁର୍ଥ ଅମ୍ପାୟାରଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାର କରିଥିଲେ।

## ପାକିସ୍ତାନ ୮ ଡବ୍ଲୁଟିସି ପଏଣ୍ଟ ହରାଇଲା

ଦୁବାଇ,୧୫।୫(ଏଜେନ୍ସି): ବାଂଲାଦେଶଠାରୁ ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ପାକିସ୍ତାନ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ୮ଟି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହରାଇଛି। ପାକିସ୍ତାନର ଦୋଷ ହେଲା ବାଂଲା ବିପକ୍ଷରେ ମନ୍ଥର ଗତିରେ ବୋଲିଂ କରିବା। ଏହି ଟେଷ୍ଟର ନିର୍ଦ୍ଧାରିତ ସମୟରେ ପାକିସ୍ତାନ ୮ ଓଭର କମ୍ ବୋଲିଂ କରିଥିଲା। ଯାହା ଫଳରେ ପାକିସ୍ତାନର ୪୦ ଶକଡ଼ା ମ୍ୟାଚ ଫି ଓ ୮ଟି ଡବ୍ଲ୍ୟୁଟିସି ପଏଣ୍ଟ କାଟି ନିଆଯାଇଛି। ଏହି ଦଣ୍ଡାଦେଶକୁ ପାକିସ୍ତାନ ଅଧିନାୟକ ଶାନ ମାସୁଦ ମାନିନେବା ଫଳରେ ଆଉ କୌଣସି ବିଚାରର ଆବଶ୍ୟକତା ପଡ଼ି ନ ଥିଲା।

### ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ

# ସ୍ୱସ୍ତିକଙ୍କୁ ୭ ୱିକେଟ୍; ବରୁଣ-ଅମନଙ୍କ ଶତକ

ଭୁବନେଶ୍ୱର, ୧୫।୫ (ସମିସ)







ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ର ୪ର୍ଥ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳରେ ୩ଟି ଉଲ୍ଲେଖନୀୟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର-ବି'ର ସ୍ୱସ୍ତିକ ଘୋଷାଲ ୭ ୱିକେଟ୍ ହାସଲ କରିଥିବାବେଳେ ସମ୍ବଲପୁର-ଏ'ର ବରୁଣ ନାଗ ଓ କେନ୍ଦ୍ରାପଡ଼ାର ଅମନ ଦାସ ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଛନ୍ତି।

ରେଭେନସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭୪ ରନରେ ଗଜପତିକୁ, ବିଡ଼ାନାସୀ ଗ୍ରାଉଣ୍ଡରେ ନୟାଗଡ଼ ୩ ୱିକେଟରେ ପାରାଦୀପକୁ, ସମ୍ବଲପୁର-ଏ, ୩୩ ରନରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୬ ୱିକେଟରେ ନବରଙ୍ଗପୁରକୁ, କେନ୍ଦ୍ରାପଡ଼ା ୧୩୯ ରନରେ ସମ୍ବଲପୁର-ବି'କୁ, କନ୍ଧମାଳ ୧ ୱିକେଟରେ ବୌଦ୍ଧକୁ, କଟକ-ବି ୪ ୱିକେଟରେ ଦେଓଗଡ଼କୁ, ଯାଜପୁର ୮୭ ରନରେ କିଟ୍‌କୁ ଏବଂ ରାଉରକେଲା ୨୫୩ ରନରେ ରାୟଗଡ଼ାକୁ ଦୟନୀୟ ଭାବେ ପରାସ୍ତ କରିଛି। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରାଉରକେଲା ୪୭ ଓଭରରେ ୯ ୱିକେଟ ହରାଇ ୩୦୨ ରନ କରିଥିଲା। ଜବାବରେ ରାୟଗଡ଼ା ୨୪ ଓଭରରେ ମାତ୍ର ୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଉରକେଲାର ରାଜା ଯାଦବ (୩ ୱିକେଟ), ଯାଜପୁରର ନସୀମ ଅହମ୍ମଦ (୩ ୱିକେଟ ଓ ୨୪ ରନ), କଟକର ଅଭିଷେକ ସେନାପତି (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ସିନ୍ଧୁ, ଲକ୍ଷ୍ୟଙ୍କ ବିଦାୟ

ବ୍ୟାଙ୍କକ୍, ୧୫।୫ (ଏଜେନ୍ସି): ଚାରି କୋଟି ୭୮ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଷ୍ଟାର୍ ସଟଲର୍ ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ହାରି ବିଦାୟ ନେଇଛନ୍ତି। ତେବେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ ସିନ୍ଧୁ ୨୧-୧୯, ୧୮-୨୧, ୧୫-୨୧ ଗେମରେ ଟପ୍ ସିଡ୍ ଅକାନେ ୟାମାଗୁଚିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ପୁରୁଷ ବିଭାଗରେ ଲକ୍ଷ୍ୟ ସେନ ୫୩ ମିନିଟ ମଧ୍ୟରେ ୧୯-୨୧, ୧୬-୨୧ ସିଧାସଳଖ ଗେମରେ ବିଶ୍ୱର ୨ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ୍ ଭିତିଦର୍ଶନଙ୍କଠାରୁ ହାରିଯାଇଛନ୍ତି। ତେବେ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ବିଜୟୀ ହୋଇ ଭାରତ ପାଇଁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଟପ୍ ସିଡ୍ ଏହି ଭାରତୀୟ ଯୋଡ଼ି ୨୧-୧୨, ୨୧-୧୩ ଗେମରେ ଜାପାନର ତାକୁମି ନୋମୁରା ଓ ୟୁଚି ଶିମୋଗାମି ଯୋଡ଼ିଙ୍କୁ ପରାସ୍ତ କରିଥିଲେ।

### ସେମିରେ ସାତ୍ତ୍ୱିକ-ଚିରାଗ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS